

# "ମାଟିର ମଣିଷ

# ପ୍ରଫେସର ସୁବାଷ ନାୟକ"

(ଏକ ଆତ୍ମଜୀବନୀ)

# ଉତ୍ସର୍ଗ



ମୋର ଏ ସାରସ୍ୱତ ସମ୍ଭାର – ମୋ ଜୀବନୀ ଓ ସୃଜନୀର ସମଷ୍ଟି – ମାଟିର ମଣିଷ – ପ୍ରଫେସର ସୁବାଷ ନାୟକ – (ଏକ ଆତ୍ମଜୀବନୀ) କୁ ଏ ଦୁନିଆଁକୁ ମୋତେ ଆଣିଥିବା ମୋ ଜନ୍ମଦାତ୍ରୀ ମା' – ଭାରତୀ ଦେବୀଙ୍କୁ ଏ ପୁସ୍ତିକାଟିକୁ ଉତ୍ସର୍ଗ କରୁଅଛି ।

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦ୍ୱପି ଗରୀୟସୀ" ନ୍ୟାୟରେ ମୁଁ ଜଣେ ମାଟିର ମଣିଷ – ମାଟିରେ ଭୂମିଷ୍ଠ ନେଇଅଛି ଓ ମାଟିରେ ହିଁ ବିଦାୟନେବି । ମୃତ୍ୟୁ ହିଁ ଧ୍ରୁବ ସତ୍ୟ – କର୍ମ ହିଁ ଜୀବନର ଅଲିଭା ଦୀପ । କର୍ମସାଧନା ବଳରେ ଜଣେ ପ୍ରଫେସର ଭାବରେ ଓଡିଆ ଜାତି ଓ ଓଡିଆ ସାହିତ୍ୟ ର ଜଣେ ସେବକ ।

ଗୁଣମୁଗ୍ଧ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

## ଆତ୍ମଜୀବନୀକାରଙ୍କ କଲମରୁ .....

ମୁଁ କଦାପି ସ୍ୱପ୍ନରେ ଭାବିନଥିଲି ଯେ ମୁଁ ମୋର ଆତ୍ମଜୀବନୀ ଲେଖିବି ବୋଲି, ମୋର ୧୪ ଗୋଟି ସାହିତ୍ୟ ପୁସ୍ତକ ମଧ୍ୟରୁ - ଅସ୍ତମିତ ସୂର୍ଯ୍ୟ - ବାବାଜୀ - (ଏକ ସାମାଜିକ ନାଟ୍ୟ ସାହିତ୍ୟ) - ବାବାଜୀ ମୋ ଜେଜେବାପା । ମୋ ବାପାଙ୍କ ଜୀବନୀ ପୁସ୍ତକ ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା - (ଏକ ଜୀବନୀ ସାହିତ୍ୟ) ଓ ମୋ ମା' ଭାରତୀ ନାୟକ ଙ୍କ ଉପରେ ଆଧାରିତ - ଭାରତୀ ଦେବୀ - (ଏକ ନାରୀ କେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ) ପ୍ରମୁଖ ପୁସ୍ତକ ଅଟେ । ମୋ ମା' ମୋତେ କହିଲେ ତୁ ଆମ (ବାପା-ମା'-ଜେଜେ)ଙ୍କ ପାଇଁ ତୋ ସାହିତ୍ୟ ଦ୍ୱାରା କିଛି କରିଲୁ । ଏଥର ତୋର ପାଇଁ କିଛି ଲେଖାଲେଖି କର, ଯାହାକି ତୋ ପିଲାମାନେ (ଶିକ୍ଷାର୍ଥୀ)ମାନେ ତୋ ବିଷୟରେ (ଜୀବନୀ ଓ ସୃଜନୀ) ଅଧିକରୁ ଅଧିକ ଜାଣିପାରିବେ ଓ ତୋର ସାହିତ୍ୟ ଉପରେ ବିଶ୍ୱବିଦ୍ୟାଳୟରୁ ଗବେଷଣା କରି ଡକ୍ଟରେଟ୍ ଉପାଧି ପାଇପାରିବେ ତୁ ଯେପରି ନନ୍ଦିନୀ ଶତପଥି ଙ୍କ ସାହିତ୍ୟରେ ଗବେଷଣା କରି ପିଏଚ୍.ଡି. ଉପାଧି ପାଇଛୁ ।

ବାସ୍ତବିକ୍ ମୋ ଜନ୍ମଦାତ୍ରୀ ମା'ଙ୍କର ମିଠାକଥା (ଉପଦେଶକୁ) ମୁଁ ଟାଳିପାରିଲି ନାହିଁ । ମୁଁ ଜଣେ ସାଧାସିଧା ମଣିଷ - ମାଟିର ମଣିଷ - ଏ ମାଟିରେ ଭୂମିଷ୍ଠ ଓ ଏ ମାଟିରୁ ବିଦାୟ ନେବି । ମାତ୍ର ମୋର କର୍ମସାଧନା ମୋତେ ଜଣେ ପ୍ରଫେସର ଭାବରେ ଓଡିଆ ଜାତି ଓ ଓଡିଆ ସାହିତ୍ୟରେ ମନେରଖିବା ପାଇଁ ମୋ ଜୀବନୀ ଓ ସୃଜନୀକୁ ନେଇ ମୋର ମନର ପରିକଳ୍ପନା -

ମାଟିର ମଣିଷ

ପ୍ରଫେସର ସୁବାଷ ନାୟକ

(ଏକ ଆତ୍ମଜୀବନୀ)

ମୋର ଜୀବନର ଜନ୍ମ, ଶିକ୍ଷା, କର୍ମ, ବିବାହ (ପରିବାର), ସାରସ୍ୱତସାଧନା, କର୍ମ ସାଧନା, ଗବେଷଣା ପ୍ରଭୃତିରେ ନିଜର ସ୍ୱାକ୍ଷର ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ମୋ ଜୀବନ ପରିଧିରେ ଚାରିନାରୀ, ଏତଦବାଦ୍ ରାଷ୍ଟ୍ରସେବା (ରାଜନୀତି ଓ ରାଷ୍ଟ୍ରନୀତି)କୁ ଜୀବନରେ ପ୍ରାଧାନ୍ୟ ସହିତ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାବରେ କାର୍ଯ୍ୟ କରିବାକୁ ଜିଜ୍ଞାସା ଆଦି ଏଥିରେ ବର୍ଣ୍ଣିତ ।

ମୋର ଏ ସାରସ୍ୱତ ସମ୍ଭାର - ମାଟିର ମଣିଷ - ପ୍ରଫେସର ସୁବାଷ ନାୟକ - (ଏକ ଆତ୍ମଜୀବନୀ) ପୁସ୍ତିକାଟିକୁ ମୋ ଜନ୍ମଦାତ୍ରୀ ମା' ଭାରତୀଦେବୀ ଙ୍କୁ ଉତ୍ସର୍ଗ କରୁଅଛି । ମାତୃଋଣ ଜୀବନରେ ଶୁଝିହୁଏ ନାହିଁ, ମୁଁ ବା ସେଥିରୁ ବାଦ୍ ପଡନ୍ତି କିପରି ।

ଗୁଣମୁଗ୍ଧ ସାହିତ୍ୟସେବକ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

# ମାଟିର ମଣିଷ

## ପ୍ରଫେସର ସୁବାଷ ନାୟକ

### (ଏକ ଆତ୍ମଜୀବନୀ)

## ସୂଚୀପତ୍ର


| | ପୃଷ୍ଠା |
|---|---|
| ଉପକ୍ରମ - ଭୁବନ ..... | ୧ |
| ସୁବାଷ ଙ୍କ ଜନ୍ମବୃତ୍ତାନ୍ତ | ୨ |
| ସୁବାଷ ଙ୍କ ଶିକ୍ଷା | ୩ |
| ସୁବାଷ ଙ୍କ କର୍ମସାଧନା | ୪ |
| ସୁବାଷ ଙ୍କ ପରିବାର | ୫ |
| ସୁବାଷ ଙ୍କ ସାଧନା | ୬ |
| ସାହିତ୍ୟିକ | ୭-୧୧ |
| ଗବେଷକ | ୧୨-୧୬ |
| ଅଧ୍ୟାପକ | ୧୭-୧୯ |
| ପଦପଦବୀ | ୨୦-୨୧ |
| ସମ୍ମାନ ଓ ପୁରସ୍କାର | ୨୨ |
| ସୁବାଷ ଙ୍କ ସ୍ୱପ୍ନ | |
| ରାଜନୀତି ଓ ରାଷ୍ଟ୍ରନୀତି | ୨୩-୨୭ |
| ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି | |
| ସୁବାଷ ଙ୍କ ଜୀବନୀ ପରିଧିରେ | |
| ଚତୁର୍ଦ୍ଧାମୂର୍ତ୍ତି (ଚାରିନାରୀ) | |
| ଭାଉଜ, ଧର୍ମପତ୍ନୀ, ଶାଳୀ, କନ୍ୟାରତ୍ନ | ୨୮-୪୦ |
| ସୁବାଷ ଙ୍କ ଲକ୍ଷ୍ୟ - ସାଂସଦ | ୪୧-୪୯ |
| ସୁବାଷ ଙ୍କ ଇଚ୍ଛା - ବିଶ୍ୱବିଦ୍ୟାଳୟ - ପ୍ରଫେସର | ୫୦ |
| ଫଟୋ ସ୍ମୃତିରେ ପ୍ରଫେସର ସୁବାଷ ନାୟକ | ୫୧-୮୦ |

# ମାଟିର ମଣିଷ

# ପ୍ରଫେସର ସୁବାଷ ନାୟକ

# (ଏକ ଆତ୍ମଜୀବନୀ)

## ଉପକ୍ରମ - ଭୁବନ .....

ସୁବାଷ ନାୟକ (୧୪/୦୭/୧୯୭୭) ଜନ୍ମ - ଏସିଆ ମହାଦେଶର ସର୍ବବୃହତ୍ତ ଗ୍ରାମ ଭୁବନ, ୧୯୭୨ ମସିହାରୁ ସହର ର ମାନ୍ୟତାପ୍ରାପ୍ତ । ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ସହର । ଭାରତୀୟ ସ୍ୱାଧିନତା ସଂଗ୍ରାମର କିଶୋର ଶହୀଦ୍ ବାଜିରାଉତ ଙ୍କ ଜନ୍ମମାଟି ଭୁବନ । ଏଠିକାର କଂସା, ପିତ୍ତଳ ବାସନ ସାମଗ୍ରୀ ଓଡିଶା ପ୍ରସିଦ୍ଧ । କାରିଗରଙ୍କ କାରୁକାର୍ଯ୍ୟ ଓଡିଶାରେ ସୁବିଦିତ । ଏଠାକାର ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱର ମନ୍ଦିର ପର୍ଯ୍ୟଟନ ସ୍ଥଳୀରେ ମାନ୍ୟତାପ୍ରାପ୍ତ । ୩୬ ପାଟକର ଲୋକମାନେ ଏଠାରେ ବସବାସ କରିଥାନ୍ତି ।

## ସୁବାଷ ଙ୍କ ଜନ୍ମବୃତ୍ତାନ୍ତ

ଏହି ଗାଁର ବିଶିଷ୍ଟ ତୁଳା ବ୍ୟବସାୟୀ ସ୍ୱର୍ଗତ ବାବାଜୀ ନାୟକ ଙ୍କ ନାତି ତଥା ବିଶିଷ୍ଟ କାଠଶିଳ୍ପୀ ରାମଚନ୍ଦ୍ର ନାୟକ ଙ୍କ ସୁପୁତ୍ର ସୁବାଷ ନାୟକ । ବାପା ରାମଚନ୍ଦ୍ର ଓ ମା' ଭାରତୀଦେବୀ ଙ୍କ ଚାରିଜଣ ସନ୍ତାନ ସନ୍ତତି ମଧ୍ୟରେ ସୁବାଷ ବଡପୁଅ । ଏକମାତ୍ର ବଡନାନୀ - ଲେଖିକା ଜୟନ୍ତୀ, ଦୁଇ ସାନଭାଇ - ଓକିଲ ପ୍ରକାଶ ଓ ଶିକ୍ଷକ ମାନସ ଙ୍କୁ ନେଇ ଶ୍ରୀରାମ ପରିବାର । ଜେଜେବାପା ବାବାଜୀ ଙ୍କ ପୈତୃକ ଘର ଭୁବନ ପୋଥାଳ ସାହିରେ ସୁବାଷ ଜନ୍ମିତ, ମାତ୍ର ଦୁଇବର୍ଷ ବୟସ ବେଳେ ବାପା ରାମଚନ୍ଦ୍ର ଙ୍କ ନିର୍ମିତ ଭୁବନ ବଡହାଟର ଶ୍ରୀରାମ ନିବାସରେ ବର୍ତ୍ତମାନ ଅବସ୍ଥାପିତ ।

## ସୁବାଷ ଙ୍କ ଶିକ୍ଷା

ବାପା ରାମଚନ୍ଦ୍ର ଜଣେ ସୃଜନଶୀଳ କାଠଶିଳ୍ପୀ ସହିତ ଜଣେ ରାଜନେତା ଅଟନ୍ତି । ମା' ଭାରତୀଦେବୀ ଜଣେ ସାଧାରଣ ଗୃହିଣୀ । ସୁବାଷ ଙ୍କ ଶିକ୍ଷା ଆରମ୍ଭ ହୋଇଥାଏ - ଚାରି ଓ ପାଞ୍ଚ ଦୁଇବର୍ଷ ଭୁବନର ଏକ ଚାଟଶାଳୀରେ । ଶିକ୍ଷକ ଥାଆନ୍ତି - ବାସୁଦେବ ବେହେରା (ବୁଲା) । ପରେପରେ ଛ'ବର୍ଷ ଆରମ୍ଭ ହେବା କ୍ଷଣି ଭୁବନ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଦୀର୍ଘ ସାତବର୍ଷ ସେ ସେଠାରେ ପଢନ୍ତି ସହପାଠୀ ଓ ସହପାଠିନୀ ତଥା ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କ ଗ୍ରହଣରେ ।

ପରବର୍ତ୍ତୀ ସମୟରେ ଭୁବନ ହାଇସ୍କୁଲରେ ତିନିବର୍ଷ - ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପାଠପଢି ୧୯୯୩ ମସିହାରେ କାମାକ୍ଷାନଗର ର ସାରଙ୍ଗଧର ହାଇସ୍କୁଲରୁ ପରୀକ୍ଷାଦେଇ ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ୍ ପାସ୍ ।

ପରେ ଉଚ୍ଚଶିକ୍ଷା ପାଇଁ ଭୁବନର ବାଜିରାଉତ ମେମୋରିଆଲ କଲେଜରେ +୨ ଓ +୩ (କଳା) ପାଠପଢି - +୨ରେ ଦ୍ୱିତୀୟ ଶ୍ରେଣୀ ଓ +୩ରେ ଶିକ୍ଷା ସମ୍ମାନ ଓ ଓଡିଆ ବିଷୟ ସହିତ ପ୍ରଥମ ଶ୍ରେଣୀରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଫଳତାର ସହିତ ଉତ୍ତୀର୍ଣ୍ଣ । ବାପା ରାମଚନ୍ଦ୍ର କଲେଜର ଗଭର୍ନିଙ୍ଗ ବଡି ସଦସ୍ୟ (ଢେଙ୍କାନାଳ ଏମ୍.ପି. ନୋମିନୀ) ଭାବରେ କାର୍ଯ୍ୟ କରୁଥିଲେ । ସୁବାଷ ଥିଲେ ଜଣେ ଛାତ୍ରନେତା ତଥା ଓଡିଆ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ।

ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୨୦୦୧ ମସିହାରେ ଓଡିଆ ଭାଷା ଓ ସାହିତ୍ୟରେ ଏମ୍.ଏ. ପାସ୍ କରିବା ସହ ବିଭିନ୍ନ ସାରସ୍ୱତ ସଭାରେ ଯୋଗଦାନ ସହ ଭୁବନରେ ଘରୋଇ ଭାବରେ ଶିକ୍ଷାଦାନ କରିଲେ । ବାଜିରାଉତ କଲେଜର ଓଡିଆ ଭାଷା ଓ ସାହିତ୍ୟରେ ବିଭିନ୍ନ ଜାତୀୟ ସଂପାନରେ ଯୋଗଦାନ ତାଙ୍କ ସାହିତ୍ୟିକ ଜୀବନକୁ ଉନ୍ନତ କରିପାରିଥିଲା ।

ସମୟପୋଯୟୀ ଉଚ୍ଚଶିକ୍ଷା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା (ପିଏଚ୍.ଡି.) ପରୀକ୍ଷାରେ ବିଫଳତା ହୋଇ ପରିଶେଷରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ - "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥି ଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି ଗାଇଡି ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁଙ୍କ ତତ୍ତ୍ୱବଧାନରେ ଡକ୍ଟରେଟ୍ ପିଏଚ୍.ଡି. ଉପାଧି ପାଇଲେ ।

ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା ପୋଷ୍ଟ ଡକ୍ଟରାଲ / ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ଉପାଧି ପାଇଁ ସନ୍ଦର୍ଭ - "ଓଡିଆ ସାହିତ୍ୟ ର କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟ ର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ" ପ୍ରସଙ୍ଗରେ ଗବେଷଣା ପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲୁରହିଛି ।

## ସୁବାଷ ଙ୍କ କର୍ମ ସାଧନା

ଓଡିଆ ସାହିତ୍ୟରେ (ଏମ୍.ଏ.) ପାସ୍‌ପରେ ଓଡିଆ ଭାଷା ଓ ସାହିତ୍ୟ ର ଜଣେ ଅଧ୍ୟାପକ ଭାବରେ ଘରୋଇ ଭାବରେ ଉଚ୍ଚ ମାଧ୍ୟମିକ (+୨) ସ୍ତରରେ ଶିକ୍ଷାଦାନ କରିବାରେ ଲାଗିଲେ । ନିକଟସ୍ଥ ବାଜିରାଉତ କଲେଜରେ ଓଡିଆ ଭାଷା ଓ ସାହିତ୍ୟ ର ବିଭାଗରେ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଯୋଗଦେଇ ନିଜର ଉଚ୍ଚକୋଟୀର ସନ୍ଦର୍ଭ ଦ୍ୱାରା ଶିକ୍ଷାର୍ଥୀ ତଥା ଶିକ୍ଷକ ମଣ୍ଡଳୀଙ୍କ ପ୍ରିୟ ଭାଜନ ହୋଇ ପାରିଥିଲେ ଓ ଶିକ୍ଷାର୍ଥୀଙ୍କୁ ମାର୍ଗ ଦର୍ଶନ କରି ପାରିଥିଲେ ।

ପରେ ଗବେଷଣାରେ ସମୟ ଦେବାସହ ସାହିତ୍ୟ ସାଧନାରେ ମନୋନିବେଶ କରିବା ସହିତ ରାଜନୀତିରେ ରୁଚି ମଧ୍ୟ ରଖିଥିଲେ । ଡକ୍ଟରେଟ୍ ଉପାଧି ପରେ ସ୍ଥାୟୀ ଭାବରେ ଓଡିଆ ସାହିତ୍ୟ ର ଅଧ୍ୟାପକ ଭାବରେ ଯୋଗଦାନ - ଢେଙ୍କାନାଳର ବିଦ୍ୟାର୍ଥୀ ରେସିଡେଣ୍ଟାଲ କଲେଜ (+୨, ବିଜ୍ଞାନ) କଲେଜର ଚେୟାରମ୍ୟାନ ଜ୍ଞାନେନ୍ଦ୍ର କୁମାର ସାହୁ ତଥା ସମସ୍ତ ଅଧ୍ୟାପକ ଓ ଶିକ୍ଷାର୍ଥୀମାନଙ୍କ ପାଖରେ ପ୍ରିୟପାତ୍ର ହୋଇ ପାରିଛନ୍ତି ।

ସମୟର ସ୍ରୋତରେ ଓଡିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ - ଟେଟ୍ରାହେଡ୍ରନ କଲେଜ, ଟାଙ୍ଗୀ, କଟକରେ ସ୍ଥାୟୀ ଓଡିଆ ସାହିତ୍ୟ ର ଅଧ୍ୟାପକ ଭାବରେ ଯୋଗଦାନ କରନ୍ତି - ୨୦୧୭ ମସିହା ଜାନୁୟାରୀ ୧୭ ତାରିଖରେ । +୨, ବିଜ୍ଞାନ ସ୍ତରରେ ଓଡିଆ ଶିକ୍ଷାଦାନ ପରେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ତ୍ରିଦେବ ଡିଗ୍ରୀ କଲେଜରେ ଓଡିଆ ଭାଷା ଓ ସାହିତ୍ୟ ର ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ସହିତ ଭାଇସ୍-ପ୍ରିନିସ୍‌ପାଲ ପଦବୀରେ କାର୍ଯ୍ୟ ସହିତ ଭାରପ୍ରାପ୍ତ ପ୍ରିନିସ୍‌ପାଲ ଭାବରେ ମଧ୍ୟ କାର୍ଯ୍ୟ ସୂଚାରରୂପେ ତୁଲାଇଅଛନ୍ତି ଅଦ୍ୟାବଧି । ଅଧ୍ୟାପକ ତ୍ରିଦେବ ବେହେରା - ଏହି କଲେଜର ଚେୟାରମ୍ୟାନ ଅଟନ୍ତି ।

ତ୍ରିଦେବ ଡିଗ୍ରୀ କଲେଜ ସୁବାଷ ଙ୍କ ଜୀବନକୁ ଉନ୍ନତି ମାର୍ଗକୁ ନେଇ ଯାଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଅଧ୍ୟାପକ, ସାହିତ୍ୟିକ ଓ ଗବେଷକ ଭାବରେ ସେ ଏକ ସ୍ୱତନ୍ତ୍ର ପରିଚୟ ଏହି କର୍ମକ୍ଷେତ୍ରରୁ ପାଇପାରିଛନ୍ତି । ବର୍ତ୍ତମାନ କୋଡିଏ ବର୍ଷରୁ ଅଭିଜ୍ଞତା ସମ୍ପର୍ଣ୍ଣ ଅଧ୍ୟାପକ ।

## ସୁବାଷ ଙ୍କ ପରିବାର

ବାପା ରାମଚନ୍ଦ୍ର ଓ ମା' ଭାରତୀଦେବୀ ଙ୍କୁ ନେଇ ଶ୍ରୀରାମ ପରିବାର । ଏହି ପରିବାର ଭୁବନ ସହର ର ଗୋଟିଏ ପ୍ରତିଷ୍ଠିତ ପରିବାର ଅଟେ । ରାମଚନ୍ଦ୍ର ଜଣେ ରାଜ୍ୟ ଓ ଜାତୀୟ ସ୍ତରୀୟ ସ୍ୱୀକୃତିପ୍ରାପ୍ତ ଷାଠିଏ ବର୍ଷର ଅଭିଜ୍ଞତା ସମ୍ପନ୍ନ କାଠଶିଳ୍ପୀ ଓ ଢେଙ୍କାନାଳର ସର୍ବୋଚ୍ଚ ଶିଳ୍ପୀ ସମ୍ମାନ ମହିମା ହସ୍ତକଳା ସମ୍ମାନପ୍ରାପ୍ତ କାଠଶିଳ୍ପୀ । ଜଣେ ଚାଳିଶ ବର୍ଷର ଅଭିଜ୍ଞତା ସମ୍ପନ୍ନ ରାଜନେତା - ଭାରତୀୟ ଜନତା ପାର୍ଟି (ବିଜେପି) ଢେଙ୍କାନାଳ ଜିଲ୍ଲାର ଜିଲ୍ଲା ଉପସଭାପତି ସହିତ ରାଜ୍ୟସଭା ଏମ୍.ପି. ଙ୍କ ନୋମିନୀ ଭାବରେ କାର୍ଯ୍ୟ କରିଥିଲେ - ଭୁବନ ଏନ୍.ଏ.ସି. ରେ । ମା' ଭାରତୀଦେବୀ ଜଣେ ସାଧାରଣ ଗୃହିଣୀ । ଚାରିପିଲାଙ୍କୁ ମଣିଷ କରିବାରେ ତାଙ୍କ ଭୂମିକା ଅତୁଳନୀୟ ।

ବଡନାନୀ ଜୟନ୍ତୀ ଜଣେ ଲେଖିକା ତଥା ଓଡିଶା ଲେଖିକା ସଂସଦର ଆଜୀବନ ସଭ୍ୟା ଓ ତିନିଗୋଟି ପୁସ୍ତକ ସହ ବିଭିନ୍ନ ଲେଖା ଓ ପତ୍ର ପତ୍ରିକାରେ ପ୍ରକାଶିତ । କେନ୍ଦ୍ରାପଡା ଜିଲ୍ଲା ଓଳକଣା ନିବାସୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନନ୍ଦକିଶୋର ଲେଙ୍କା ଙ୍କ ମଧ୍ୟମପୁଅ ମହେନ୍ଦ୍ର କୁମାର ଲେଙ୍କା ତାଙ୍କ ସ୍ୱାମୀ । ମହେନ୍ଦ୍ର ଜଣେ ସାମ୍ବାଦିକ ତଥା ଟ୍ରାନ୍ସପୋର୍ଟର ସହ ଗ୍ୟାସ ବ୍ୟବସାୟ ଭାବରେ କାର୍ଯ୍ୟରତ । ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରୁ ଜୟନ୍ତୀ ଓ ମହେନ୍ଦ୍ର ଦୁହେଁ ଅଣ୍ଡର ଗ୍ରାଜୁଏଟ୍ । ଦୁଇଝିଅ - ରାଜେଶ୍ୱରୀ (ଲିସା) ଓ ବ୍ରଜେଶ୍ୱରୀ (ଇସା) କୁ ନେଇ ତାଙ୍କ ପରିବାର । ଜୟନ୍ତୀ ଢୋରାବିଶ୍ ବ୍ଲକ୍‌ର ଏଣ୍ଡର ପଚାଂୟତା ନିର୍ବାଚିତ ୱାର୍ଡ ପ୍ରତିନିଧି ଭାବରେ କାର୍ଯ୍ୟ କରିଥିଲେ ।

ସୁବାଷ କର୍ମରେ ଜଣେ ଅଧ୍ୟାପକ । ଐତିହାସିକ କଟକ ସହର ର ଚାଉଳିଆଗଞ୍ଜ ନିବାସୀ - ଟେଲର ମାଷ୍ଟର ସୁରେନ୍ଦ୍ର ସାହୁ ଓ ସୁଭଦ୍ରା ସାହୁ ଙ୍କ କନ୍ୟା ତୁଳସୀ ସାହୁ (ଟିକି) ଙ୍କୁ ୧୨ ଜୁନ୍, ୨୦୧୫ ମସିହାରେ ବୈଦିକ ରୀତିରେ ବିବାହ କରନ୍ତି । ତୁଳସୀ ଏକ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଆକାଉଣ୍ଟାଣ୍ଟ ସେକ୍ସନରେ କାର୍ଯ୍ୟ କରୁଥିଲେ । ବିବାହ ପରେ ଘରୋଇ ଭାବରେ ଇଂରାଜୀ ସାହିତ୍ୟରେ (ଏମ୍.ଏ.) ପାସ୍‌କରି ଜଣେ ଘରୋଇ ଶିକ୍ଷୟତ୍ରୀ ଭାବରେ କାର୍ଯ୍ୟରତ । ଏକ ଭାଇ ଓ ଚାରିଜଣ ଭଉଣୀ ଙ୍କୁ ନେଇ ତୁଳସୀ ଙ୍କ ପରିବାର । ସୁବାଷ ଓ ତୁଳସୀ ଙ୍କ ଏକମାତ୍ର କନ୍ୟାରତ୍ନ ତେଜସ୍ୱିନୀ ନାୟକ (ଲକି) ବିଦ୍ୟାରମ୍ଭ କରିଅଛି ।

ମଧ୍ୟମପୁତ୍ର ଆଡଭୋକେଟ୍ ପ୍ରକାଶ ନାୟକ (ବି.ଏ., ଏଲ୍.ଏଲ୍.ବି.) ଭୁବନ ଜୁଡିସିଆଲ କୋର୍ଟରେ କାର୍ଯ୍ୟରତ । ବାଲେଶ୍ୱର ସହରରେ ବିବାହିତ । ଧର୍ମପତ୍ନୀ ସୁପ୍ରଭା ଟାଲଡୀ (ନିନୀ) (ବି.ଏ., ବି.ଇଡି.) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ । ଏକମାତ୍ର ପୁତ୍ର ଅଶୁଂମାନ (ରାଜା) ଙ୍କୁ ନେଇ ପରିବାର ।

କନିଷ୍ଠପୁତ୍ର ଶିକ୍ଷକ ଡକ୍ଟର ମାନସ ନାୟକ, ଇଂରାଜୀ ସାହିତ୍ୟରେ (ଏମ୍.ଏ.), ବି.ଇଡି. ଡିଗ୍ରୀ ସହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ, ଜଣେ ଲେଖକ ତଥା ଗବେଷକ । ନବୀନ ପଟ୍ଟନାୟକ ଙ୍କ ସାରସ୍ୱତ କୃତି ଉପରେ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିପ୍ରାପ୍ତ । ଢେଙ୍କାନାଳର ରାସୋଳରେ ବିବାହିତ । ଧର୍ମପତ୍ନୀ ଶିବାନୀ ସାହୁ (ବି.ଏସ୍‌ସି., ସିଟି), ଘରୋଇ ସ୍କୁଲରେ ଶିକ୍ଷୟତ୍ରୀ, ଏକମାତ୍ର ପୁତ୍ର ସନ୍ତାନ ଜ୍ୟୋତିଆଦିତ୍ୟ (ଆଦି) କୁ ନେଇ ପରିବାର ।

ଏକାନ୍ନବର୍ତ୍ତୀ ପରିବାରରେ ବାପା ଓ ମା' ଙ୍କ ସହିତ ସମସ୍ତେ ନିଜ ନିଜର ଭାବର ଆଦାନ ପ୍ରଦାନ କରିଥାନ୍ତି - ବସୁଧୈବ କୁଟୁମ୍ବକମ୍ ନ୍ୟାୟରେ ।

## ସୁବାଷ ଙ୍କ ସାଧନା

ଡକ୍ଟର ସୁବାଷ ନାୟକ ଜଣେ ଅଧ୍ୟାପକ, ସାହିତ୍ୟିକ ଓ ଗବେଷକ ଭାବରେ ଓଡିଶାରେ ପରିଚିତ । ୧୫ ଗୋଟି ସାରସ୍ୱତ ପୁସ୍ତକର ଲେଖକ ଭାବରେ ଓଡିଆ ସାହିତ୍ୟ ର ଜଣେ ସାହିତ୍ୟିକ ଭାବରେ ପରିଚିତ ।

ଷାଠିଏ ଗୋଟି ଗବେଷଣା ପତ୍ରର ସେ ଗବେଷକ । ଏସବୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି ।

ଚାଳିଶ ଗୋଟି ଜାତୀୟ ଓ ଆନ୍ତର୍ଜାତୀୟ ସଂପାନ (ସେମିନାର)ରେ ଯୋଗଦାନ ଓ ପ୍ରବନ୍ଧ ପାଠ ଉପସ୍ଥାପନା ଜଣେ ଅଧ୍ୟାପକ ଭାବରେ ।

ଅନେକ ସାରସ୍ୱତ ଅନୁଷ୍ଠାନ ସହିତ ଜଡିତ ରହିବା ସହିତ ଅନେକ ଅନୁଷ୍ଠାନରୁ ସମ୍ମାନୀତ ଓ ପୁରସ୍କୃତ ମଧ୍ୟ ।

## ସାହିତ୍ୟିକ

ଡକ୍ଟର ସୁବାଷ ନାୟକ ଓଡିଆ ସାହିତ୍ୟ ର ଜଣେ ସାହିତ୍ୟିକ । ଓଡିଆ ସାହିତ୍ୟ ର ବିଭିନ୍ନ ବିଭାଗରେ ଯଥା - କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ଅନୁବାଦକ, ଜୀବନୀକାର, ପ୍ରାବନ୍ଧିକ, ସମାଲୋଚକ, ସମୀକ୍ଷକ, ସନ୍ଦର୍ଭକାର, ସଂକଳକ ଭାବରେ ନିଜର କଲମ ଚାଳନା କରି ଜଣେ ସାହିତ୍ୟିକ ଭାବରେ ପରିଚିତ ।

### ୧. କବିତା ସାହିତ୍ୟ -

କବିତା ପୁସ୍ତକ - "ପ୍ରିୟା" - ସୁବାଷ ଙ୍କ ମାନସର ସୃଷ୍ଟି । ଏଥିରେ ପଚାଶ ଗୋଟି କବିତା ସ୍ଥାନ ପାଇଅଛି । ପ୍ରେମ, ଅଭିମାନ, ପ୍ରଭୁସର୍ତ୍ତା, ରାଜନେତା, ବିରହ, ବେଦନାର ଆଧାରିତ ସ୍ୱ କବିତାଗୁଡିକ ରୂପମଣ୍ଡନ କରିଅଛି, କବିତା ସଂକଳନ "ପ୍ରିୟା" ପୁସ୍ତକରେ । ଏ ପୁସ୍ତକଟିକୁ କନ୍ୟାରତ୍ନା ତେଜସ୍ୱିନୀ (ଲକି) କୁ ଉତ୍ସର୍ଗ କରାଯାଇଅଛି ।

### ୨. ସମୀକ୍ଷା ସାହିତ୍ୟ -

"ବିଜୁ ଜନତା ଦଳ - ଓଡିଶା ଜନମାନସର ସେବକ" - ଏକ ରାଜନୈତିକ ଧର୍ମୀ ସମୀକ୍ଷା ସାହିତ୍ୟ । ଲେଖକ ସୁବାଷ ଏଠାରେ ବିଜୁ ପଟ୍ଟନାୟକ ଙ୍କ ଜୀବନୀ ତଥା ବିଜେଡିର ଉତ୍ଥାନ ଓଡିଶା ଓ ବିଜେଡି ଆଦିକୁ ସ୍ଥାନ ଦେଇଛନ୍ତି । ଏ ପୁସ୍ତକଟି ୨୬ ଡିସେମ୍ବର ୨୦୧୩ ମସିହାରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଉନ୍ମୋଚନ କରିଥିଲେ । ଏ ପୁସ୍ତକଟି ନବୀନ ପଟ୍ଟନାୟକ ଙ୍କୁ ଉତ୍ସର୍ଗ ସହିତ ନବୀନ ଙ୍କ ସ୍ୱାକ୍ଷର ରହିଅଛି (ଅଟୋଗ୍ରାଫ୍) ।

### ୩. ଅନୁବାଦ ସାହିତ୍ୟ -

"ଏକ ଯାତ୍ରା" - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - (ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦ ସାହିତ୍ୟ) - ଅନୁବାଦକ ସୁବାଷ ଏହାକୁ ନରେନ୍ଦ୍ର ମୋଦିଙ୍କ ଗୁଜୁରାଟୀ କବିତା ସଂକଳନ "ଆଖାଁ ଆ ଧନ୍ୟ ଛୋ" କୁ ଇଂରାଜୀରେ ରବିମନ୍ଥା ଅନୁବାଦ କରିଛନ୍ତି । ତାହାକୁ ସେ ଓଡିଆରେ ଅନୁବାଦ କରିଛନ୍ତି । ଏଥିରେ ୬୭ ଗୋଟି କବିତା ସ୍ଥାନୀତ । ନରେନ୍ଦ୍ର ମୋଦି ନିଜ ଜୀବନରେ ଘଟି ଯାଇଥିବା ଅନେକ ଘଟଣାକୁ କବିତା ମାଧ୍ୟମରେ ସ୍ଥାନ ଦେଇଅଛନ୍ତି । ଆଧାତ୍ମିକ, ସାଂସ୍କୃତିକ, ଦେଶଭକ୍ତି, କର୍ମ ସାଧନା ଆଦି ଏ କବିତାରେ ସ୍ୱଷ୍ଟ ଭାବରେ ଉଲ୍ଲେଖ ରହିଅଛି ।

ସୁବାଷ ଙ୍କ ପ୍ରେରଣାରେ ଏ କବିତା ସଂକଳନ "ଏକ ଯାତ୍ରା" - ୧୨ ଜଣ ଭାରତୀୟ କବି ଓ ୪ ଜଣ ବିଦେଶୀ କବିଙ୍କ ଦ୍ୱାରା ଅନୁବାଦ କାର୍ଯ୍ୟ ଚାଲୁ ରହିଛି । ଏହାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ - ଓଡିଆ ପୁଅ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କୁ ଉତ୍ସର୍ଗ କରାଯାଇଛି ।

### ୪. ଗବେଷଣାତ୍ମକ ସନ୍ଦର୍ଭ ସାହିତ୍ୟ -

ସୁବାଷ ଙ୍କ ଗବେଷଣା - "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥି ଙ୍କ ଅବଦାନ" ର ଫଳସୂତ୍ରୀ - ଗବେଷଣାତ୍ମକ ସନ୍ଦର୍ଭ ସାହିତ୍ୟ - "ସାରସ୍ୱତସାଧିକା ନନ୍ଦିନୀ ଶତପଥି" - ଏଥିରେ ନନ୍ଦିନୀ ଦେବୀଙ୍କ ସାହିତ୍ୟିକ ଜୀବନୀ ସହିତ ରାଜନୈତିକ ଜୀବନୀ ଉଲ୍ଲେଖିତ । ଏକଗୋଟି କବିତା - ଉତ୍ତର ପୁରୁଷ ଓ ଦୁଇଗୋଟି ଗଳ୍ପ ସଂକଳନ - କେତୋଟି କଥା, ସପ୍ତଦର୍ଶୀ ସହିତ ଚାରିଗୋଟି ଅନୁବାଦ ପୁସ୍ତକ - ତସ୍‌ଲିମା ନାସରିନ ଙ୍କ ଲଜ୍ୟା, ଅମୃତା ପ୍ରୀତମ ଙ୍କ ରେଭ୍ୟୁନ୍ ଟିକେଟ୍, ମହେଶ୍ୱତା ଦେବୀଙ୍କ ନିର୍ବାଚିତ ଗଳ୍ପ ଓ କୃଷ୍ଣା କ୍ରିପାଲିନୀ ଙ୍କ ଗାନ୍ଧୀ କଥାମୃତ କୁ ସେ ଓଡିଆରେ ଅନୁବାଦ କରିଥିଲେ । ତମାମ ରାଜନୈତିକ ଜୀବନ ମଧ୍ୟରେ ନନ୍ଦିନୀ ଦେବୀ ଓଡିଶାର ମୁଖ୍ୟମନ୍ତ୍ରୀ ତଥା ଭାରତର କେନ୍ଦ୍ରମନ୍ତ୍ରୀ ପଦବୀରେ ଥାଇ ମଧ୍ୟ ସାହିତ୍ୟ ସାଧନାକୁ ଭୁଲିପାରିନଥିଲେ । ତାହା ଏଥିରେ ବିଷାଦ ଭାବରେ ବର୍ଣ୍ଣିତ । ଏହି ପୁସ୍ତକଟିକୁ ନନ୍ଦିନୀ ଙ୍କ ଜୀବନୀ ଲେଖକ ଶ୍ରୀ ଆଶିଷ ରଞ୍ଜନ ମହାପାତ୍ର ଙ୍କୁ ଅର୍ପଣ କରାଯାଇଅଛି ।

### ୫. ଗଳ୍ପ ସାହିତ୍ୟ -

ସୁବାଷ ଙ୍କ ଗଳ୍ପ ସଂକଳନ - "ପଥହରା ପଥିକ" - ଏକ ଉଚ୍ଚକୋଟୀର ନିଜ ଅନୁଭୂତି ସମ୍ପର୍ଣ୍ଣ ଗଳ୍ପ ସାହିତ୍ୟଟିଏ । ନିଜ ଜୀବନ ମଧ୍ୟରେ ଘଟି ଯାଇଥିବା ଅନେକ ଘଟଣା ଓ ଦୁର୍ଘଟଣାକୁ ସଚରାଚରେ ଲେଖିବା କୌଣସି ଲେଖକ ଙ୍କ ପକ୍ଷରେ ଦୁଃରୂହ ବ୍ୟାପାର, ମାତ୍ର ସୁବାଷ ନିଜର ଭାବ ଓ ଭାଷାରେ ଏହାକୁ ଗଳ୍ପରେ ରୂପାନ୍ତରିତ କରିଛନ୍ତି । ଏଥିରେ ବାରଗୋଟି ଗଳ୍ପ ସ୍ଥାନୀତ ହୋଇଅଛି । ସେଗୁଡିକ ହେଲା - ପଥହରା ପଥିକ, ଜନ୍ମଲଗ୍ନ, ଶିକ୍ଷାଳୟ, କର୍ମକ୍ଷେତ୍ର, ଧର୍ମପତ୍ନୀ, ଭାଉଜ, ଶାଳୀ ଦୁଇଟି, ଭଉଣୀର ରାକ୍ଷୀ, ଭାଇବୋହୂ, ଗୁରୁଦେବ, ମହାମାରୀ କରୋନା ଆଣିଦେଲା ସାହିତ୍ୟ

ରଚନା, ପଥହରା ପଥିକର ସ୍ୱପ୍ନ ସାଂସଦ (ଏମ୍.ପି.) ପ୍ରମୁଖ ସ୍ଥାନ ପାଇଅଛି । ଏହି ପୁସ୍ତକଟି ସୁବାଷ ଙ୍କ ଧର୍ମପତ୍ନୀ ତୁଳସୀ ସାହୁ (ଟିକି) ଙ୍କୁ ଉତ୍ସର୍ଗ କରାଯାଇଛି ।

## ୬. ପ୍ରବନ୍ଧ ସାହିତ୍ୟ -

ସୁବାଷ ଙ୍କ "ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ" - (ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ) । ଏହି ପ୍ରବନ୍ଧ ସାହିତ୍ୟଟି ତାଙ୍କ ଉଚ୍ଚତର ଗବେଷଣା ପୋଷ୍ଟ-ଡକ୍ଟରାଲ / ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ବିଷୟବସ୍ତୁ - "ଓଡିଆ ସାହିତ୍ୟ ର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟ ର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ" ର ଝଲକ ଅଟେ । ଏଥିରେ ଉପକ୍ରମ (ଅଗ୍ରଲେଖ) ସହିତ ନରେନ୍ଦ୍ର ମୋଦି, ରାଷ୍ଟ୍ରନାୟକ ନରେନ୍ଦ୍ର ମୋଦି, ସାହିତ୍ୟସ୍ରଷ୍ଟା ନରେନ୍ଦ୍ର ମୋଦି, କବି ନରେନ୍ଦ୍ର ମୋଦି ଏବଂ କାଳିନ୍ଦୀଚରଣ ପାଣିଗ୍ରାହୀ, ସାରସ୍ୱତସାଧକ କାଳିନ୍ଦୀଚରଣ ପାଣିଗ୍ରାହୀ, କବି କାଳିନ୍ଦୀଚରଣ ପାଣିଗ୍ରାହୀ ତଥା ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ ଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତ୍ତୋରଣ ଓ ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ ଆଦି ବିଷାଦ ଭାବରେ ବର୍ଣ୍ଣିତ ହୋଇଅଛି । ପରିଶେଷରେ ସହାୟକ ଗ୍ରନ୍ଥସୂଚୀ ସ୍ଥାନୀତ ହୋଇଅଛି । ଏ ପ୍ରବନ୍ଧ ପୁସ୍ତିକାଟିକୁ ସୁବାଷ ତାଙ୍କର ଗବେଷଣା ଗୁରୁଦେବ ପ୍ରଫେସର ଆଦିକନ୍ଦ ସାହୁଙ୍କୁ ଉତ୍ସର୍ଗ କରିଅଛନ୍ତି ।

## ୭. ନାଟ୍ୟ ସାହିତ୍ୟ -

ସୁବାଷ ଙ୍କ ନାଟ୍ୟ ସାହିତ୍ୟ - "ଅସ୍ତମିତ ସୂର୍ଯ୍ୟ - ବାବାଜୀ" - (ଏକ ସାମାଜିକ ରଚିତ ନାଟ୍ୟ ସାହିତ୍ୟ) । ଏଥିରେ ସେ ତାଙ୍କ ଜେଜେବାପା ବାବାଜୀ ଙ୍କ ଉପରେ ଆଧାରକରି ନାଟକଟିକୁ ରଚନା କରିଛନ୍ତି । "ବିଧିର ବିଧାନ କେ କରିବ ଆନ" ନ୍ୟାୟରେ ଯୌବନରେ ବାବାଜୀ ଆରପାରିକୁ ଚାଲି ଯାଇଥିଲେ । ଚାରିଗୋଟି ପୁଅ ଓ ଏକମାତ୍ର କନ୍ୟା ସହ ଧର୍ମପତ୍ନୀ ଭୂତିଦେବୀ ଙ୍କୁ ଛାଡି ସଂସାର ରୁ ବିଦାୟ ନେଇଥିଲେ ଏକ ରୋଗାଗ୍ରସ୍ତ ଭାବରେ ।

ନାଟକଟିରେ ବିଷୟପିଣ୍ଡରେ ନାଟ୍ୟକାରଙ୍କ ଦୃଷ୍ଟିରେ ନାଟକ, ବାବାଜୀ, ସ୍ୱାମୀହରା ପତ୍ନୀ ଭୂତିଦେବୀ, ବଡପୁତ୍ର ଦୁଃଶାସନ, କନ୍ୟାରତ୍ନା ବେଙ୍ଗୁଲି, ମଧ୍ୟମପୁତ୍ର ଭୀମସେନ, ପୁତ୍ର ରାମଚନ୍ଦ୍ର, କନିଷ୍ଠପୁତ୍ର ଭାଗବତ, ନାଟକର ଜବନୀକା ସ୍ଥାନୀତ ହୋଇଅଛି ।

ବାପା ଚାଲିଗଲା ପରେପରେ ୨ ରୁ ୧୨ ବର୍ଷ ବୟସର ସମସ୍ତ ବାପା ଛେଉଣ୍ଡ ପିଲାମାନେ ସମାଜରେ ଦୁଃଖକଷ୍ଟରେ କିପରି ଠିଆହୋଇ ସେମାନେ ସେମାନଙ୍କର ପିଲାମାନଙ୍କୁ ସମାଜରେ ଶିକ୍ଷାଦୀକ୍ଷା ଦେଇ ମଣିଷ କରିଛନ୍ତି, ତାହାର ଏକ ନିଚ୍ଛକ ପ୍ରତିଛବି । ଏହି ପୁସ୍ତକଟିକୁ ସୁବାଷ ତାଙ୍କ ମଧ୍ୟମଭାଇ ତଥା ବାବାଜୀ ଙ୍କ ନାତି ଆଡଭୋକେଟ୍ ପ୍ରକାଶ ନାୟକ ଙ୍କୁ ଉତ୍ସର୍ଗ କରିଅଛନ୍ତି ।

## ୮. ଜୀବନୀ ସାହିତ୍ୟ -

ସୁବାଷ ଙ୍କ ଏକ ଅନନ୍ୟ ସୃଷ୍ଟି ଜୀବନୀ ସାହିତ୍ୟ - "ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା" - (ଏକ ଜୀବନୀ ସାହିତ୍ୟ) - ଏହି ଜୀବନୀ ପୁସ୍ତିକାଟି ସୁବାଷ ଙ୍କ ଜନ୍ମଦାତା ବାପା ରାମଚନ୍ଦ୍ର ନାୟକ ଙ୍କ ଜୀବନୀ ଉପରେ ଆଧାରିତ । ମାତ୍ର ପାଞ୍ଚବର୍ଷ ବୟସରେ ପିତୃହରା ହୋଇ ରାମଚନ୍ଦ୍ର କିପରି ଜୀବନରେ ହାରିନଯାଇ ଅଦ୍ୟମ ଚେଷ୍ଟାବଳରେ ସମାଜରେ ପ୍ରତିଷ୍ଠିତ ହୋଇ ପାରିଥିଲେ ଜଣେ ଜାତୀୟ ସ୍ତରୀୟ କାଠଶିଳ୍ପୀ ଓ ରାଜନେତା ଭାବରେ ତାହା ବର୍ଣ୍ଣିତ । ଧର୍ମପତ୍ନୀ ସୁଗୃହିଣୀ ଭାରତୀଦେବୀ ତଥା ଏକମାତ୍ର କନ୍ୟା ଲେଖିକା ଜୟନ୍ତୀ, ବଡପୁଅ ଅଧ୍ୟାପକ ସୁବାଷ, ମଧ୍ୟମପୁତ୍ର ଓକିଲ ପ୍ରକାଶ, ସାନପୁଅ ଶିକ୍ଷକ ମାନସ କୁ ସମାଜରେ ପ୍ରତିଷ୍ଠିତ କରିପାରିଛନ୍ତି, ଏଥିରେ ବର୍ଣ୍ଣିତ । ଏତଦ୍ ସହିତ ପିତୃହରା ରାମଚନ୍ଦ୍ର, କର୍ମବୀର ଶିଳ୍ପୀ ରାମଚନ୍ଦ୍ର, ସନ୍ତାନବତ୍ସଳ ବାପା ରାମଚନ୍ଦ୍ର, ସମାଜସେବୀ ରାମଚନ୍ଦ୍ର, ରାଜନେତା ରାମଚନ୍ଦ୍ର ଓ ସ୍ମୃତିର ଆଇନାରେ ଫଟୋଗୁଚ୍ଛ ସହ ମାନପତ୍ର (ସାର୍ଟିଫିକେଟ୍) ବର୍ଣ୍ଣିତ । ଏ ପୁସ୍ତକଟିକୁ ସୁବାଷ ତାଙ୍କ ବାପା ରାମଚନ୍ଦ୍ର ଙ୍କୁ ଉତ୍ସର୍ଗ କରିଅଛନ୍ତି ।

## ୯. ଉପନ୍ୟାସ ସାହିତ୍ୟ -

ସୁବାଷ ଙ୍କ ଉପନ୍ୟାସ - "ଭାରତୀଦେବୀ - ଏକ ନାରୀକେନ୍ଦ୍ରୀକ ଉପନ୍ୟାସ ସାହିତ୍ୟ" । ଏହି ଉପନ୍ୟାସ ସେ ନିଜର ଜନ୍ମଦାତ୍ରୀ ଭାରତୀଦେବୀ (ମା'ଙ୍କ) ଜୀବନୀକୁ ଆଧାରକରି ଲେଖିଛନ୍ତି । ଅସାଧାରଣ ପ୍ରତିଭାର ଅଧିକାରିଣୀ ଭାରତୀଦେବୀ ଏହାକୁ ଯଥୋଚିତ ପ୍ରତିପାଦନ କରିପାରିଛନ୍ତି ।

ସ୍ୱାମୀ ରାମଚନ୍ଦ୍ର ସର୍ବୋପରି ନାୟକ ପରିବାର ନିଜର ଚାରି ସନ୍ତାନ ଓ ସନ୍ତତି ର ସବୁ କାର୍ଯ୍ୟକୁ ତୁଲାଇ ସେ ସେମାନଙ୍କୁ ସମାଜରେ ପରିଚିତ କରାଇବାରେ ବଡ ଭୂମିକା ନେଇଅଛନ୍ତି । ସତେ ଅବା ନାରୀ ନୁହେଁ ସେ ନାରାୟଣୀ ଉପନ୍ୟାସଟିରେ କନ୍ୟାରତ୍ନା ଭାରତୀ, ଭଗିନୀ ଭାରତୀ, ଧର୍ମପତ୍ନୀ ଭାରତୀ, ଜନନୀ ଭାରତୀ, ଶାଶୁମା ଭାରତୀ, ଆଈମା ଭାରତୀ, ଜେଜେମା ଭାରତୀ, ସ୍ମୃତିର ଆଇନାରେ ଭାରତୀଦେବୀ ଙ୍କ କିଛି ଫଟୋଗୁଚ୍ଛ ସ୍ଥାନୀତ ।

ଭାରତୀଦେବୀ ଙ୍କ ପାଖରେ ପୁଅ, ବୋହୂ, ନାତି, ନାତୁଣୀ ଓ ଝିଅ, ଜ୍ୱାଇଁ ସମସ୍ତେ ସମାନ । ଏ ପୁସ୍ତିକାଟି ଭାରତୀଦେବୀ ଙ୍କ କନ୍ୟାରତ୍ନା ଲେଖିକା ଜୟନ୍ତୀ ଙ୍କୁ ଉତ୍ସର୍ଗ କରାଯାଇଅଛି

**୧୦. <u>ସମାଲୋଚନା ସାହିତ୍ୟ -</u>**

ସୁବାଷ ଙ୍କ ସମାଲୋଚନା ସାହିତ୍ୟ - "ସୃଜନପ୍ରଭା - ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା" - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) - ଓଡିଆ ଜାତିର ପ୍ରାଣକେନ୍ଦ୍ର ମହାପ୍ରଭୁ ଜଗନ୍ନାଥ ଙ୍କୁ ପୁସ୍ତକରେ ବିମୋଣ୍ଡିତ କରାଯାଇଛି

ଓଡିଆ ସାହିତ୍ୟ ର ଏକ ଆଧୁନିକ ସମାଲୋଚନା ସାହିତ୍ୟ । ଏଥିରେ ଓଡିଆ ସାହିତ୍ୟ ର କୋଡିଏ ଜଣ ସାହିତ୍ୟିକ ଙ୍କ ଜୀବନ ଓ ସୃଜନ ଙ୍କୁ ଉପସ୍ଥାପନା କରାଯାଇଛି ।

ପ୍ରାରମ୍ଭିକ ଭାଗରେ - ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା ପରେପରେ ସାହିତ୍ୟିକ ଗଣ -

ଫକୀରମୋହନ ସେନାପତି, ରାଧାନାଥ ରାୟ, ଗଙ୍ଗାଧର ମେହେର, ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ, କାଳିନ୍ଦୀଚରଣ ପାଣିଗ୍ରାହୀ, ଗୋପିନାଥ ମହାନ୍ତି, ଚିତ୍ତରଞ୍ଜନ ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ, ପଠାଣୀ ପଟ୍ଟନାୟକ, ଜୟନ୍ତ ମହାପାତ୍ର, ନନ୍ଦିନୀ ଶତପଥି, କୃଷ୍ଣଚରଣ ବେହେରା, ମନୋଜ ଦାସ, ରମାକାନ୍ତ ରଥ, ବିଣାପାଣୀ ମହାନ୍ତି, ସୀତାକାନ୍ତ ମହାପାତ୍ର, ବିଭୁତି ପଟ୍ଟନାୟକ, ପ୍ରତିଭା ରାୟ ଓ ରତ୍ନାକର ଚଇନି ସ୍ଥାନ ପାଇଛନ୍ତି ।

ଏହି ପୁସ୍ତିକାଟିକୁ ସୁବାଷ ତାଙ୍କ ସାନଭାଇ ଇଂରାଜୀ ସାହିତ୍ୟ ର ଲେଖକ, ଗବେଷକ, ଶିକ୍ଷକ ଡକ୍ଟର ମାନସ ନାୟକ ଙ୍କୁ ଉତ୍ସର୍ଗ କରିଅଛନ୍ତି ।

**୧୧. <u>ସଂକଳକ (ସନ୍ଦର୍ଭକାର) ସାହିତ୍ୟ -</u>**

ସୁବାଷ ଙ୍କ ଏକ ସଂକଳନ ପୁସ୍ତକ - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା" - ଭାରତୀୟ ସାହିତ୍ୟରେ ପ୍ରତିଫଳିତ - (ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ) ।

ନରେନ୍ଦ୍ର ମୋଦିଙ୍କ ଗୁଜୁରାଟୀ କବିତା ପୁସ୍ତକ - "ଆଖୀଁ ଆଁ ଧନ୍ୟ ଛେ" କୁ ଇଂରାଜୀରେ ଅନୁବାଦ କରିଛନ୍ତି - ରବିମନ୍ଥା ଓ ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ କରିଅଛନ୍ତି - ପ୍ରଫେସର ଡକ୍ଟର ସୁବାଷ ନାୟକ, ଏହାକୁ ହିନ୍ଦୀରେ ଅନୁବାଦ କରିଛନ୍ତି - ଡକ୍ଟର ଅଞ୍ଜନା ସନ୍ଧିର ଓ ସଂସ୍କୃତରେ ଅନୁବାଦ କରିଛନ୍ତି - ରାଜଲକ୍ଷ୍ମୀ ଶ୍ରୀନିବାସନ ।

ସୁବାଷ ଙ୍କ ପ୍ରତ୍ୟକ୍ଷ ପ୍ରେରଣା ବହି ପ୍ରଦାନ ଦ୍ୱାରା ଭାରତୀୟ ଭାଷା ଯଥା - ତାମିଲ୍, ତେଲୁଗୁ, ମରାଠୀ, ମାଲାୟଲମ, ଆସାମିଜ୍, ବେଙ୍ଗଲି, ସିନ୍ଧି, ରାଜସ୍ଥାନୀ, ପଞ୍ଜାବୀ, କନ୍ନଡ, ସାନ୍ତାଳୀ ଆଦି ଭାଷାରେ ଅନୁବାଦ କାର୍ଯ୍ୟ ଚାଲୁ ରହିଅଛି ।

ଏହା ଭାରତୀୟ ସାହିତ୍ୟକୁ ଅମୂଲ୍ୟ ଦାନ । ଏ ପୁସ୍ତକଟିକୁ ସୁବାଷ ତାଙ୍କ କର୍ମଗୁରୁ ଜ୍ଞାନେନ୍ଦ୍ର କୁମାର ସାହୁ - ଚେୟାରମ୍ୟାନ - ବିଦ୍ୟାର୍ଥୀ ରେସିଡେଣ୍ଟିଆଲ କଲେଜ, ଢେଙ୍କାନାଳଙ୍କୁ ଉତ୍ସର୍ଗ କରିଅଛନ୍ତି ।

**୧୨. <u>ସଂକଳନ (ସନ୍ଦର୍ଭ) ସାହିତ୍ୟ -</u>**

ସୁବାଷ ଙ୍କ ଏକ ସଂକଳନ ପୁସ୍ତକ - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା" - ବିଶ୍ୱସାହିତ୍ୟ ରେ ପ୍ରତିଫଳନ - (ଏକ ଉଚ୍ଚ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ) ।

ନରେନ୍ଦ୍ର ମୋଦିଙ୍କ ଗୁଜୁରାଟୀ ପୁସ୍ତକ - "ଆଖି ଆଁ ଧନ୍ୟ ଛେଁ" କୁ ଇଂରାଜୀରେ ଅନୁବାଦ କରିଛନ୍ତି - ରବିମନ୍ଥା ଓ ଓଡିଆ ଭାଷାରେ ଅନୁବାଦ କରିଛନ୍ତି - ପ୍ରଫେସର ଡକ୍ଟର ସୁବାଷ ନାୟକ ।

ସୁବାଷ ଙ୍କ ପ୍ରେରଣାରେ ୧୫ ଜଣ ଭାରତୀୟ କବି ଏହାକୁ ଅନୁବାଦ କରିବା ସହିତ ୫ ଜଣ ବିଶ୍ୱର କବି ଅନୁବାଦ କରୁଅଛନ୍ତି ।

ଆର୍ଜେଣ୍ଟିନା ରାଷ୍ଟ୍ରର ସିନେଟ୍ ସଦସ୍ୟ ଡକ୍ଟର ସୁଷନା ରୋବର୍ଟ - ଏହାକୁ ବିଶ୍ୱର ବହୁଳ ପ୍ରସାରିତ ସ୍ପାନିସ୍ ଭାଷାରେ ଅନୁବାଦ କରିଛନ୍ତି ।

ଚୀନ୍, ଫ୍ରାନ୍ସ, ଆମେରିକା, ଭୁଟାନ, ନେପାଳ, ବାଲାଂଦେଶ ର କବିମାନେ ଅନୁବାଦ କାର୍ଯ୍ୟ ଚାଲୁ ରଖିଛନ୍ତି, ଯାହାକି ବିଶ୍ୱ ସାହିତ୍ୟକୁ ଅବଦାନ ।

ସୁବାଷ ଏ ପୁସ୍ତକଟିକୁ ବର୍ତ୍ତମାନର ତାଙ୍କର କର୍ମଗୁରୁ ଅଧ୍ୟାପକ ତ୍ରିଦେବ ବେହେରା - ଚେୟାରମ୍ୟାନ - ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନିଟ୍ୟୁସନ୍ସ, ଟାଙ୍ଗୀ, କଟକ ଙ୍କୁ ଉତ୍ସର୍ଗ କରିଅଛନ୍ତି ।

**୧୩. ଅନୁବାଦ ସାହିତ୍ୟ -**

ସୁବାଷ ଙ୍କ ଅନ୍ୟଏକ ଅନୁବାଦ ସାହିତ୍ୟ - "ଦେବୀ ମା'ଙ୍କୁ ଚିଠି" - ନରେନ୍ଦ୍ର ମୋଦିଙ୍କ କାବ୍ୟାଞ୍ଜଳୀ । ମୋଦି ତପସୀ ଜୀବନ ଅତିବାହିତ କରୁଥିବା ସମୟରେ ରାତ୍ରି ସମୟରେ ଦେବୀ ମା'ଙ୍କୁ ଆରାଧନା କରି କବିତା ଲେଖୁଥିଲେ ଓ ତାକୁ ଚିରି ପକାଇ ଦେଉଥିଲେ, ମାତ୍ର କେତେଗୋଟି କବିତା ତାଙ୍କ ଡାଏରୀରେ ରହିଯାଇଥିଲା । ପରବର୍ତ୍ତୀ ସମୟରେ ତାହା ଗୁଜୁରାଟୀ କବିତା ପୁସ୍ତକ - "ସାହିଭାବ" ନାମରେ ପ୍ରକାଶିତ ହେଲା । ଏଥିରେ ୧୬ ଗୋଟି କବିତା ରହିଅଛି ।

ଏହାକୁ ଇଂରାଜୀ ଭାଷାରେ ଅନୁବାଦ କରିଛନ୍ତି - ହିନ୍ଦୀ ଫିଲ୍ମ ଜଗତର ସଂଳାପ ପଦ୍ମଶ୍ରୀ ଭାବନା ସୌମ୍ୟା । ଓଡିଆ ଭାଷାରେ ଅନୁବାଦ କରିଛନ୍ତି - ପ୍ରଫେସର ଡକ୍ଟର ସୁବାଷ ନାୟକ ।

ସୁବାଷ ଏ ପୁସ୍ତିକାଟିକୁ ଉତ୍ସର୍ଗ କରିଛନ୍ତି - ପ୍ରୀତମ କୁମାର ସାହୁ, ଅଧ୍ୟାପକ - ଇଂରାଜୀ ଭାଷା ଓ ସାହିତ୍ୟ - ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟ୍ୟୁସନ୍ସ, ଟାଙ୍ଗୀ, କଟକ ଙ୍କୁ, ସେ ଇଂରାଜୀ ସାହିତ୍ୟ ର ଜଣେ ଦକ୍ଷ ଅଧ୍ୟାପକ ଭାବେ ପରିଚିତ

**୧୪. ପ୍ରବନ୍ଧ ସାହିତ୍ୟ -**

ସୁବାଷ ଙ୍କ ଅନ୍ୟଏକ ସୃଷ୍ଟି - ସୃଜନଧାରା - ଓଡିଆ ସାହିତ୍ୟ ର ସାଧକ ଓ ସାଧନା - (ଏକ ସୃଜନଶୀଳ ପ୍ରବନ୍ଧ ସାହିତ୍ୟ) ।

ଏହା ଉତ୍ତର ଆଧୁନିକ ଓଡିଆ ସାହିତ୍ୟ ର ଏକ ସାହିତ୍ୟାବଳୀ । ଓଡିଆ ସାହିତ୍ୟ ର କୋଡିଏ ସାହିତ୍ୟିକ ଙ୍କ ଜୀବନୀ ଓ ସୃଜନୀ ଉପରେ ଏ ପୁସ୍ତକ ଆଧାରିତ ।

ବିଷୟ ପିଣ୍ଡିର ପ୍ରାରମ୍ଭରେ ଉତ୍ତର ଆଧୁନିକ ଓଡିଆ ସାହିତ୍ୟ ର ସଂକ୍ଷିପ୍ତିକରଣ ସହ ସାହିତ୍ୟିକ ଙ୍କ ଜୀବନୀ ଓ ସୃଜନୀ କୁ ସ୍ଥାନୀତ କରାଯାଇଛି । ଏଥିରେ ଦେବୀପ୍ରସନ୍ନ ପଟ୍ଟନାୟକ, ଆଦିକନ୍ଦ ସାହୁ, ଉଦୟନାଥ ସାହୁ, ମନିନ୍ଦ୍ର କୁମାର ମେହେର, କୃଷ୍ଣଚନ୍ଦ୍ର ପ୍ରଧାନ, ନୀଳାଦ୍ରିଭୂଷଣ ହରିଶ୍ଚନ୍ଦନ, ବିଷ୍ଣୁପ୍ରିୟା ଓତା, ବାଉରୀବନ୍ଧୁ କର, ଅନ୍ତର୍ଯ୍ୟାମୀ ମିଶ୍ର, ହରପ୍ରସାଦ ଦାସ, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ଗୌରହରି ଦାସ, ସନ୍ତୋଷ କୁମାର ତ୍ରିପାଠୀ, ନୃସିଂହଚରଣ ଷଡଙ୍ଗୀ, ବିଷ୍ଣୁ ସାହୁ, ବୈଷ୍ଣବଚରଣ ସାମଲ, ବିଜୟାନନ୍ଦ ସିଂହ, ଧନେଶ୍ୱର ସାହୁ, ସୁବାଷ ନାୟକ ପ୍ରମୁଖଙ୍କ କୃତିକୁ ଉପସ୍ଥାପିତ କରାଯାଇଅଛି - ଏହା ଏକ ସୃଜନଶୀଳ ପ୍ରବନ୍ଧ ସାହିତ୍ୟ ଅଟେ ।

ଏହି ପୁସ୍ତକଟିକୁ ସୁବାଷ ନିଜର ଗୁରୁ ଡକ୍ଟର ନୃସିଂହଚରଣ ମିଶ୍ର (ପ୍ରାଧ୍ୟାପକ ଓଡିଆ ସାହିତ୍ୟ)ଙ୍କୁ ଉତ୍ସର୍ଗ କରିଅଛନ୍ତି, ଯେକି ସୁବାଷ ଙ୍କୁ ଓଡିଆ ଭାଷା ଓ ସାହିତ୍ୟ (ଏମ୍.ଏ.) ଶ୍ରେଣୀରେ ଅଧ୍ୟୟନରେ ଦିଗ୍‌ଦର୍ଶକ ଭାବରେ କାର୍ଯ୍ୟ କରିଥିଲେ ।

ବାସ୍ତବିକ୍ ଦୀର୍ଘ ତିନି ହଜାର ବର୍ଷର ଏହି ଆମ ଶାସ୍ତ୍ରୀୟ ଓଡିଆ ଭାଷା ଓ ସାହିତ୍ୟ, ଯଦି ଏକ ମହାସାଗର ହୁଏ, ସୁବାଷ ଙ୍କ ସାହିତ୍ୟ କୃତି ଏକ ସିନ୍ଧୁର ବିନ୍ଦୁ ଭାବରେ ଜଣେ ସାହିତ୍ୟିକ ଭାବରେ ପରିଚିତ ।

ଓଡିଆ ଏକ ଜାତି, ଏ ଜାତିର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ । ଏହାର ସଂସ୍କୃତି ଅତି ପ୍ରାଚୀନ । ଭାରତୀୟ ଦର୍ଶନ ଓ ସାହିତ୍ୟ କ୍ଷେତ୍ରରେ ଓଡିଆଙ୍କ ଅବଦନା ଅତୁଳନୀୟ । ଭାରତୀୟ କଳା, ଶିଳ୍ପ, ସମ୍ପତ୍ତି, ସାହିତ୍ୟରେ ଓଡିଆଙ୍କ ସ୍ୱାକ୍ଷର ସର୍ବଦା ସ୍ମରଣୀୟ । କାଳଜୟୀ ସାହିତ୍ୟିକ ମାନେ ସାହିତ୍ୟ ରଚନାକରି ଓଡିଆ ଜାତିକୁ ଭାରତ କାହିଁକି ବିଶ୍ୱରେ ମଧ୍ୟ ପ୍ରତିଷ୍ଠିତ କରାଇ ଯାଇଅଛନ୍ତି । ଅନେକ କାଳଜୟୀ ସ୍ରଷ୍ଟାଙ୍କ ସୃଷ୍ଟିରେ ଏ ସାହିତ୍ୟ ଅନୁପ୍ରାଣିତ । ସେଥିରୁ ବା ସୁବାଷ ଜଣେ ସାହିତ୍ୟିକ ଭାବରେ ବାଦ୍ ପଡନ୍ତା ବା କିପରି ?

**୧୫. ଆତ୍ମଜୀବନୀ -**

ମାଟିର ମଣିଷ - ପ୍ରଫେସର ସୁବାଷ ନାୟକ - (ଏକ ଆତ୍ମଜୀବନୀ) - ଓଡିଆ ସାହିତ୍ୟ ର ଜଣେ ଅଧ୍ୟାପକ, ସାହିତ୍ୟିକ ଓ ଗବେଷକ ଭାବରେ ପ୍ରଫେସର ଡକ୍ଟର ସୁବାଷ ନାୟକ ପରିଚିତ । ନିଜ ଜୀବନୀ ଓ ସୃଜନୀକୁ ନେଇ ତାଙ୍କ ଆତ୍ମଜୀବନୀ - "ମାଟିର ମଣିଷ - ପ୍ରଫେସର ସୁବାଷ ନାୟକ" ।

ଜଣେ ସାଧାରଣ ମଣିଷ ଭାବରେ ଜୀବନଶୈଳୀ ସହିତ ଆଗାମୀ ପିଢି କିପରି ତାଙ୍କର ସାରସ୍ୱତକୃତିକୁ ଅଧିକ ଜାଣିବା ସହିତ ଯୁବ ଅଧ୍ୟାପକମାନେ ତାଙ୍କୁ ସୃଷ୍ଟିକୁ ନେଇ ଗବେଷଣା କରିବାରେ ଏ ପୁସ୍ତିକାଟି ସହାୟକ ହୋଇପାରିବ । ଏ ପୁସ୍ତିକାଟିକୁ ମୋର ଜନ୍ମଦାତ୍ରୀ ମା' ଭାରତୀଦେବୀ ଙ୍କୁ ଉତ୍ସର୍ଗ କରିଅଛି ।

ଏ ସମସ୍ତ ସାରସ୍ୱତ କୃତି ପ୍ରଫେସର ସୁବାଷ ନାୟକ ଙ୍କ Webside - www.professorsubashnayak.comରେ E.bookରେ ବିଶ୍ୱବାସୀଙ୍କ ଜ୍ଞାତପାଇଁ Uploaded ହୋଇଅଛି ।

## ଗବେଷକ

ସୁବାଷ - ଓଡିଆ ଭାଷା ଓ ସାହିତ୍ୟ ର ଯେପରି ଜଣେ ଅଧ୍ୟାପକ ଠିକ୍ ସେହିପରି ଜଣେ ସାହିତ୍ୟିକ ଅବା ଗବେଷକ । ଓଡିଆ ସାହିତ୍ୟରେ ଅଧିକରୁ ଅଧିକ ଜ୍ଞାନପୀପାଷୁ ତଥା ଜିଜ୍ଞାସା ର ବିପୁଳ ଅନୁଭୂତିକୁ ଆୟୁଧ କରି ଗବେଷଣାରେ ସାଧନାରତ ।

କଲେଜରେ ସ୍ନାତକ ଶ୍ରେଣୀରେ ଅଧ୍ୟୟନ ସମୟରେ ବିଶେଷତଃ ବିଶ୍ୱବିଦ୍ୟାଳୟରେ ଓଡିଆ ସାହିତ୍ୟରେ (ଏମ୍.ଏ.) ପଠନ ସହିତ ଗବେଷଣା ମନୋଜ୍ଞୀ ଥିଲେ ।

ନନ୍ଦିନୀ ଶତପଥି - ଓଡିଶାର ମୁଖ୍ୟମନ୍ତ୍ରୀ ସହିତ କେନ୍ଦ୍ରମନ୍ତ୍ରୀ ପଦରେ ଅଧିଷ୍ଠିତା ସର୍ବୋପରି ଜଣେ ଓଡିଆ ସାହିତ୍ୟିକ । ତାଙ୍କ ସୁପୁତ୍ର ତଥାଗତ ଶତପଥି - ଢେଙ୍କାନାଳ ଲୋକସଭା ସାଂସଦ ଭାବରେ ଭୁବନସ୍ଥ ବାଜିରାଉତ ମେମୋରିଆଲ କଲେଜ ଗଉନିଙ୍ଗ ବଡିରେ ଏମ୍.ପି. ନୋମିନୀ ଭାବରେ ସୁବାଷ ଙ୍କ ବାପା ରାମଚନ୍ଦ୍ର ନାୟକ କାର୍ଯ୍ୟ କରିଥିଲେ । ଏଥିରେ ପ୍ରଭାବିତ ହୋଇ ସୁବାଷ - ନନ୍ଦିନୀ ଶତପଥି ଙ୍କ ସାରସ୍ୱତ ଜୀବନରେ ଗବେଷଣା କରିବାକୁ ସିଦ୍ଧାନ୍ତ ଗ୍ରହଣ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ (ପିଏଚ୍.ଡି.) ପାଇଁ ପ୍ରବେଶିକା ପରୀକ୍ଷାର ସଫଳତା ନପାଇ ପରବର୍ତ୍ତୀ ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଆଦିକନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥି ଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି ପିଏଚ୍.ଡି. ଉପାଧି ଓଡିଶାର ମହାମହିମ ରାଜ୍ୟପାଳ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କ ଠାରୁ ଉପାଧି ପାଇଥିଲେ ।

ତା' ପରେପରେ ଗବେଷଣା ଜୀବନରେ ବ୍ୟାପକ ପରିବର୍ତ୍ତନ ଘଟିଥିଲା । ଗବେଷଣାରତ ସମୟରେ

ଓଡିଆ ଗବେଷଣା ପରିଷଦ - କଟକରେ ଏହାର ରୌପ୍ୟ ଜୟନ୍ତୀ ବର୍ଷରେ ଓଡିଆ ସାହିତ୍ୟ ର ଦିଗଦିଗନ୍ତ ବାର୍ଷିକ ସେମିନାର ଯୋଗଦାନ କରି "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥି ଙ୍କ ଅବଦାନ" ସନ୍ଦର୍ଭ ଉପସ୍ଥାପନା କରି ପ୍ରମାଣପତ୍ର ଗ୍ରହଣ କରିଥିଲେ - ନଭେମ୍ବର, ୨୦୦୮ ମସିହାରେ ।

ନିଜ କଲେଜ - ଭୁବନର ବାଜିରାଉତ ମେମୋରିଆଲ କଲେଜ - ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଜାତୀୟ ସେମିନାର - "ପଞ୍ଚସଖା ଯୁଗ ଧର୍ମ ସାହିତ୍ୟ" ପ୍ରସଙ୍ଗରେ ସେଠାରେ "ସାରସ୍ୱତସାଧିକା ନନ୍ଦିନୀ ଶତପଥି" ଗବେଷଣା ସନ୍ଦର୍ଭ ପାଠ କରିଥିଲେ - ନଭେମ୍ବର, ୨୦୦୭ ମସିହାରେ ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ ।

ଗବେଷକ ସୁବାଷ ଙ୍କ ୬୦ରୁ ଉର୍ଦ୍ଧ୍ୱ ଗବେଷଣା ପତ୍ର (ସାହିତ୍ୟ ଗବେଷଣା) ମଧ୍ୟରୁ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ର ଓ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି ।

ଓଡିଆ ଭାଷା ଶାସ୍ତ୍ରୀୟତା ଲାଭକରିବା ପରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ଓଡିଆ ଭାଷା ଜାତୀୟ ପରାମର୍ଶ ଦାତା କର୍ମଶାଳାରେ (ଜାତୀୟ ସେମିନାର) ରେ ଯୋଗଦେଇ ନିଜର ଭାଷା ବିକାଶର ବକ୍ଷପରି କକ୍ଷତା ଦର୍ଶାଇଥିଲେ । ଏହାଥିଲା - ଫେବୃୟାରୀ ମାସ ୨୦୧୬ ମସିହାରେ ।

ଜଣେ ଅଧ୍ୟାପକ ଭାବରେ ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମିଳନ, ଭୁବନେଶ୍ୱର ରେ ଗାନ୍ଧୀ ଓ ଓଡିଆ ସାହିତ୍ୟ (ଜାତୀୟ ସେମିନାର) ରେ ଭୁବନେଶ୍ୱର ରେ ଅଂଶଗ୍ରହଣ କରି ପ୍ରମାଣପତ୍ର ଗ୍ରହଣ କରିଥିଲେ - ଡିସେମ୍ବର, ୨୦୧୯ ମସିହାରେ ।

୧. ବିଶ୍ୱକବି ରବୀନ୍ଦ୍ରନାଥ ଓ ବିଶ୍ୱଭାରତୀ - ଉପରେ ରଚିତ ସନ୍ଦର୍ଭଟି ସାହିତ୍ୟ ପତ୍ରିକା - "ପ୍ରଭାସର୍ଜନା" ରେ ପ୍ରକାଶିତ ହୋଇଥିଲା - ଡିସେମ୍ବର, ୨୦୧୧ ମସିହାରେ ।

୨. ନନ୍ଦିନୀ ଶତପଥି ସାରସ୍ୱତସାଧିକା - "ଜନନେତ୍ରୀ" ପ୍ରକାଶିତ - ଓଡିଶା ସରକାର ଙ୍କ ଉତ୍କଳ ପ୍ରସଙ୍ଗ - ଜୁନ୍, ୨୦୧୩ ।

୩. ରାଧାନାଥ - ଦ ଆପ୍ରୋଚ ମେକର - ପ୍ରକାଶିତ - ଗବେଷଣା ଧର୍ମୀ ପ୍ରତିକା "ଭିଜନ" - ଡିସେମ୍ବର, ୨୦୧୨

୪. ଓଡିଆ ସାହିତ୍ୟ ର ଏକ କାଳଜୟୀ ପୁରୁଷ ପ୍ରଫେସର ଚିତ୍ତରଞ୍ଜନ ଦାସ - ସାହିତ୍ୟ ପତ୍ରିକା - ସୃଜନଶୀଳତା - "ନବନୀତା" - ସେପ୍ଟେମ୍ବର, ୨୦୧୩ ।

୫. ଶାନ୍ତି ନିକେତନ - ଦ ଡ୍ରିମ୍ ପ୍ରୋଜେକ୍ଟ ଅଫ୍ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର - ପ୍ରକାଶିତ - ଗବେଷଣା ଧର୍ମୀ ସାହିତ୍ୟ ପତ୍ରିକା "ଭିଜନ" - ସେପ୍ଟେମ୍ବର, ୨୦୧୩ ।

୬. "ମାଟିର ମଟାଳ" - ନୋବେଲିଷ୍ଟ ଗୋପିନାଥ ମହାନ୍ତି - ପ୍ରକାଶିତ - ଗବେଷଣା ଧର୍ମୀ ସାହିତ୍ୟ ପତ୍ରିକା "ଭିଜନ" - ସେପ୍ଟେମ୍ବର, ୨୦୧୩ ।

୭. କାଳିନ୍ଦୀଚରଣ ପାଣିଗ୍ରାହୀ - ଏ ଷ୍ଟୋରୀ ଟେଲର ଅଫ୍ ଏମିନେସ୍ - ପ୍ରକାଶିତ - ଓଡିଶା ସରକାର ଙ୍କ "ଓଡିଶା ରିଭ୍ୟୁ" - ସେପ୍ଟେମ୍ବର, ୨୦୧୩ ।

୮. କାଳିନ୍ଦୀଚରଣ - ଏ ବ୍ରାଇଡ ଲ୍ୟୁମିନାରୀ ଅଫ୍ ଓଡିଆ ଲିଟରେଚର - ପ୍ରକାଶିତ - ୟୁଜିସି କେୟାର "ରକ୍‌ପେବୁଲ" ଜର୍ଣ୍ଣାଲ - ଜୁନ୍, ୨୦୧୨ ।

୯. ଓଡିଆ ସାହିତ୍ୟ ର କାଳଜୟୀ ସାଧକ କାଳିନ୍ଦୀଚରଣ - ପ୍ରକାଶିତ - ଓଡିଆ ସାରସ୍ୱତ ପତ୍ରିକା "ଜନସୁଧା" - ସେପ୍ଟେମ୍ବର, ୨୦୧୭ ।

୧୦. ଓଡିଆ ସାହିତ୍ୟ ର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟ ର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ - ପ୍ରକାଶିତ - ସାହିତ୍ୟ ପତ୍ରିକା "ଜନସୁଧା" - ଜୁନ୍, ୨୦୧୮ ।

୧୧. ସୋସିଆଲ ରିପ୍ଲୋସନ ଅଫ୍ ଓଡିଆ ପୋଏଟ୍ - କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ପୋଏଟ୍ ନରେନ୍ଦ୍ର ମୋଦି - ପ୍ରକାଶିତ - ଗବେଷଣା ଧର୍ମୀ ପତ୍ରିକା "ଭିଜନ" - ମାର୍ଚ୍ଚ, ୨୦୧୮ ।

୧୨. ଓଡିଆ ପୋଏଟ୍ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ପୋଏଟ୍ ନରେନ୍ଦ୍ର ମୋଦି - ଆନ୍ ଆନାଲୋଗସ୍ ଷ୍ଟଡି - ପ୍ରକାଶିତ - ୟୁଜିସି କେୟାର - ଲିଟେରାରୀ ଜର୍ଣ୍ଣାଲ - "ରକ୍‌ପେବୁଲ" - ଡିସେମ୍ବର, ୨୦୧୮ ।

୧୩. "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥି ଙ୍କ ଅବଦାନ" - ପ୍ରକାଶିତ - ସାରସ୍ୱତ ପତ୍ରିକା "କୋଣାର୍କ" - ଓଡିଶା ସାହିତ୍ୟ ଏକାଡେମୀ - ଓଡିଶା ସରକାର - ଏପ୍ରିଲ୍, ୨୦୧୧ ।

ସୁବାଷ ଙ୍କ ଅନେକ ଗବେଷଣା ପତ୍ର ସାହିତ୍ୟ ସାଧନା କ୍ଷେତ୍ରରେ ସାରସ୍ୱତ ପୁରୁଷଙ୍କ ଜୀବନୀ ଓ ସୃଜନୀ କୁ ପାଥେୟ କରି ପ୍ରସ୍ତୁତ କରାଯାଇଅଛି । ତାହା ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରପତ୍ରିକାର ପୃଷ୍ଠାମଣ୍ଡନରେ ଅପେକ୍ଷାରତ ..... ତନ୍ମଧ୍ୟରୁ -

୧୪. ଓଡିଆ ସାହିତ୍ୟ ର ଆଧୁନିକ ଯୁଗର ଆଦ୍ୟସ୍ରଷ୍ଟା
କବିବର ରାଧାନାଥ ରାୟ

୧୫. ଓଡିଆ ସାହିତ୍ୟ ର ଅମ୍ଲାନ ସାଧକ
ପ୍ରଫେସର ଚିତ୍ତରଞ୍ଜନ ଦାସ

୧୬. ଓଡିଆ ସାହିତ୍ୟ ର କାଳଜୟୀ ସ୍ରଷ୍ଟା
ଗୋପିନାଥ ମହାନ୍ତି

୧୭. ଓଡିଆ ସାହିତ୍ୟ ର ଉଜ୍ଜ୍ୱଳତମ ସାଧକ
ପଠାଣୀ ପଟ୍ଟନାୟକ

୧୮. ଓଡିଆ ସାହିତ୍ୟ ର ଯୁଗସ୍ରଷ୍ଟା
କାଳିନ୍ଦୀଚରଣ ପାଣିଗ୍ରାହୀ

୧୯. ଓଡିଆ ସାହିତ୍ୟରେ ନାରୀସ୍ୱର
ନନ୍ଦିନୀ ଶତପଥି

୨୦. ଓଡିଆ ସାହିତ୍ୟ ର ବିଶିଷ୍ଟ କବି
ରମାକାନ୍ତ ରଥ

୨୧. ଓଡିଆ ସାହିତ୍ୟ ର ଯଶସ୍ୱୀ କବି
ସୀତାକାନ୍ତ ମହାପାତ୍ର

୨୨. ଓଡିଆ ସାହିତ୍ୟ ର ବରେଣ୍ୟ ସାଧକ
ମନୋଜ ଦାସ

୨୩. ଓଡିଆ ସାହିତ୍ୟ ର ବିଶିଷ୍ଟ ଔପନ୍ୟାସିକା
ପ୍ରତିଭା ରାୟ
୨୪. ଓଡିଆ ସାହିତ୍ୟ ର ଅନନ୍ୟ କବି
ଜୟନ୍ତ ମହାପାତ୍ର
୨୫. ଓଡିଆ ସାହିତ୍ୟ ର ଲେଖିକା
ବିଣାପାଣୀ ମହାନ୍ତି
୨୬. ଓଡିଆ ସାହିତ୍ୟ ର ପ୍ରସିଦ୍ଧ ଔପନ୍ୟାସିକ
ବିଭୁତି ପଟ୍ଟନାୟକ
୨୭. ନରେନ୍ଦ୍ର ମୋଦି
ଇଣ୍ଡିଆନ୍ ଲିଟେଚରର
୨୮. ଓଡିଆ ସାହିତ୍ୟ ର କାଳଜୟୀ ସାଧକ
କୃଷ୍ଣଚରଣ ବେହେରା
୨୯. ଓଡିଆ ସାହିତ୍ୟ ର ଜାତୀୟବାଦୀ
ଚେତନାର ସାରଥି ପଣ୍ଡିତ ଗୋପବନ୍ଧୁ ଦାସ ଚ
୩୦. ପଠାଣୀ ପଟ୍ଟନାୟକ -
ଦ ଲିମ୍ୟୁନାରୀ ଓଡିଆ ଲିଟେରାଚର
୩୧. ଓଡିଆ ସାହିତ୍ୟ ର ଅନନ୍ୟ ସାଧକ
ହରେକୃଷ୍ଣ ମହତାବ
୩୨. ଓଡିଆ ସାହିତ୍ୟ ର ସାରସ୍ୱତପୁରୁଷ
ଜାନକୀ ବଲ୍ଲଭ ପଟ୍ଟନାୟକ
୩୩. ଓଡିଆ ସାହିତ୍ୟ ଓ ଓଡିଆ ଏକ ଶାସ୍ତ୍ରୀୟ ଭାଷା
ଏକ ଅବଲୋକନ
୩୪. ଓଡିଆ ସାହିତ୍ୟ ର ଅମ୍ଳାନ ପ୍ରତିଭା
ରତ୍ନାକର ଚଇନି
୩୫. ଓଡିଆ ସାହିତ୍ୟ ର କୀର୍ତ୍ତିସ୍ତମ୍ଭ
ସ୍ୱଭାବକବି ଗଙ୍ଗାଧର ମେହେର
୩୬. ଓଡିଆ ସାହିତ୍ୟ ଜଗତର କିମ୍ବଦନ୍ତୀ ପୁରୁଷ
ବ୍ୟାସକବି ଫକୀରମୋହନ ସେନାପତି
୩୭. ନବୀନ ପଟ୍ଟନାୟକ
ଭାରତୀୟ ଲେଖକ
୩୮. ଗୀତା ମେହେଟ୍ଟା
ଆନ ଇଣ୍ଡିଆନ୍ ରାଇଟର
୩୯. ଡିଜିଟାଲ ଇଜେସନ୍ ଅଫ୍ ହାୟର ଏଜୁକେସନ୍
ଇଣ୍ଟର ନ୍ୟାସନାଲାଇଜଡ୍ ଅଫ୍ ପୋଷ୍ଟ କୋଭିଡ - ୨୦୧୯
୪୦. ନ୍ୟାସନାଲ ଏଜୁକେସନ୍ ପଲିସ୍ - ୨୦୨୦
ମେକିଙ୍ଗ ନ୍ୟୁ ଇଣ୍ଡିଆ
୪୧. ଓଡିଆ ସାହିତ୍ୟ ର ଉଜ୍ଜ୍ୱଳମୟ ତାରକା
ଦେବୀ ପ୍ରସନ୍ନ ପଟ୍ଟନାୟକ

୪୨. ଓଡିଆ ସାହିତ୍ୟ ର ସାର୍ଥକ ସମାଲୋଚକ
ଆଦିକନ୍ଦ ସାହୁ
୪୩. ଓଡିଆ ସାହିତ୍ୟ ର ସାଧକ
ଉଦୟନାଥ ସାହୁ
୪୪. ଓଡିଆ ସାହିତ୍ୟ ର ସାହିତ୍ୟିକ
ମନୀନ୍ଦ୍ର କୁମାର ମେହେର
୪୫. ଓଡିଆ ସାହିତ୍ୟ ର ଦୃଢସ୍ୱର
କୃଷ୍ଣଚନ୍ଦ୍ର ପ୍ରଧାନ
୪୬. ଓଡିଆ ସାହିତ୍ୟ ର ବିଶିଷ୍ଟ ନାଟ୍ୟକାର
ନୀଳାଦ୍ରି ଭୂଷଣ ହରିଶ୍ଚନ୍ଦନ
୪୭. ଓଡିଆ ସାହିତ୍ୟରେ ସାରସ୍ୱତସାଧିକା
ବିଷ୍ଣୁପ୍ରିୟା ଓତା
୪୮. ଓଡିଆ ସାହିତ୍ୟ ର ବିଶିଷ୍ଟ ପ୍ରାବନ୍ଧିକ
ବାଉରୀବନ୍ଧୁ କର
୪୯. ଓଡିଆ ସାହିତ୍ୟ ର ଭାଷା ଗବେଷକ
ପଣ୍ଡିତ ଅନ୍ତର୍ଯ୍ୟାମି ମିଶ୍ର
୫୦. ଓଡିଆ ସାହିତ୍ୟ ର ବିଶିଷ୍ଟ କବି
ହରପ୍ରସାଦ ଦାଶ
୫୧. ଓଡିଆ ସାହିତ୍ୟ ର ବିଶିଷ୍ଟ ଗାଳ୍ପିକ
ରାମଚନ୍ଦ୍ର ବେହେରା
୫୨. ଓଡିଆ ସାହିତ୍ୟ ର ବିଶିଷ୍ଟ ସାହିତ୍ୟିକ
ତରୁଣକାନ୍ତି ମିଶ୍ର
୫୩. ଓଡିଆ ସାହିତ୍ୟ ର ବିଶିଷ୍ଟ ପ୍ରାବନ୍ଧିକ
ଗୌରହରି ଦାସ
୫୪. ଓଡିଆ ସାହିତ୍ୟ ର ସାହିତ୍ୟିକ
ସନ୍ତୋଷ କୁମାର ତ୍ରିପାଠୀ
୫୫. ଓଡିଆ ସାହିତ୍ୟ ର ସାଧକ
ନୃସିଂହ ଚରଣ ଷଡଙ୍ଗୀ
୫୬. ଓଡିଆ ସାହିତ୍ୟ ର ବିଶିଷ୍ଟ ଗାଳ୍ପିକ
ଇଂ. ବିଷ୍ଣୁ ସାହୁ
୫୭. ଓଡିଆ ସାହିତ୍ୟ ର ସାରସ୍ୱତସାଧକ
ବୈଷ୍ଣବ ଚରଣ ସାମଲ
୫୮. ଓଡିଆ ସାହିତ୍ୟ ର ସାହିତ୍ୟିକ - ସଂଗଠକ
ବିଜୟାନନ୍ଦ ସିଂହ
୫୯. ଓଡିଆ ସାହିତ୍ୟ ର ଲେଖକ
ଧନେଶ୍ୱର ସାହୁ
୬୦. ଓଡିଆ ସାହିତ୍ୟ ର ସେବକ
ସାହିତ୍ୟିକ ସୁବାଷ ନାୟକ

ଦୀର୍ଘ ଷାଠିଏ ଗୋଟି ଗବେଷଣାତ୍ମକ - ଗବେଷଣା ପତ୍ର (ରିସର୍ଚ୍ଚ ପେପର) ର ସ୍ରଷ୍ଟା ସାହିତ୍ୟ ସେବକ ସୁବାଷ ।

"ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥି ଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି ପ୍ରଫେସର ଆଦିକନ୍ଦ ସାହୁଙ୍କ ଅଧିନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଉପାଧିପ୍ରାପ୍ତ । ଏହି ସନ୍ଦର୍ଭରେ ନନ୍ଦିନୀ ଶତପଥି ଙ୍କ ଜୀବନୀ ସହିତ ସୃଜନୀକୁ ବିଷାଦ ଭାବରେ ବର୍ଣ୍ଣନା କରାଯାଇଅଛି । ନନ୍ଦିନୀ ଙ୍କ ସାରସ୍ୱତ ସୃଷ୍ଟି - ଗୋଟିଏ କବିତା ସଂକଳନ - ଉତ୍ତର ପୁରୁଷ, ଦୁଇଗୋଟି ଗଳ୍ପ ସଂକଳନ - କେତୋଟି କଥା ଓ ସପ୍ତଦର୍ଶୀ ଓ ଚାରିଗୋଟି ଅନୁବାଦ ସଂକଳନ ପୁସ୍ତକ - ତସଲିମା ନାସରିନ ଙ୍କ ଲଜ୍ଜା, ଅମୃତା ପ୍ରୀତମ ଙ୍କ ରେଭ୍ୟୁନ୍ ଟିକେଟ୍, ମହାଶ୍ୱେତା ଦେବୀଙ୍କ ନିର୍ବାଚିତ ଗଳ୍ପ ତଥା କୃଷ୍ଣା କ୍ରିପାଲିନୀ ଙ୍କ ଗାନ୍ଧୀ କଥାମୃତକୁ ଉପସ୍ଥାପିତ କରାଯାଇଅଛି - ଗବେଷଣାତ୍ମକ ଶୈଳୀରେ ତମସା ରାଜନୀତିକ ଜୀବନ - ଓଡିଶାର ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଭାବରେ ନନ୍ଦିନୀ ଦେବୀ ଭୁଲିପାରିନଥିଲେ ସାହିତ୍ୟ ସାଧନାକୁ ।

ଉଚ୍ଚତର ଗବେଷଣା / ପୋଷ୍ଟ ଡକ୍ଟରାଲ / ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ଉପାଧି ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରୟାସଯୁକ୍ତ ଗବେଷଣା ସନ୍ଦର୍ଭ - "ଓଡିଆ ସାହିତ୍ୟ ର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟ ର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ" ପ୍ରସଙ୍ଗରେ କାର୍ଯ୍ୟରତ ।

ଏଥିରେ କାଳିନ୍ଦୀଚରଣ ପାଣିଗ୍ରାହୀ, ସାରସ୍ୱତସାଧକ କାଳିନ୍ଦୀଚରଣ ପାଣିଗ୍ରାହୀ, କବି କାଳିନ୍ଦୀଚରଣ ପାଣିଗ୍ରାହୀ, ନରେନ୍ଦ୍ର ମୋଦି, ରାଷ୍ଟ୍ରନାୟକ ନରେନ୍ଦ୍ର ମୋଦି, ସାହିତ୍ୟସ୍ରଷ୍ଟା ନରେନ୍ଦ୍ର ମୋଦି, କବି ନରେନ୍ଦ୍ର ମୋଦି ଆଦି ବିଷୟବସ୍ତୁ ପାଣ୍ଡୁଲିପିରେ ସ୍ଥାନୀତ ହୋଇପାରିବ ।

ଗବେଷଣ କ୍ଷେତ୍ରରେ ସୁବାଷ - ଉତ୍କଳ ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ଗାଇଡି ପାଇଁ ଅନୁମତି ଅପେକ୍ଷାରତ ସହିତ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନେକ କିଛି ଗବେଷକ ଶିକ୍ଷାର୍ଥୀଙ୍କ ମାର୍ଗଦର୍ଶନ କାରୀ ।

## ଅଧ୍ୟାପକ

ସୁବାଷ ଜଣେ ଓଡିଆ ଭାଷା ଓ ସାହିତ୍ୟ ର ଅଧ୍ୟାପକ ଭାବରେ ନିଜକୁ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରୀୟ ସେମିନାର ଓ କନ୍‌ଫରେନ୍ସରେ ସକ୍ରିୟ ଅଂଶଗ୍ରହଣ ଓ ୱେବିନାରରେ ଅଂଶଗ୍ରହଣ କରି ସାର୍ଟିଫିକେଟ୍ ପ୍ରାପ୍ତ ଚାଳିଶ ଗୋଟିରୁ ଉର୍ଦ୍ଧ୍ୱ ସଂପାନରେ ଜଣେ ଅଧ୍ୟାପକ ଭାବରେ ଯୋଗଦାନ କରି ବୌଦ୍ଧିକ ବିକାଶ ଦିଗରେ ନିଜକୁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରିଛନ୍ତି । ସେହି ପ୍ରମୁଖ ଅନୁଷ୍ଠାନ ମଧ୍ୟରୁ କିଛି ଝଲକ୍ -

୧. ଓଡିଆ ଗବେଷଣା ପରିଷଦର - ରୌପ୍ୟ ଜୟନ୍ତୀ ମେମୋରିଆଲ ଲେକଚର - ଭୁବନେଶ୍ୱର ରେ - ଓଡିଆ ସାହିତ୍ୟ ର ଦିଗ ଓ ଦିଗନ୍ତ ପ୍ରସଙ୍ଗରେ ଅଂଶଗ୍ରହଣ - ନଭେମ୍ବର, ୨୦୦୮ ।

୨. ବାଜିରାଉତ ମେମୋରିଆଲ କଲେଜ, ଭୁବନରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗରେ - ୟୁଜିସି ସେମିନାର, ପଞ୍ଚସଖା ଯୁଗ ଧର୍ମ ସାହିତ୍ୟ ପ୍ରସଙ୍ଗରେ ଯୋଗଦାନ - ଡିସେମ୍ବର, ୨୦୦୭ ।

୩. ୩୯ତମ ବିଶ୍ୱକବି ସମ୍ମିଳନୀ - "ୱାର୍ଲ୍ଡ ଏକାଡେମୀ ଅଫ୍ ଆର୍ଟ ଆଣ୍ଡ କଲଚର" ପକ୍ଷରୁ - ଭାରତର ଓଡିଶା ପ୍ରଦେଶର ଭୁବନେଶ୍ୱରସ୍ଥ କିଟ୍ ବିଶ୍ୱବିଦ୍ୟାଳୟରେ ପାଞ୍ଚଦିନ ବ୍ୟାପି ସାରସ୍ୱତ ମେଳାର ଅଂଶଗ୍ରହଣ ଓ କବିତା ପାଠସହ ମାନପତ୍ରପ୍ରାପ୍ତ - ଅକ୍ଟୋବର, ୨୦୧୯ ।

୪. ଜାତୀୟ ଶିକ୍ଷାନୀତି ଉପରେ - ନେସନାଲ କନଫରେନେସ୍ - ଅଖିଳ ଭାରତୀୟ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘ (ଆଇଫୁଟୋ) ପକ୍ଷରୁ - ଓଡିଶାରେ ଯୋଗଦାନ - ଡିସେମ୍ବର, ୨୦୧୯ ସହିତ ସନ୍ଦର୍ଭ ପାଠ ଓ ମାନପତ୍ରପ୍ରାପ୍ତ ।

୫. ୟୁଜିସି ଅନୁମୋଦିତ - ସାରସ୍ୱତ ପତ୍ରିକା "ରକ୍‌ପେବୁଲ" ର ଜାତୀୟ ସଂପାନ ବ୍ୟାସନଗର କଲେଜ ଯାଜପୁର ରେ ଯୋଗଦାନ ଓ ସନ୍ଦର୍ଭ ପାଠସହ ମାନପତ୍ରପ୍ରାପ୍ତ - "ଭାରତୀୟ ସାହିତ୍ୟରେ ଦଳିତ" ଶୀର୍ଷକରେ - ଡିସେମ୍ବର, ୨୦୧୯

୬. "ଇକୋଲୋଜି ଓ ଇନଭାରମେଣ୍ଟ" ପ୍ରସଙ୍ଗରେ ଜାତୀୟ ସଂପାନ - ୟୁଜିସି କେୟାର ସାରସ୍ୱତ ପତ୍ରିକା "ରକ୍‌ପେବୁଲ" ରେ ସନ୍ଦର୍ଭ ପାଠ ଓ ମାନପତ୍ରପ୍ରାପ୍ତ (ରୋମାଣ୍ଟିକ୍ ଲିଟରେଚର ଓ ଇନ୍‌ଭାରମେଣ୍ଟ) - ଜାନୁୟାରୀ, ୨୦୨୦ ।

୭. ଭୁବନେଶ୍ୱର ରେ - ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମିଳନରେ "ଗାଳୀ ଓ ଓଡିଆ ସାହିତ୍ୟ" ଜାତୀୟ ସେମିନାର ରେ ଅଂଶଗ୍ରହଣ ଓ ମାନପତ୍ରପ୍ରାପ୍ତ - ଡିସେମ୍ବର, ୨୦୧୯ ।

୮. ଦୀର୍ଘ ୩୦୦୦ ବର୍ଷର ଆମ ଓଡିଆ ଭାଷାକୁ ଭାରତ ସରକାର ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ଦେବାପରେ ଏହାର କିପରି ରୂପାୟନ ହୋଇପାରିବ - ସେଥିପାଇଁ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ - ଶାସ୍ତ୍ରୀୟ ଓଡିଆ ଭାଷା - ଜାତୀୟ ପରାମର୍ଶ କର୍ମଶାଳାରେ ଜଣେ ନିମନ୍ତ୍ରୀତ ସଭ୍ୟ ଭାବରେ ଯୋଗଦାନ କରି ନିଜର ସୁ ମତାମତ ପ୍ରଦାନରେ ଗୁରୁତ୍ୱ ଆରୋପ - ଫେବୃୟାରୀ, ୨୦୧୬ ।

୯. ଚୈତନ୍ୟ ଡିମଣ୍ଡ ବିଶ୍ୱବିଦ୍ୟାଳୟ - ୱାରଙ୍ଗଲ, ତେଲଙ୍ଗାନା ପ୍ରଦେଶରୁ - ଜାତୀୟ ଶିକ୍ଷାନୀତି - ୨୦୨୦ରେ ଅଂଶଗ୍ରହଣ ଓ ମାନପତ୍ରପ୍ରାପ୍ତ - ଅଗଷ୍ଟ, ୨୦୨୦ ।

୧୦. ଭୁବନେଶ୍ୱର - କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ - ତିନି ଦିବସୀୟ ବ୍ୟାପି ଆନ୍ତର୍ଜାତୀୟ ସେମିନାର - ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ସକ୍ରିୟ ଅଂଶଗ୍ରହଣ ଓ ମାନପତ୍ରପ୍ରାପ୍ତ ।

୧୧. ସାରଳା ଭାଷା ସାହିତ୍ୟ ଓ ସ୍ୱଦେଶୀ ଗବେଷଣା ପରିଷଦ - ଓଡିଶା ପକ୍ଷରୁ - ବନ୍ଦେ ଉତ୍କଳ ଜନନୀ - ଜାତୀୟ ସମନ୍ୱୟର ସାଧନା ଜାତୀୟ ସେମିନାର ରେ ଅଂଶଗ୍ରହଣ ମାନପତ୍ରପ୍ରାପ୍ତ ।

୧୨. କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ର ଜାତୀୟ ସେମିନାର - ଓଡିଆ ସାହିତ୍ୟ ବିଭାଗ - ଆସାମ ଓ ଓଡିଶା ର ଜନଜାତି ସଂସ୍କୃତି - ଏକ ତୁଳନାତ୍ମକ ଚର୍ଚ୍ଚାରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ସେପ୍ଟେମ୍ବର, ୨୦୨୦ ।

୧୩. ଜବାହାର ନେହୁର ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ - ଆଦିକବି ସାରଳା ଦାସ - ଓଡିଆ ଚେୟାର ପକ୍ଷରୁ - ମିଟ୍ ଦ ଅର୍ଥର (ପ୍ରତିଭା ରାୟ) ୱେବିନାର ରେ ଯୋଗଦାନ - ଅଗଷ୍ଟ, ୨୦୨୦ ।

୧୪. ପୋଷ୍ଟ-କୋଭିଡ-୨୦୧୯ ପରିପ୍ରେକ୍ଷୀରେ ଆନ୍ତର୍ଜାତୀୟ ସ୍ତରରେ - ଉଚ୍ଚଶିକ୍ଷାର ଭବିଷ୍ୟତ ଓ ପରିକଳ୍ପନା ଶୀର୍ଷକ - ଆନ୍ତର୍ଜାତୀୟ ସେମିନାର ଆୟୋଜକ - ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସଂଘ (IAU) - ଜୁନ୍, ୨୦୨୦ ଓ ମାନପତ୍ରପ୍ରାପ୍ତ

୧୫. ଭାରତରେ ଆମେରିକା ରାଷ୍ଟ୍ରଦୂତ (ୟୁଏସ୍ - ଆମ୍ବାସୀ) ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (AIU) ପକ୍ଷରୁ - ଜାତୀୟ ସେମିନାର - ପୋଷ୍ଟ କୋଭିଡରେ - ଉଚ୍ଚଶିକ୍ଷାର ଭବିଷ୍ୟତ ପ୍ରସଙ୍ଗରେ ଯୋଗଦାନ କରି ମାନପତ୍ରପ୍ରାପ୍ତ - ଜୁଲାଇ, ୨୦୨୦ ।

୧୬. ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ - ଆନ୍ତର୍ଜାତୀୟ ସେମିନାର - ପୋଷ୍ଟ କୋଭିଡ ପରିପ୍ରେକ୍ଷୀରେ - ଆନ୍ତର୍ଜାତୀୟ ବ୍ୟବସାୟରେ ପ୍ରଭାବ ପ୍ରସଙ୍ଗରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ଜୁଲାଇ, ୨୦୨୦ ।

୧୭. ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ - କୋଭିଡ - ୨୦୧୯ ପରିପ୍ରେକ୍ଷୀରେ - ଓଡିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଡିଜିଟାଲାଇଜ୍ କିପରି ଭାବରେ ପ୍ରଭାବିତ କରିଅଛି - ଶୀର୍ଷକ - ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ଜୁଲାଇ, ୨୦୨୦ ।

୧୮. ଓଡିଆ ସମାଜ, ନୂଆଦିଲ୍ଲୀ ପକ୍ଷରୁ - ଓଡିଆ ଭାଷା ଓ ସାହିତ୍ୟ - କିଛି ଦୃଷ୍ଟି-କିଛି ଚିନ୍ତା ପ୍ରସଙ୍ଗରେ ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ ।

୧୯. "କିପରି ସିସୋମୋଟ୍ରିକ୍ ରିସର୍ଚ୍ଚ" କରାଯାଇପାରିବ, ସେ ଦିଗରେ ଜାତୀୟ ୱେବିନାର - ଡକ୍ଟର ଏମ୍. ଜି. ଆର. - ଏଜୁକେସନାଲ ଓ ରିସର୍ଚ୍ଚ ଇନିଷ୍ଟ୍ୟୁଚ୍ୟୁଟ୍ (ଡିମିଡ୍ ବିଶ୍ୱବିଦ୍ୟାଳୟ) ତାମିଲନାଡୁରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ ।

୨୦. କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ର ଓଡିଆ ସାହିତ୍ୟ ବିଭାଗ ପକ୍ଷରୁ - ଆଦିବାସୀ ଭାଷା ଓ ସଂସ୍କୃତି ଏକ ଦୃଷ୍ଟିପାତ ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ଅଗଷ୍ଟ, ୨୦୨୦ ।

୨୧. ଭାରତରେ ଆମେରିକା ରାଷ୍ଟ୍ରଦୂତ - (ୟୁଏଏସ୍ ଆମ୍ବାସୀ) ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (AIU) ପକ୍ଷରୁ - ଉଚ୍ଚଶିକ୍ଷାରେ ଭବିଷ୍ୟତ ପ୍ରସଙ୍ଗରେ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ଅଗଷ୍ଟ, ୨୦୨୦ ।

୨୨. ଜବାହାରଲାଲ କଲେଜ, ପାଟଣାଗଡ - ଓଡିଆ ଭାଷା ଓ ସାହିତ୍ୟ ପକ୍ଷରୁ - "ମେହେର ସାହିତ୍ୟରେ ମାନବିକତା" - ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ଅଗଷ୍ଟ, ୨୦୨୦ ।

୨୩. ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ - "ଆତ୍ମନିର୍ଭର ଭାରତ - ସୁଯୋଗ ଅପର୍ଯ୍ୟାପ୍ତ" ପ୍ରସଙ୍ଗରେ - ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ଅଗଷ୍ଟ, ୨୦୨୦ ।

୨୪. ଓଡିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ - ଓଡିଆ ସଂସ୍କୃତିକୁ ଅତିବଡିଙ୍କ ଅବଦାନ ପ୍ରସଙ୍ଗରେ - ଜାତୀୟ ୱେବିନାର ରେ ଯୋଗଦାନ - ଅଗଷ୍ଟ, ୨୦୨୦ ।

୨୫. ଶିଶୁ ଅନନ୍ତ ମହାବିଦ୍ୟାଳୟ, ବାଲିପାଟଣା ପକ୍ଷରୁ - ଜାତୀୟ ୱେବିନାର - "ଗ୍ରାମୀଣ ଯୁବକ ଓ କୁଶଳୀ ବିକାଶ" ପ୍ରସଙ୍ଗରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ସେପ୍ଟେମ୍ବର, ୨୦୨୦ ।

୨୬. ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସଂଘ (AIU) ପକ୍ଷରୁ - ଉଚ୍ଚଶିକ୍ଷାର ଭବିଷ୍ୟତ - (ପୋଷ୍ଟ କୋଭିଡ) ପରିପ୍ରେକ୍ଷୀରେ - ଡିଜିଟାଲ ମାଧ୍ୟମରେ ଶିକ୍ଷାଦାନ ପ୍ରସଙ୍ଗରେ ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ସେପ୍ଟେମ୍ବର, ୨୦୨୦

୨୭. ୟୁଜିସି କେୟାର - ଲିଟରାରୀ ଜର୍ଣ୍ଣାଲ - "ରକ୍‌ପେବୁଲ" ପକ୍ଷରୁ - "ଭାରତୀୟ ଇଂରାଜୀ ସାହିତ୍ୟକୁ ଗୀତା ମେହେଟ୍ଟା ଙ୍କ ଅବଦାନ" ପ୍ରସଙ୍ଗରେ ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ସେପ୍ଟେମ୍ବର, ୨୦୨୦ ।

୨୮. ଭାରତୀୟ ଦାର୍ଶନିକ ଗବେଷଣା ପରିଷଦ ପକ୍ଷରୁ - "ବିଶ୍ୱ ଶାନ୍ତି ହିଁ ବେଦ ଦ୍ୱାରା ସମ୍ଭବ" ପ୍ରସଙ୍ଗରେ ଆନ୍ତର୍ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ସେପ୍ଟେମ୍ବର, ୨୦୨୦ ।

୨୯. ଜବାହାରଲାଲ କଲେଜ, ପାଟଣାଗଡ - "ପେନ୍ ଆଣ୍ଡ ପାଣ୍ଡାମିକ" ପ୍ରସଙ୍ଗରେ ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ସେପ୍ଟେମ୍ବର, ୨୦୨୦ ।

୩୦. ସରକାରୀ କଲେଜ, ଡାମନ ପକ୍ଷରୁ - ଜାତୀୟ ୱେବିନାର - "ମହିଳା ପ୍ରତିନିଧିତ୍ୱ - ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନରେ" ପ୍ରସଙ୍ଗରେ ଯୋଗଦାନ - ସେପ୍ଟେମ୍ବର, ୨୦୨୦ ।

୩୧. ଭାରତରେ ଆମେରିକାର ରାଷ୍ଟ୍ରଦୂତ (ୟୁଏସି) ପକ୍ଷରୁ ତଥା ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (AIU) ମିଳିତ ସହଯୋଗରେ - "ଉଚ୍ଚଶିକ୍ଷାର ଭବିଷ୍ୟତ" ପ୍ରସଙ୍ଗରେ ଜାତୀୟ ୱେବିନାର ରେ ଯୋଗଦାନ ଓ ମାନପତ୍ର ପ୍ରାପ୍ତ - ସେପ୍ଟେମ୍ବର, ୨୦୨୦ ।

୩୨. କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ - ଆନ୍ତର୍ଜାତୀୟ ଓ୍ୱବିନାର - "ଇଣ୍ଟର ଡିସିପିନାରୀ ପ୍ରଫେକଟସ୍ ଅଫ୍ ଡିଜିଟାଲ ହ୍ୟୁମାନିଟି" ପ୍ରସଙ୍ଗରେ ଯୋଗଦାନ ଓ ମାନପତ୍ରପ୍ରାପ୍ତ - ସେପ୍ଟେମ୍ବର, ୨୦୨୦ ।

୩୩. କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ - ଆନ୍ତର୍ଜାତୀୟ ଓ୍ୱବିନାର - "କଲଚରାଲ ଷ୍ଟଡିଜ୍ - ଟେଟ୍ରୋ ଆଣ୍ଡ ପ୍ରପୋଟ୍ରିଭସ୍" ପ୍ରସଙ୍ଗରେ ଯୋଗଦାନ - ସେପ୍ଟେମ୍ବର, ୨୦୨୦ ।

୩୪. ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ, ଓଡିଆ ଭାଷା ଓ ସାହିତ୍ୟ ସ୍ନାତକୋତ୍ତର ବିଭାଗ ପକ୍ଷରୁ ଖଲ୍ଲିକୋର୍ଟ ଗଡର - ଐତିହ୍ୟ ଓ ସଂସ୍କୃତି - ଓଡିଆ ପ୍ରକଳ୍ପ ଶୀର୍ଷକ ଜାତୀୟ ଓ୍ୱବିନାର ରେ ଯୋଗଦାନ - ସେପ୍ଟେମ୍ବର, ୨୦୨୦ ।

୩୫. ଜବାହାରଲାଲ କଲେଜ, ପାଟଣାଗଡ ପକ୍ଷରୁ - ଜାତୀୟ ଓ୍ୱବିନାର - "ସ୍ୱାମୀ ବିବେକାନନ୍ଦ - ଭାରତୀୟ ଯୁବମାନସର ପ୍ରତୀକ" ଯୋଗଦାନ ଓ ମାନପତ୍ରପ୍ରାପ୍ତ - ସେପ୍ଟେମ୍ବର, ୨୦୨୦ ।

୩୬. ମୋ ରାଷ୍ଟ୍ରୀୟ ଶିକ୍ଷାନୀତି (My NEP) - "ବିଦ୍ୟା ଭାରତୀ" - ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ପକ୍ଷରୁ - ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ଓ ମାନପତ୍ରପ୍ରାପ୍ତ - ସେପ୍ଟେମ୍ବର, ୨୦୨୦ ।

୩୭. ଜାତୀୟ ଓ୍ୱବିନାର - କନଫରେନ୍ସ ଅନ୍ ଅନ୍‌ଲାଇନ୍ ୟୁନିଭରସିଟି ଏଜୁକେସନ୍ ଆଣ୍ଡ ଇଂରାଜୀ ଲାଙ୍ଗୁଏଜ୍ ଟିଚିଙ୍ଗ୍ ସ୍କୋପ ଓ ଚାଲେଞ୍ଜ (ଭୋଲୋର ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଟ୍) ଡିମଡ୍ ଟ୍ୟୁ ୟୁନିଭରସିଟି - ତାମିଲନାଡୁ) ।

୩୮. ଇଣ୍ଟରନ୍ୟାସନାଲ ଓ୍ୱବିନାର (ଭର୍ଚ୍ୟୁଆଲ୍) - ୪୦ତମ ଓ୍ୱାଲଡି କଂଗ୍ରେସ ଅଫ୍ ପୋଏଟ୍ (ଓ୍ୱାଲର୍ଡ ଆକାଡେମିକ୍ ଅଫ୍ ଆର୍ଟ ଆଣ୍ଡ କଲଚର୍) ।

୩୯. ଗ୍ଲୋବାଲ କନଫରେନ୍ସ (ଭର୍ଚ୍ୟୁଆଲ୍) - ଓ୍ୱାଲର୍ଡ ଆସୋସିଏସନ୍ ଅଫ୍ ଆକାଡେମିକ୍ ଡକ୍ଟର ମିଳିତ ଆନୁକୂଲ୍ୟ - କୋଲଡ ଟେକ୍ନିକାଲ ୟୁନିଭରସିଟି (ପ୍ରଫୋଟିଭିସ୍ ଅଫ୍ ଏଣ୍ଟରପାଇନୋସିପ୍ ଏଜୁକେସନ୍ ଆଣ୍ଡ ଟେକ୍ନୋଲୋଜି) ।

୪୦. ଇ. ଓ୍ୱାର୍କସପ୍ ଅନ୍ ରିସର୍ଚ୍ଚ ମୋଥୋଡଲୋଜି ଆଣ୍ଡ ପବ୍ଲିକେଶନ୍ ଏଥିକସ୍ - ଡକ୍ଟର ବି. ଆର୍. ଆମ୍ବେଦକର ସେର୍ଣ୍ଟାଲ ଲାଇବ୍ରେରୀ - ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍.ୟୁ), ନୂଆଦିଲ୍ଲୀ ।

୪୧. ଜାତୀୟ ଓ୍ୱବିନାର - ସେବା ଓ ତ୍ୟାଗର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଓ ଏକବିଂଶ ଶତାବ୍ଦୀର ଓଡିଶା - ବ୍ୟାସନଗର ମହାବିଦ୍ୟାଳୟ, ଯାଜପୁର ।

୪୨. ଏଜୁକେସନ୍ ଫର ନେସନ୍ ବିଲିଡିଙ୍ଗ ଇନିଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟ୍ ଆଣ୍ଡ ଏନ୍‌ଭରଫମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସ୍

ଆହୁରି ଅନେକ ଓ୍ୱବିନାର / ସେମିନାର ରେ ଜଣେ ଅଧ୍ୟାପକ ଭାବରେ ସୁବାଷ ଙ୍କ ଯୋଗଦାନ ତାଙ୍କୁ ଜଣେ ପାଣ୍ଡିତ୍ୱ ବ୍ୟକ୍ତିତ୍ୱ ଆଡକୁ ଅଗ୍ରସର କରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

## ପଦପଦବୀ

ସୁବାଷ ଓଡିଆ ସାହିତ୍ୟ ର ଜଣେ ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ଜଣେ ସାହିତ୍ୟ ସେବକ । ସମାଜର ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟରତ ।

୧. ସାଧାରଣ ସମ୍ପାଦକ - (ସଂଗଠନ)
ବାଣି ସାହିତ୍ୟ ସଂସଦ, ଭୁବନ
(ଭୁବନର ଏକ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ)

୨. ଜିଲ୍ଲା ସଂସ୍କୃତି ପରିଷଦ, ଢେଙ୍କାନାଳର ସଭ୍ୟ
(ଢେଙ୍କାନାଳ ଜିଲ୍ଲା ମହୋତ୍ସବର ସ୍ମରଣୀକା କମିଟି ସହିତ କବି ସମ୍ମିଳନୀ କମିଟି ସଦସ୍ୟ)

୩. ଓଡିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ
ଉତ୍କଳ ସାହିତ୍ୟ ସମାଜ, କଟକର ଆଜୀବନ ସଭ୍ୟ

୪. ଓଡିଶାର ଅଗ୍ରଣୀ ଗବେଷଣା ସଂସ୍ଥା
ଓଡିଆ ଗବେଷଣା ପରିଷଦର ଆଜୀବନ ସଭ୍ୟ

୫. ସ୍ମରଣୀକା ସମ୍ପାଦନା ମଣ୍ଡଳୀ ସଭ୍ୟ (ପୁରାତନ ଛାତ୍ର ପ୍ରତିନିଧି)
ରଜତ ଜୟନ୍ତୀ ଉତ୍ସବ - ବାଜିରାଉତ କଲେଜ, ଭୁବନ

୬. ଆଲୁମୁନି ଆସୋସିଏସନ୍ ସଭ୍ୟ
ବଡହାଟ ଉଚ୍ଚ ପ୍ରାଥମିକ ସ୍କୁଲ, ବଡହାଟ, ଭୁବନ

୭. ଆଲୁମୁନି ଆସୋସିଏସନ୍ ସଭ୍ୟ
ଭୁବନ ହାଇସ୍କୁଲ, ଭୁବନ

୮. ଆଲୁମୁନି ଆସୋସିଏସନ୍ ସଭ୍ୟ
ବାଜିରାଉତ ମେମୋରିଆଲ କଲେଜ, ଭୁବନ

୯. ଆଲୁମୁନି ଆସୋସିଏସନ୍ ସଭ୍ୟ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

୧୦. ଆଲୁମୁନି ଆସୋସିଏସନ୍ ସଭ୍ୟ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ସମ୍ବଲପୁର

୧୧. ଆଜୀବନ ସଭ୍ୟ
ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମିଳନ, ଭୁବନେଶ୍ୱର

୧୨. ଆଜୀବନ ସଭ୍ୟ - ୟୁଜିସି କେୟାର -
ଲିଟେରାରୀ ଜର୍ଣ୍ଣାଲ "ରକ୍‌ପେବୁଲ"

୧୩. ଆଜୀବନ ସଭ୍ୟ - ଓଡିଆ ସାରସ୍ୱତ ପତ୍ରିକା "ଜନସୁଧା"

୧୪. ସଭ୍ୟ - ଅଖିଳ ଭାରତୀୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ସଂଗଠନ

୧୫. ପୋଗ୍ରାମ୍ କୋ-ଅଡିନେଟର - ଓମେନ୍ ସେଲଫ୍ ଡିଫେନ୍ସ
ତ୍ରିଦେବ ଡିଗ୍ରୀ କଲେଜ (ଟେଟ୍ରାହେଡ୍ରନ୍ ଗ୍ରୁପ୍)
(ଉତ୍କଳ ବିଶ୍ୱବିଦ୍ୟାଳୟ) - ଟାଙ୍ଗୀ, କଟକ

୧୬. ଆସିଷ୍ଟାଣ୍ଟ ପ୍ରଫେସର
ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ତ୍ରିଦେବ ଡିଗ୍ରୀ କଲେଜ, ଟାଙ୍ଗୀ, କଟକ

୧୭. ଭାଇସ୍-ପ୍ରିନ୍ସିପାଲ୍

ତ୍ରିଦେବ ଡିଗ୍ରୀ କଲେଜ

ଟାଙ୍ଗୀ, କଟକ

୧୮. ପ୍ରିନ୍ସିପାଲ୍

ତ୍ରିଦେବ ଡିଗ୍ରୀ କଲେଜ

(ଉତ୍କଳ ବିଶ୍ୱବିଦ୍ୟାଳୟ)

ଟାଙ୍ଗୀ, କଟକ

୧୯. ଅଧ୍ୟାପକ

ଓଡିଆ ସାହିତ୍ୟ ବିଭାଗ

ବିଦ୍ୟାର୍ଥୀ ରେସିଡେଣ୍ଟାଲ କଲେଜ, ଢେଙ୍କାନାଳ

୨୦. ଅଧ୍ୟକ୍ଷ

ଆଡିମିଶନ କମିଟି

ବିଦ୍ୟାର୍ଥୀ ରେସିଡେଣ୍ଟାଲ କଲେଜ, ଢେଙ୍କାନାଳ

୨୧. ପ୍ରତିଷ୍ଠାତା ସଭାପତି - ଛାତ୍ର ସଂସଦ

ଭୁବନ ୧୯୯୩ ମାଟ୍ରିକ୍ ବ୍ୟାଚ (ହାଇସ୍କୁଲ)

## ସମ୍ମାନ ଓ ପୁରସ୍କାର

ସୁବାଷ ଜଣେ ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ଓଡିଆ ସାହିତ୍ୟ ର ସେବକ । କାର୍ଯ୍ୟଧାରାକୁ ଆଧାରକରି ସମାଜର ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ ଓ ମାନପତ୍ର ପ୍ରାପ୍ତ ।

୧. ବାଣୀ ସାରସ୍ୱତ ସମ୍ମାନ
ବାଣୀ ସାହିତ୍ୟ ସଂସଦ, ଭୁବନ - ୨୦୧୩

୨. କବିତା ପାଠ ମାନପତ୍ର
ଜିଲ୍ଲା ସଂସ୍କୃତି ପରିଷଦ, ଢେଙ୍କାନାଳ - ୨୦୧୧

୩. କବିତା ପାଠ - ପ୍ରଶଂସା ପତ୍ର
ଢେଙ୍କାନାଳ ମହୋତ୍ସବ, ଢେଙ୍କାନାଳ - ୨୦୧୪

୪. ସାହିତ୍ୟ ମାନପତ୍ର
ଅବଦୁଲ ସୂତାର ସ୍ମୃତି ସଂସଦ
ସୁକିନ୍ଦା, ଯାଜପୁର

୫. ସାହିତ୍ୟ ସମ୍ମାନ
ଶୁଭଶ ଙ୍କ, ବାରଗାଡିଆ, କଳିଙ୍ଗନଗର, ଯାଜପୁର - ୨୦୧୩

୬. ପ୍ରତିଭା ଅନ୍ୱେଷଣ ସମ୍ମାନ
ବିରିଡି, ଜଗତ୍‌ସିଂହପୁର

୭. ମେଧାବୀ ଶିକ୍ଷାର୍ଥୀ ସମ୍ମାନ
ବଡହାଟ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ୍, ଭୁବନ

୮. ଓଡିଶା ସାମ୍ବାଦିକ ସଂଘ, ଟାଙ୍ଗୀ - ଚୌଦ୍ୱାର ଶାଖା ପକ୍ଷରୁ -
ଶ୍ରେଷ୍ଠ ଶିକ୍ଷା ପ୍ରଶାସକ ସମ୍ମାନ

୯. ୧୬ତମ ଢେଙ୍କାନାଳ ମହୋତ୍ସବ କବି ସମ୍ମାନ - ୨୦୧୫

୧୦. ୧୭ତମ ଢେଙ୍କାନାଳ ମହୋତ୍ସବ କବି ସମ୍ମାନ - ୨୦୧୬

## ସୁବାଷ ଙ୍କ ସ୍ୱପ୍ନ

## ରାଜନୀତି ଓ ରାଷ୍ଟ୍ରନୀତି

## ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି

ଆମ ରାଷ୍ଟ୍ର ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଲାଭ କରିଅଛି । ୧୯୪୭, ଅଗଷ୍ଟ ୧୫ ରେ ଭାରତର ସ୍ୱାଧିନତା ମହାମାନବ ମହାତ୍ମାଗାନ୍ଧୀ ଙ୍କ ଦ୍ୱାରା । ୧୯୫୦, ଜାନୁୟାରୀ ୨୬ ତାରିଖ - ଭାରତ ଏକ ସୌବଭୌମ୍ୟ ରାଷ୍ଟ୍ର ଭାବରେ ମାନ୍ୟତାପ୍ରାପ୍ତ ଓ ଏକ ସମ୍ବିଧାନ ଅନୁଯାୟୀ ରାଷ୍ଟ୍ର ପରିଚାଳିତ ।

**<u>ପ୍ରଫେସର ସୁବାଷ ନାୟକ ଙ୍କ ରାଜନୀତି -</u>**

ଭୁବନ ଏସିଆ ମହାଦେଶର ସର୍ବବୃହତ୍ତ ଗ୍ରାମରେ ସୁବାଷ ଙ୍କ ବାପା ରାମଚନ୍ଦ୍ର ନାୟକ ଜଣେ ଜାତୀୟ ସ୍ତରୀୟ କାଠଶିଳ୍ପୀ ସହିତ ଭାରତୀୟ ରାଜନେତା ଭାବରେ କାର୍ଯ୍ୟରତ ।

ବିଶ୍ୱର ସର୍ବବୃହତ୍ତ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟିର (ବିଜେପି)ର ବାଜପାୟୀ ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦାନ ୧୯୮୨ ମସିହାରେ ପ୍ରାଥମିକ ସଭ୍ୟ ସଂଖ୍ୟା - ୭୫୦୫ / ୦୫/୦୭/ ୧୯୮୪ ରେ କାର୍ଯ୍ୟରତ ।

ଭୁବନ ସହର ରେ ରାମଚନ୍ଦ୍ର ଙ୍କ ସଭାପତିତ୍ୱରେ ୧୯୮୩ ମସିହାରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଲାଲକୃଷ୍ଣ ଆଡଭାନୀ ଏକ ସଭା କରିଥିଲେ ।

୧୯ ଦିନକାଳ ଏକ ରାଜନୈତିକ ଷଡଯନ୍ତ୍ରରେ (ଶାସକ କଂଗ୍ରେସ ଦଳ ନେତାଙ୍କ) କାରାବରଣ କରିଥିଲେ । ୧୪ ଜଣ ସହକର୍ମୀଙ୍କ ସହିତ ରାମଚନ୍ଦ୍ର କାମାକ୍ଷାନଗର ଜେଲ୍‌ରେ ୧୯୮୫ ମସିହାରେ ।

ରାମଚନ୍ଦ୍ର ଙ୍କ ସକ୍ରିୟ ସହଯୋଗରେ ୧୯୮୫ ମସିହାରେ କାମାକ୍ଷାନଗର ବିଧାନସଭା ଆସନରୁ ପ୍ରସନ୍ନ ପଟ୍ଟନାୟକ ଓଡିଶାର ପ୍ରଥମ ବିଜେପି ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ ।

ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ଭୁବନ ଏନ୍.ଏ.ସି. ମଣ୍ଡଳ ବିଜେପି ଉପସଭାପତି ଓ ପରେପରେ ଭୁବନରେ ତିନିଥର ବିଜେପି ସଭାପତି ପଦବୀରେ ସାଂଗଠନିକ କାର୍ଯ୍ୟ କରିଥିଲେ ।

ଦଳୀୟ ଅଭିଜ୍ଞତାକୁ ଆଧାରକୁ ନେଇ ବିଜେପି ଢେଙ୍କାନାଳ ଜିଲ୍ଲା ସଭାପତି - ରୁଦ୍ରନାରାୟଣ ପାଣି ତାଙ୍କୁ (ରାମଚନ୍ଦ୍ର) ଙ୍କୁ ଜିଲ୍ଲା ଉପସଭାପତି ଭାବରେ ଦୁଇଥର ଦାୟିତ୍ୱ ଦେଇଥିଲେ ।

ଦଳର ଜଣେ ବରିଷ୍ଠ ନେତା ଭାବରେ ରାମଚନ୍ଦ୍ର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଭାବରେ କାର୍ଯ୍ୟ କରିବାକୁ ବିଜେପି ରାଜ୍ୟ ତଥା ରାଷ୍ଟ୍ରୀୟ ସଭାପତିଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ । ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହ, ପତ୍ର ସଂଖ୍ୟା - ୧୭୫ / ବିଜେପି / ୦୧/୦୮/୨୦୦୭ ଙ୍କ ପତ୍ର ରାଷ୍ଟ୍ରୀୟ ନେତା ତଥା ଓଡିଶା ପ୍ରଭାରୀ ବିନୟ କଟିଆର ଙ୍କୁ ଜଣାଇଥିଲେ, ମାତ୍ର ରାଜ୍ୟ ନେତୃତ୍ୱଙ୍କ ବିରୋଧ ଯୋଗୁଁ ଏହା ହୋଇପାରିନଥିଲା । ପରିଶେଷରେ ୩୦ ବର୍ଷର ରାଜନୈତିକ ଦଳ ବିଜେପି ଛାଡି ରାମଚନ୍ଦ୍ର ଅଣକଂଗ୍ରେସ ରାଜନୀତିରେ ଓଡିଶାରେ ଶାସକ ବିଜୁ ଜନତା ଦଳ (ବିଜେଡି)ରେ ଯୋଗଦାନ କରିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦର୍ଶରେ ଅନୁପ୍ରାଣିତ ହୋଇ ୨୦୦୮ ମସିହାରେ ଓ ଅଦ୍ୟାବଧି ବିଜେଡି ଦଳରେ କାର୍ଯ୍ୟରତ ଜଣେ ବରିଷ୍ଠ ସଦସ୍ୟ ଭାବରେ ।

ବାପା ରାମଚନ୍ଦ୍ର ଙ୍କ ରାଜନୈତିକ ଉତ୍ତରାଧିକାରୀ ଭାବରେ (ବାପା ରାମଚନ୍ଦ୍ର ଥିଲେ - ଢେଙ୍କାନାଳ (ଏମ୍.ପି.) ତଥାଗତ ଶତପଥି ଙ୍କ ନୋମିନୀ - ଭୁବନ ବାଜିରାଉତ ମେମୋରିଆଲ କଲେଜରେ ତଥା ସାଂସଦ ରୁଦ୍ର ପାଣିଙ୍କ ନୋମିନୀ - ଭୁବନ ଏନ୍.ଏ.ସି. ରେ) ସୁବାଷ ଛାତ୍ର ଜୀବନରୁ ରାଜନୀତି ସହିତ ସମ୍ପୃକ୍ତ ପରବର୍ତ୍ତୀ ମୁହୂର୍ତ୍ତରେ ବିଜେପି ଯୁବମୋର୍ଚ୍ଚାର ଜଣେ ସମର୍ଥକ ଯୁବନେତା ଭାବରେ ଓଡିଶାରେ ବିଜେଡି ସରକାର ବିରୁଦ୍ଧରେ ଓଡିଶା ବିଧାନସଭା ତଥା କେନ୍ଦ୍ରରେ କଂଗ୍ରେସ ସରକାର ବିରୁଦ୍ଧରେ ନୂଆଦିଲ୍ଲୀରେ ପାର୍ଲ୍ୟାମେଣ୍ଟ ଘେରାଉ କାର୍ଯ୍ୟକ୍ରମରେ ସୁବାଷ ସକ୍ରିୟ ଭାବରେ ଯୋଗଦାନ କରିଥିଲେ ।

ଗବେଷଣା, ସାହିତ୍ୟ ରଚନା ଓ ସର୍ବୋପରି ଅଧ୍ୟାପନା ସୁବାଷ ଙ୍କ ଜୀବନରେ ଏକ ଅଙ୍ଗ ଭାବରେ ପରିଗଣିତ ହେଲା । "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥି ଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିପ୍ରାପ୍ତ ତଥା କର୍ମମୟ ଜୀବନରେ ଢେଙ୍କାନାଳର ବିଦ୍ୟାର୍ଥୀ ରେସିଡେଣ୍ଟାଲ କଲେଜରେ ସ୍ଥାୟୀ ଭାବରେ ଓଡିଆ ଅଧ୍ୟାପକ କାର୍ଯ୍ୟ ସହିତ ପରବର୍ତ୍ତୀ ସମୟରେ କଟକ ଟାଙ୍ଗୀସ୍ଥ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନିଟ୍ୟୁସନ୍ସର ତ୍ରିଦେବ ଡିଗ୍ରୀ କଲେଜରେ ଓଡିଆ ସାହିତ୍ୟରେ ଆସିଷ୍ଟାଣ୍ଟ ପ୍ରଫେସର ସହିତ କଲେଜ ଭାଇସ୍-ପ୍ରିନିସ୍ପାଲ୍ ଓ ପ୍ରିନିସ୍ପାଲ୍ ପଦବୀରେ କାର୍ଯ୍ୟରତ ।

ଏଠାରେ ସୁବାଷ ନିଜର ସୃଜନଶୀଳ ପ୍ରତିଭାର ବିକାଶ କରିଥିଲେ - ୬୦ଟି ରିସର୍ଚ୍ଚ ପେପର ଓ ୪୦ ଗୋଟି ସେମିନାର ସହିତ ୧୫ ଗୋଟି ସାହିତ୍ୟ ବହିର ସ୍ରଷ୍ଟା ଭାବରେ ଓଡିଆ ସାହିତ୍ୟରେ ଜଣେ ଅଧ୍ୟାପକ, ସାହିତ୍ୟିକ ଓ ଗବେଷକ ଭାବରେ ପ୍ରତିଷ୍ଠା ପାଇଥିଲେ ।

ଗୁଜୁରାଟୀ କବି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା" କୁ ଓଡିଆ ଭାଷାରେ ଅନୁବାଦ ପୁସ୍ତକ କରିବା ସହିତ ନରେନ୍ଦ୍ର ମୋଦିଙ୍କ କାବ୍ୟାଞ୍ଜଳି - "ଦେବୀ ମା'ଙ୍କୁ ଚିଠି" ପୁସ୍ତକ କୁ ଓଡିଆରେ ଅନୁବାଦ କରିଛନ୍ତି । "ଏକ ଯାତ୍ରା" ପୁସ୍ତକଟି ସୁବାଷ ଙ୍କ ପ୍ରେରଣାରେ ୧୫ ଜଣ ଭାରତୀୟ କବି ଓ ୫ ଜଣ ବିଦେଶୀ କବି ସ୍ୱସ୍ୱ ଭାଷାରେ ଅନୁବାଦ କରି ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟରେ ପ୍ରତିପାଦନ କରିଅଛନ୍ତି ।

ଗୁଜୁରାଟୀ ସାହିତ୍ୟିକ ନରେନ୍ଦ୍ର ମୋଦିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ / ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ଉପାଧି ପ୍ରଦାନ ପାଇଁ ସୁବାଷ ଙ୍କ ପତ୍ରକୁ ଆଧାରକରି ଚୈତନ୍ୟ ଡିମଡ୍ ବିଶ୍ୱବିଦ୍ୟାଳୟ, ୱାରଙ୍ଗଲ, ତେଲଙ୍ଗାନାର କୁଳପତି ପ୍ରଫେସର ଜି. ଦାମୋଦର ସୁପାରିଶ କରିଛନ୍ତି - ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ।

ଭାରତର ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାରତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ "ଭାରତରତ୍ନ" ପ୍ରଦାନ ପାଇଁ ସୁବାଷ ଙ୍କ ଅନୁରୋଧ ପତ୍ରକୁ ସରକାରୀ ସ୍ତରୀୟ ସ୍ୱୀକୃତି ଗୃହ ମନ୍ତ୍ରଣାଳୟ, ଭାରତ ସରକାର - ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି ।

ବିଶ୍ୱର ସର୍ବଶ୍ରେଷ୍ଠ ସାହିତ୍ୟ ସମ୍ମାନ - ନୋବେଲ ସାହିତ୍ୟ ପୁରସ୍କାର ନିମନ୍ତେ ସୁବାଷ - ନରେନ୍ଦ୍ର ମୋଦିଙ୍କ କବିତା ପୁସ୍ତକ - ଗୁଜୁରାଟୀ ଭାଷାରେ "ଆଖାଁ ଆଁ ଧନ୍ୟ ଛେ" କୁ ନୋବେଲ କମିଟିର ପ୍ରଦତ୍ତ ଫର୍ମରେ ପୂରଣକରି ମନୋନୀତ କରିଛନ୍ତି ।

ଭାରତର ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ ଙ୍କ ନେତୃତ୍ୱରେ ଭାରତ ସ୍ୱାଧିନତା ହେବାପରେ ୧୫ ଅଗଷ୍ଟ, ୧୯୪୭ ରୁ ଅଦ୍ୟାବଧି ଭାରତ ସମଗ୍ର ବିଶ୍ୱ ସରକାର ରେ ମିଳିତ ଜାତିସଂଘର ନିରାପତ୍ତା ପରିଷଦରେ ଅସ୍ଥାୟୀ ସଭ୍ୟ ଭାବରେ କାର୍ଯ୍ୟରତ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରୟାସ - ଭାରତ ସୁରକ୍ଷା ପରିଦେର ସ୍ଥାୟୀ ସଭ୍ୟ ହେଉ, ଏ କ୍ଷେତ୍ରରେ ସୁବାଷ ଙ୍କ ଜାତିସଂଘର ମହାସଚିବଙ୍କୁ ପତ୍ର ଓ ଭାରତର ବୈଦେଶିକ ମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏହା ସମ୍ଭବହେଲେ ଭାରତର "ରାଷ୍ଟ୍ରପୁତ୍ର" ଭାବରେ ନରେନ୍ଦ୍ର ମୋଦି ସମ୍ମାନୀତ ହେବେ, ଏତିକି ହିଁ କାମନା ।

ବାପାଙ୍କର ରାଜନୈତିକ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀଙ୍କ ସେବାକାର୍ଯ୍ୟକୁ (ବିଶ୍ୱକବି, ଭାରତରତ୍ନ, ରାଷ୍ଟ୍ରପୁତ୍ର, ଡକ୍ଟର ନରେନ୍ଦ୍ର ମୋଦି) ଆଧାରକରି ସୁବାଷ ମେ ମାସ ୨୦୧୯ ଲୋକସଭା ନିର୍ବାଚନରେ ଢେଙ୍କାନାଳ ଲୋକସଭା ଆସନରୁ ବିଜେପିର ଏମ୍.ପି. ପ୍ରାର୍ଥୀ ହେବାପାଇଁ ଦରଖାସ୍ତ ସହିତ ରାଷ୍ଟ୍ରୀୟ ସଭାପତି ଅମିତ ଶାହାଙ୍କୁ ସାକ୍ଷାତ କରିଥିଲେ, ମାତ୍ର ରାଜାର କିଛି ନେତୃତ୍ୱ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ବିରୋଧ ଯୋଗୁଁ ଏହା ସମ୍ଭବପର ହୋଇପାରିନଥିଲା । ପୂର୍ବତନ ଏମ୍.ପି. ରୁଦ୍ର ପାଣି ବିଜେପି ଏମ୍.ପି. ପ୍ରାର୍ଥୀ ହୋଇ ହାରିଗଲେ, ଏ କ୍ଷେତ୍ରରେ ଓଡିଆ ପୁଅ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅତିରିକ୍ତ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କ ସମର୍ଥନ ସତ୍ତ୍ୱେ ସୁବାଷ ଏମ୍.ପି. ପ୍ରାର୍ଥୀରୁ ରାଜନେତାଙ୍କ ଷଡଯନ୍ତ୍ରରୁ ପ୍ରାର୍ଥୀତ୍ୱରୁ ବଚିଂତ ହୋଇଥିଲେ ।

ପରବର୍ତ୍ତୀ ସମୟରେ ଫେବୃୟାରୀ ମାସ ୨୦୨୦ ରେ ଓଡିଶାର ରାଜ୍ୟସଭା ଏମ୍.ପି. ନିର୍ବାଚନରେ ସୁବାଷ ବିଜେପିରୁ ଆଶାୟୀ ଏମ୍.ପି. ପ୍ରାର୍ଥୀ ହୋଇଥିଲେ ଓ ପୂର୍ବ ବର୍ଷଭଳି ବିଜେଡି ସମର୍ଥନରେ ଅଶ୍ୱିନୀ ବୈଷ୍ଣବ (ଆଇ.ଏ.ଏସ୍.) ବିଜେପିର ରାଜ୍ୟସଭା ଏମ୍.ପି. ହେବାଭଳି ସୁବାଷ ଙ୍କ କାର୍ଯ୍ୟଧାରା ବିଜେଡି ଉପରେ ଏକ ରାଜନୈତିକ ସମୀକ୍ଷା ପୁସ୍ତକ

(ନବୀନ ପଟ୍ଟନାୟକ ଙ୍କ ଦ୍ୱାରା ଉନ୍ମୋଚିତ) ବିଜୁ ପଟ୍ଟନାୟକ ଙ୍କୁ "ଭାରତରତ୍ନ" ଉପାଧି ପ୍ରଦାନ ଦାବିଦାର ରେ ବିଜେଡି ତାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ ଦେବ ବୋଲି କେନ୍ଦ୍ରୀୟ ବିଜେପି ସଭାପତି ଶ୍ରୀ ଜେ. ପି. ନଡା ଓ ନବୀନ ପଟ୍ଟନାୟକ ଙ୍କୁ ପତ୍ର ସହିତ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ରଙ୍କୁ ଅବଗତ କରାଇଥିଲେ । ଡକ୍ଟର ମିଶ୍ର - ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଓ ତାଙ୍କ ଭଉଣୀ ଗୀତା ମେହେଟ୍ଟା ଙ୍କ ସହିତ ଯୋଗାଯୋଗରେ ଥିଲେ, ମାତ୍ର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି. କେ. ପାଣ୍ଡିଆନ ଙ୍କ ମୋ ପ୍ରତି ଶୁଭଦୃଷ୍ଟି ନଥାଇ ମୁଖ୍ୟମନ୍ତ୍ରୀଙ୍କୁ ବୁଝାଇ ଖୁବ୍‌ଶୀଘ୍ର ୪ ଜଣ ବିଜେଡି ରାଜ୍ୟସଭା ଏମ୍.ପି. ଙ୍କ ନାମ ଘୋଷଣା ସହ ତାଙ୍କୁ ବିଜୟୀ କରାଇଥିଲେ ।

ପରବର୍ତ୍ତୀ ସମୟରେ ସୁବାଷ ନିଜକୁ ଜଣେ ରାଜ୍ୟସଭା ଏମ୍.ପି. ଭାବରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ (ସାହିତ୍ୟ କ୍ଷେତ୍ରରେ) ପାଇଁ ମହାମହିମଙ୍କୁ ପତ୍ର ଲେଖିବା ସହିତ ପ୍ରଧାନମନ୍ତ୍ରୀ ଓ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ରଙ୍କୁ ଅନୁରୋଧ ପତ୍ର ପ୍ରେରଣା କରିଥିଲେ, ମାତ୍ର ପତ୍ର ପହଞ୍ଚିବା ପୂର୍ବରୁ ୧୩ ମାର୍ଚ୍ଚ, ୨୦୦୦ ରିଖରେ ମହାମହିମ ରାଷ୍ଟ୍ରପତି - ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ ଙ୍କୁ ରାଜ୍ୟସଭାର ମନୋନୀତ ଏମ୍.ପି. କରିଥିଲେ

ମାତ୍ର ସୁବାଷ ନିଜର ଏମ୍.ପି. ସ୍ୱପ୍ନକୁ ଆଗକୁ ନେଇ ମହାପ୍ରଭୁ ଜଗନ୍ନାଥ ଙ୍କୁ ଭରଷା ରଖିଛନ୍ତି - ଦିନେ ସେ ଏମ୍.ପି. ହୋଇଯିବେ ଓ ଦେଶବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିବେ । ଓଡିଶା ଜାତି ଓ ଓଡିଶା ଭାଷାକୁ ପ୍ରତିନିଧିତ୍ୱ କରିବେ - ଏ ଆଶା ଓ ବିଶ୍ୱାସ ରହିଅଛି ।

**ପ୍ରଫେସର ସୁବାଷ ନାୟକ ଙ୍କ ରାଷ୍ଟ୍ରନୀତି -**

ଜଣେ ଭାରତୀୟ ଭାବରେ ନିଜକୁ ଗର୍ବ ମନେକରେ - ସୁବାଷ । ସଦାସର୍ବଦା ଚେଷ୍ଟିତ କିପରି ଭାରତମାତାର ଯୋଗ୍ୟ ସନ୍ତାନ ହେବାପାଇଁ । ଗଭୀର ଆତ୍ମବିଶ୍ୱାସ ସହିତ ଭାରତମାତା କିପରି ବିଶ୍ୱସ୍ତରରେ ପ୍ରତିଷ୍ଠିତ ହୋଇପାରିବ ସେ ଦିଗରେ ସେ ସର୍ବଦା କାର୍ଯ୍ୟରତ

**ସୁବାଷ ଙ୍କ ରାଷ୍ଟ୍ରନୀତି ସମ୍ପର୍କୀତ କିଛି ଝଲକ -**

**ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ -**

ଦୀର୍ଘଦିନ ଧରି ଇଂରେଜମାନେ ଭାରତକୁ ପରାଧିନ କରି ରଖିବା ସହିତ ସମଗ୍ର ଭାରତବର୍ଷରେ ଇଂରେଜ ବିରୋଧି ବାତାବରଣ ସୃଷ୍ଟି ହୋଇଥିଲା । ମହାତ୍ମାଗାନ୍ଧୀ ୧୯୪୨ ମସିହାରେ ଭାରତଛାଡ ଆନ୍ଦୋଳନ ଡାକରା ଦେଇଥିଲେ, ତାହାକୁ ଆଧାରକରି ସମଗ୍ର ଭାରତବାସୀ ଏକ ହେବାଦ୍ୱାରା ଇଂରେଜମାନେ ଆମକୁ ଛାଡି ଚାଲିଗଲେ - ୧୫ ଅଗଷ୍ଟ, ୧୯୪୭ ମସିହାରେ ଭାରତବର୍ଷ ସ୍ୱାଧିନତା ପ୍ରାପ୍ତ ହେଲା ।

ସେହି ଦିନଠାରୁ ମହାତ୍ମାଗାନ୍ଧୀ ଙ୍କୁ ଭାରତର ରାଷ୍ଟ୍ରପିତା ମାନ୍ୟତା ଦିଆଯାଉଛି, ମାତ୍ର ଭାରତୀୟ ଗେଜେଟ୍ ଏ ପର୍ଯ୍ୟନ୍ତ ପ୍ରକାଶ ପାଇପାରିନାହିଁ ।

ଅଶୈୟା ପରାଶରୀ ଏ କ୍ଷେତ୍ରରେ ୨୦୧୨ ମସିହାରେ ଲକ୍ଷ୍ନୌର ଜଣେ ଛାତ୍ରୀ ସୂଚନା ତଥ୍ୟ ଅଧିକାର ବଳରେ ଜାଣିବାକୁ ମହାତ୍ମାଗାନ୍ଧୀ ରାଷ୍ଟ୍ରପିତା ବୋଲି କୌଣସି ତଥ୍ୟ ନାହିଁ - ଗୃହ ମନ୍ତ୍ରଣାଳୟ, ଭାରତ ସରକାର ଙ୍କଠାରୁ ଏବଂ ଭାରତୀୟ ସମ୍ବିଧାନର ଆର୍ଟିକିଲ 18 (A) କ୍ଷମତା ନେଇନାହିଁ ମିଲିଟାରୀ ଓ ଶିକ୍ଷା (ଆକାଡେମିକ୍) ଛଡା ଅନ୍ୟ କାହାଠାରେ ନାମ ପୂର୍ବରୁ କୌଣସି ପଦବୀ ବସିପାରିବ ନାହିଁ ।

ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର ହଟ୍ଟହାସ୍ୟ ବାସିନ୍ଦା ଗୌରବ ଅଗ୍ରୱାଲା ମାନ୍ୟବର ସୁପ୍ରିମ୍‌କୋର୍ଟରେ ମହାତ୍ମାଗାନ୍ଧୀ ଙ୍କୁ "ଭାରତରତ୍ନ" ଉପାଧି ପାଇଁ PIL କରିଥିଲେ । ସୁପ୍ରିମ୍‌କୋର୍ଟଙ୍କ ପ୍ରଧାନ ବିଚାରପତି ଏହାକୁ ଖଣ୍ଡନକରି ମହାତ୍ମାଗାନ୍ଧୀ ଭାରତୀୟ ଜନମାନସରେ ଉଚ୍ଚସମ୍ମାନ ପ୍ରାପ୍ତ, ତାଙ୍କୁ "ଭାରତରତ୍ନ" ଦେବା ଅପମାନ ସଦୃଶ୍ୟ ହେବକହି ଏହାକୁ ମଳି ଦେଇଛନ୍ତି - ଜାନୁୟାରୀ, ୨୦୨୦ ମସିହାରେ ।

ଅଧିନ ପ୍ରଫେସର ସୁବାଷ ନାୟକ - ମହାତ୍ମାଗାନ୍ଧୀ ଙ୍କୁ ଭାରତର ରାଷ୍ଟ୍ରପିତା ଗେଜେଟ୍ ପ୍ରକାଶ କରିବାପାଇଁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 29.09.2018 ରିଖରେ ଏକ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ । ଏଥିରେ ଦର୍ଶାଇଥିଲେ ମହାତ୍ମାଗାନ୍ଧୀ ଙ୍କ ୧୫୦ ବର୍ଷର ଜୟନ୍ତୀ ପାଳନ ତାଙ୍କୁ ରାଷ୍ଟ୍ରପିତା ଉପାଧି ଶ୍ରେଷ୍ଠ ସମ୍ମାନ ହୋଇପାରିବ । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ, ତାଙ୍କ ପତ୍ର ସଂଖ୍ୟା - 18 ମେ, 2018 ରିଖରେ ଜଣାଇଥିଲେ (ମୋର ୦୭/୦୫/୨୦୧୮ ଦରଖାସ୍ତ)କୁ ଆଧାରକରି ସୈନିକ ସମ୍ମାନ ଯୋଜନା ସ୍ୱାଧିନତା ସଂଗ୍ରାମୀକୁ ପେନ୍‌ସନ୍

ପ୍ରଦାନ କରିଅଛି । ସମସ୍ତ ତଥ୍ୟ ଆପଣ ସଂସ୍କୃତି ମନ୍ତ୍ରଣାଳୟରୁ ପାଇବେ ଏବଂ ସଂସ୍କୃତି ମନ୍ତ୍ରଣାଳୟ ପତ୍ର - ୦୨/୦୮/୨୦୧୮ ସଂଲଗ୍ନରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଅଛି ।

ଅଦ୍ୟାବଧି ଏ ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ବିଚାରାଧିନ ଅଛି ।

**ଭାରତୀୟ ମୁକ୍ତି ସଂଗ୍ରାମର -**

**ପୁରୋଧା - ଓଡିଶାର ଜୟୀ ରାଜଗୁରୁ ନେତୃତ୍ୱାଧିନ ପାଇକ ବିଦ୍ରୋହ ୧୮୦୬ କୁ ଜାତୀୟ ମାନ୍ୟତା ସହ ଗେଜେଟ୍ ପ୍ରକାଶନ ।**

ଇଂରେଜମାନେ ଭାରତବର୍ଷକୁ ଶାସନ କରୁଥିଲେ । ତାଙ୍କ ଶାସନରେ ଅତ୍ୟାଚାରିତ ହୋଇ ନାଗରିକ ସବୁଆଡେ ବିରୋଧ ପଦର୍ଶନ କରିଲେ । ଭାରତୀୟ ମୁକ୍ତି ସଂଗ୍ରାମର ମୂକସାକ୍ଷୀ (ଇତିହାସ)କୁ ନେଇ ବିବାଦ । ଏ ପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତ ଭାରତ ସରକାର ଗ୍ରହଣ କରିପାରିନାହାଁନ୍ତି ।

୧୮୫୭ ସିପାହୀ ବିଦ୍ରୋହକୁ ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସଂଗ୍ରାମ ବୋଲି ଆମେ ଇତିହାସ ପୁସ୍ତକରୁ ପଢୁ, ମାତ୍ର ତାହାକୁ ପ୍ରତିହିତ କରିବାକୁ ଓଡିଆ ପୁଅ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପ୍ରୟାସ ଓଡିଶାର ପାଇକ ବିଦ୍ରୋହକୁ ଭାରତୀୟ ମୁକ୍ତି ସଂଗ୍ରାମର ମାନ୍ୟତା ଦିଆଯାଉ । ବକ୍ସି ଜଗବନ୍ଧୁ ଙ୍କ ନେତୃତ୍ୱରେ ୧୮୧୭ ପାଇକ ବିଦ୍ରୋହ ।

ମାତ୍ର ଇତିହାସ ଥରେ ଭୁଲ୍ ହୋଇଅଛି, ପୁନର୍ବାର ଭୁଲ୍‌ହୋଇ ଏହାକୁ ଆଧାରକରି ପ୍ରଫେସର ସୁବାଷ ନାୟକ - ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଅଛି । ଇଂରେଜମାନେ ୧୮୦୬ ମସିହାରେ ବରଗଛରେ ବାନ୍ଧି ଜୟୀ ରାଜଗୁରୁ ଙ୍କୁ ଫାଶୀ ଦେଇଥିଲେ । ଜୟୀ ରାଜଗୁରୁ ଙ୍କ ନେତୃତ୍ୱରେ ଓଡିଶାର ପାଇକ ବିଦ୍ରୋହ ୧୮୦୪ ମସିହାକୁ ଭାରତର ମୁକ୍ତି ସଂଗ୍ରାମର ପ୍ରଥମ ସଂଗ୍ରାମର ମାନ୍ୟତା ଦେଇ ଭାରତୀୟ ଗେଜେଟ୍ କରାଯାଉ ।

ଓଡିଆଙ୍କ ବୀରତ୍ୱର ଗାଥାକୁ ସ୍ୱୀକୃତି ପ୍ରଦାନ କରିବାପାଇଁ ଓଡିଆ ପୁଅ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କୁ ଅନୁରୋଧ କରିଅଛି - ଏଥିପ୍ରତି ବିହୀତ କର୍ଯ୍ୟାନୁଷ୍ଠାନ ନେବାପାଇଁ ତାହା ବର୍ତ୍ତମାନ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ବିଚାରାଧିନ ରହିଅଛି ।

**ଭାରତୀୟ ମୁକ୍ତି ସଂଗ୍ରାମର - କିଶୋର ଶହୀଦ୍ ବାଜିରାଉତ (୧୨ ବର୍ଷ ବାଳକ) ଙ୍କୁ ସର୍ବକନିଷ୍ଠ ଶହୀଦ୍ ମାନ୍ୟତା ସହ ଗେଜେଟ୍ ପ୍ରକାଶନ କରାଯାଉ ।**

ଭୁବନ ମାଟିର ସନ୍ତାନ ଭାବରେ ପ୍ରଫେସର ସୁବାଷ ନାୟକ - ଏ ମାଟିର ବୀରତ୍ୱର ଗାଥା ଇଂରେଜ ଶାସକ କୁ ଭୁବନର ପ୍ରଜାମଣ୍ଡଳ ବିରୋଧ (ଗଡଜାତ ଆନ୍ଦୋଳନ) ୧୯୩୮ ମସିହା ଅକ୍ଟୋବର ମାସ ୧୧ ତାରିଖରେ ଭୁବନର ନୀଳକଣ୍ଠପୁର ନଦୀଘାଟରେ ଡଙ୍ଗା ପାରିକରି ଦେଇନଥିଲା - ନରସଂହାର ଇଂରେଜମାନଙ୍କୁ - ପ୍ରଜାମଣ୍ଡଳର ହୁକୁମ ନାହିଁ ବୋଲି ବାର ବର୍ଷର ବାଳକ ବାଜିରାଉତ ଇଂରେଜଙ୍କୁ ଜବାବ ଦେଇଥିଲା । ଇଂରେଜମାନଙ୍କର ଗୁଳିରେ ବାଜିରାଉତ ସେଠାରେ ଟଳି ପଡିଥିଲେ ।

ଏ ସମ୍ପର୍କରେ ସୁବାଷ - ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୨୫/୦୯/୨୦୧୯ ରେ ବିସ୍ତୃତ ଭାବରେ ପତ୍ର ଲେଖି ବିଧି କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି, ସେଥିରେ ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପତ୍ର ସଂଲଗ୍ନ କରିଛନ୍ତି ଯେ ସଂଗ୍ରାମୀଙ୍କ ନାମ ସରକାରଙ୍କ ନିକଟରେ ରହିଅଛି ।

**ଓଡିଆ ପୁଅଙ୍କୁ "ଭାରତରତ୍ନ" ଉପାଧି ପ୍ରଦାନ -**

ଭାରତୀୟ ମୁକ୍ତି ସଂଗ୍ରାମ ହେଉ ଅବା ଭାରତୀୟ ସର୍ବାଙ୍ଗ ବିକାଶରେ ଓଡିଆଙ୍କ ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ, ମାତ୍ର ଅଦ୍ୟାବଧି କୌଣସି ଜଣେ ହେଲେ ଓଡିଆଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ "ଭାରତରତ୍ନ" ପ୍ରଦାନ କରାନଯିବା ଅତ୍ୟନ୍ତ ଦୁଃଖଦ ଘଟଣା । ଏ କ୍ଷେତ୍ରରେ ଜଣେ ସ୍ୱାଭିମାନୀ ଓଡିଆ ଭାବରେ ପ୍ରଫେସର ସୁବାଷ ନାୟକ ଙ୍କର ସ୍ୱର ଦିଲ୍ଲୀ ଦରବାରେ ପ୍ରତିଫଳିତ । ଓଡିଶାର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କୁ "ଭାରତରତ୍ନ" ଉପାଧି ପ୍ରଦାନପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିଗୋଚର କରାଯାଇଛି ।

**ବିଜୁ ପଟ୍ଟନାୟକ -**

ଆଧୁନିକ ଓଡିଶାର ଅନ୍ୟତମ ବିନ୍ଧାଣୀ । ଭୂମିପୁତ୍ର, ସ୍ୱାଧିନତା ସଂଗ୍ରାମୀ, ଇଣ୍ଡୋନେସିଆ ରାଷ୍ଟ୍ରର ଜନକ, ପାଇଲଟ୍, କେନ୍ଦ୍ରମନ୍ତ୍ରୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଙ୍କୁ "ଭାରତରତ୍ନ" ଉପାଧି ପ୍ରଦାନପାଇଁ ସୁବାଷ

ଙ୍କ ପତ୍ରକୁ ଆଧାରକରି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ, ପତ୍ର ସଂଖ୍ୟା - MHA-ID-No-1/21/2016 ଓ ତାରିଖ - 27.12.2016 ରେ ପ୍ରଧାନମନ୍ତ୍ରୀଙ୍କୁ ସୁପାରିଶ କରିଛନ୍ତି, ଏହା ସକ୍ରିୟ ବିଚାରାଧିନ ।

ଏଥିସହିତ ପ୍ରଫେସର ସୁବାଷ ନାୟକ - ମାନ୍ୟବର ପ୍ରଧାନମନ୍ତ୍ରୀ, ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ୧୭/୦୯/୨୦୨୦ ରିଖରେ ପ୍ରଧାନ ସଚିବ ଡକ୍ଟର ପି. କେ. ମିଶ୍ରଙ୍କ ଜରିଆରେ ଦୃଷ୍ଟିଗୋଚର କରିଛନ୍ତି - କୌଣସି ଏକ ଓଡିଆଙ୍କୁ "ଭାରତରତ୍ନ" ଉପାଧି ପ୍ରଦାନ କରାଯାଉ ।

**<u>ଉତ୍କଳମଣି ଗୋପବନ୍ଧୁ ଦାସ -</u>**

ଓଡିଶାର ଜଣେ ସୁଯୋଗ୍ୟ ସନ୍ତାନ ଉତ୍କଳମଣି ଗୋପବନ୍ଧୁ ଦାସ - ଜଣେ ସ୍ୱାଧିନତା ସଂଗ୍ରାମୀ, ଓଡିଆ ପ୍ରାଣୀ, ଦୁଃଖିରଙ୍କି ଙ୍କ ସାଥି, ଓଡିଆ ସାହିତ୍ୟ ର ବରେଣ୍ୟ ସାଧକ ଙ୍କୁ "ଭାରତରତ୍ନ" ପ୍ରଦାନ କରାଯାଉ ।

**<u>ଡକ୍ଟର ହରେକୃଷ୍ଣ ମହତାବ -</u>**

ଆଧୁନିକ ଓଡିଶାର ନିର୍ମାତା, ସ୍ୱାଧିନତା ପୂର୍ବବର୍ତ୍ତୀ ଓଡିଶାର ପ୍ରଧାନମନ୍ତ୍ରୀ, ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ, ସ୍ୱାଧିନତା ସଂଗ୍ରାମୀ, ଗଡଜାତ ସମୂହ ମିଶ୍ରଣର ସ୍ରଷ୍ଟା, ନୂତନ ଓଡିଶାର ନିର୍ମାତା, ଓଡିଆ ସାହିତ୍ୟ ର ବିଶିଷ୍ଟ ସାହିତ୍ୟିକ, କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ, ବମ୍ବେର ରାଜ୍ୟପାଳ ଡକ୍ଟର ହରେକୃଷ୍ଣ ମହତାବ ଙ୍କୁ "ଭାରତରତ୍ନ" ଉପାଧି ପ୍ରଦାନ କରାଯାଉ

**<u>ଜଷ୍ଟିସ୍ ଦୀପକ ମିଶ୍ର -</u>**

ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ଅନ୍ୟତମ ସାରଥି ଓଡିଶା ଓ ଓଡିଆ ରେ ଜଣେ ପ୍ରାଣକେନ୍ଦ୍ର, ଆଇନ୍ ବିଶାରଦ, ଭାରତ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଯୁଗାନ୍ତକାରୀ ନ୍ୟାୟ ପ୍ରଦାୟୀ ଜଷ୍ଟିସ୍ ଦୀପକ ମିଶ୍ରଙ୍କୁ ତାଙ୍କର ଭାରତୀୟ ନ୍ୟାୟିକ ଅବଦାନ ପାଇଁ "ଭାରତରତ୍ନ" ଉପାଧି ପ୍ରଦାନ କରାଯାଉ ।

ଜଣେ ଭାରତୀୟ ତଥା ଓଡିଆ ମାଟିର ତଥା ଓଡିଆ ଜାତିର ସାଧାରଣ ନାଗରିକ ଭାବରେ ପ୍ରଫେସର ସୁବାଷ ନାୟକ ଙ୍କ ରାଷ୍ଟ୍ରନୀତି ତଥା ରାଷ୍ଟ୍ରସେବା ସର୍ବଦା ନିଜର ହୃଦୟରେ ରହିଥିବ ମା', ମାଟି ଓ ମଣିଷ ପାଇଁ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସତେ ଅବା ରାଷ୍ଟ୍ରନୀତି ଓ ରାଷ୍ଟ୍ରସେବା ପ୍ରଫେସର ସୁବାଷ ନାୟକ ଙ୍କ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି ।

ଏହି ଆତ୍ମଜୀବନୀ ମୂଳକ ସାହିତ୍ୟ ପୁସ୍ତକ - "ମାଟିର ମଣିଷ - ପ୍ରଫେସର ସୁବାଷ ନାୟକ" ରେ ସୁବାଷ ନାୟକ ନିଜେ ନିଜର ଜୀବନୀ ଓ ସୃଜନୀର ବାଖ୍ୟା ସହିତ ସାଙ୍ଗଠନିକ କାର୍ଯ୍ୟରେ ଅଂଶଗ୍ରହଣ, ସାରସ୍ୱତ ସଂଗଠନ ସର୍ବୋପରି ସାମାଜିକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ମାନୀତ ମଧ୍ୟ । ଜୀବନ ସୃଜନ ସହିତ ଅନେକ ଫଟୋରେ ସ୍ମୃତି ଓ ସାର୍ଟିଫିକେଟ୍ ଓ ମାନପତ୍ର ର ସ୍ମୃତିରେ ମାଞ୍ଜଭରା ଆତ୍ମଜୀବନୀଟିଏ ।

ଓଡିଶା ସାହିତ୍ୟ ର ଆଗାମୀ ସାହିତ୍ୟଧାରରେ ଅଧ୍ୟାପକ, ସାହିତ୍ୟିକ ମାନେ ପ୍ରଫେସର ସୁବାଷ ନାୟକ ଙ୍କ ସାହିତ୍ୟିକ ପ୍ରତିଭା ଉପରେ ଗବେଷଣା ଡକ୍ଟରେଟ୍ କରିବା ଦିଗରେ ଏ ଆତ୍ମଜୀବନୀ ମୂଳକ ପୁସ୍ତକ ସହାୟକ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

# ସୁବାଷ ଙ୍କ ଜୀବନୀ ପରିଧିରେ
# ଚତୁର୍ଦ୍ଧାମୂର୍ତ୍ତି (ଚାରିନାରୀ)

## ଭାଉଜ



ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ - 'ଭାଉଜ'ଙ୍କୁ ମା' ସମ୍ମାନର ଆଖ୍ୟା ଦିଆଯାଇଥାଏ । ବଡଭାଇ ଧର୍ମପତ୍ନୀଙ୍କୁ ଭାଉଜ ବୋଲି କୁହାଯାଇଥାଏ । ନାରୀର ଜୀବନରେ ଅନ୍ୟଏକ ରୂପ ଭାଉଜ । ଭାଇ ତଥା ପରିବାରକୁ ସଦ୍‌ମାର୍ଗରେ ପରିଚାଳନା କରିଥିବାରୁ ସମାଜରେ ଭାଉଜର ସ୍ଥାନ ଉଚ୍ଚରେ । ବିବାହ ଅବା ବ୍ରତ କିମ୍ବା ପାରିବାରିକ ସାମାଜିକ କାର୍ଯ୍ୟକ୍ରମରେ ଭାଉଜ ଭୂମିକା ସର୍ବଦା ଅଗ୍ରଗଣ୍ୟ । ପରିବାରରେ ଦିଅର କିମ୍ବା ନଣନ୍ଦର ବିବାହ କର୍ମରେ କାଣ୍ଡକଳସୀ (ମୁଖ୍ୟ କଳସୀ) କାଖେଇଥାନ୍ତି ସେହି ଭାଉଜ । ଶାଶୁ, ଶ୍ୱଶୁର, ପରିବାର ବର୍ଗକୁ ଏକତ୍ର କରି ପରିବାରର ଶୋଭାବର୍ଦ୍ଧନକାରୀ ଜଣକ ଭାଉଜ ।

ମୋର ମଧ୍ୟମ ମାଉସୀ ଗୋଡି ମାଉସୀ । ଭୁବନ ନାୟକ ସାହିରେ ବିବାହିତ । ହାଡିଆ ମଉସା - ବୃତିରେ ଜଣେ ଚାଷୀ । ଦୁଇଝିଅ କେତକୀ ଓ ଦେବକୀ, ସେ ଦୁହେଁ ଆମ ଭୁବନ ସହରରେ ବିବାହିତ । ତିନିଗୋଟି ପୁଅ - ଯୁଧିଷ୍ଠିର, ରମେଶ ଓ ବିଶ୍ୱନାଥ, ତିନିପୁଅ ଓ ଦୁଇଝିଅ ସମସ୍ତେ ମୋଠାରୁ ବୟସରେ ବଡ ଅଟନ୍ତି ।

ଭାଇ ରମେଶ, ସେ ଭୁବନ ସହରରେ ବିବାହିତ । ଭାଉଜ - ମାଳତୀ (କୁଇଁ), ଜଣେ ସାଧାସିଧା, ଅପାଠୁଆ, ଆଧୁନିକା ଝିଅଟିଏ । ଭାଇ ପେଷାରେ ଟ୍ରକ୍ ଡ୍ରାଇଭର । ଦୁଇପୁଅ ପିଟୁଂ ଓ ଗୋବିକୁ ନେଇ ତାଙ୍କ ପରିବାର । ମୋ ଜୀବନର ସବୁଠାରୁ ଆଦର୍ଶ ଭାଉଜ ମାଳତୀ । ମୁଁ ଭାବେ ଯେ - ସେ ମୋର ସମସାମୟିକ ସାଙ୍ଗ ଓ ଜଣେ ବାନ୍ଧବୀ, ମୋର ମନର କଥା ମୁଁ ତାଙ୍କୁ ସବୁ ସେୟାର କରେ । ସେ ମୋତେ ବହୁତ ଭଲପାଆନ୍ତି, ମୁଁ ମଧ ତାଙ୍କୁ । ପିଲା ଦୁଇଟିର ପଢିବାର ସଂପୂର୍ଣ୍ଣ ଦାୟିତ୍ୱ ମୁଁ ନେଇଥାଏ । ବଡପୁଅ ତ୍ରିଲୋଚନ (ପିଟୁଂ) ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ ପରେ - ମୁଁ ତାଙ୍କୁ ନୀଳଗିରି (ବାଲେଶ୍ୱର)ର ଏକ ଡିପ୍ଲୋମା ସ୍କୁଲରେ ମେକାନିକାଲ ଡିପ୍ଲୋମା ଇଂଜିନିୟର ଓ ପରେପରେ OJEE ଦେଇ - ଭବାନୀପାଟଣା ସରକାରୀ ଡିଗ୍ରୀ ଇଂଜିନିୟର କଲେଜରୁ ଗତବର୍ଷ ଇ. ଛଉମାଷ ପାସ୍‌କରି ଇଂଜିନିୟର ହୋଇପାରିଅଛି । ସାନପୁଅ ନରେନ୍ଦ୍ର (ଗୋବି)ଟିକୁ ମୁଁ ପିଲାଟି ଦିନରୁ ପାଠପଢାରେ ସାହାଯ୍ୟ କରେ ବେଳେବେଳେ ପାଠ ବୁଝାଇଦିଏ । ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ କଲାପରେ ସେ ବର୍ତ୍ତମାନ ବାଜିରାଉତ କଲେଜରେ ବିଏ (ଓଡିଆ) ଅନର୍ସ ନେଇ ପଢୁଅଛି । ଭବିଷ୍ୟତରେ ଜଣେ ଶିକ୍ଷକ ହେବାପାଇଁ । ଭାଉଜ ମୋତେ ଗୋଟିଏ ତିନି ହଜାର ଟଙ୍କା ଦେଇଥିଲେ, ମୁଁ ସେଥିରେ ମୋ ଜୀବନର ପ୍ରଥମ ମୋବାଇଲଟିଏ କିଣିଥିଲି । ଅଧ୍ୟାପକ ଚାକିରୀ ତଥା ବିବାହ ପୂର୍ବରୁ - ରାଜନୀତି, ସାହିତ୍ୟକୁ ସମୟ ଦେଇ ମୁଁ ଅଧାସମୟ ଭାଉଜ ମାଳତୀ ସହିତ ତାଙ୍କ ପରିବାରରେ ସମୟ କାଟୁଥିଲି । ମୋ ଭାଉଜ ରୋଗାଗ୍ରସ୍ତ ହୋଇ କଟକ ବଡ ଡାକ୍ତରଖାନାରେ ମାସାଧିକ କାଳ ଚିକିତ୍ସା ହେଲା । ମୁଁ ସେତେବେଳେ କଟକରେ ତାଙ୍କ

ପାଖରେ ରହିଥିଲି । ମୋର ଚାକିରୀ ଓ ବିବାହ ଡେରି ହେଉଥିବାରୁ - ଅନେକ ସାହିପଡିଶା ଲୋକ ଭାଉଜ ମାଳତୀ ଯୋଗୁ ସୁବାଷ କୁଆଡେ ଯାଉନାହିଁ ବୋଲି କହୁଥିଲେ, ମାତ୍ର ଏହା ସଂପୂର୍ଣ୍ଣ ଭୁଲ୍ । ମୋ ଚାକିରୀ ଓ ବିବାହ ପାଇଁ ଭାଉଜ ସଦାସର୍ବଦା ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । ପରିଶେଷରେ ବାବା ବୁଦ୍ଧେଶ୍ୱର ତାଙ୍କର ଦୁଃଖ ଶୁଣିଲେ ଓ ମୁଁ ଚାକିରୀ ଓ ବିବାହ କରିଲି । ସେ ମୋର ଧର୍ମପତ୍ନୀ ତୁଳସୀକୁ ବିବାହ ସମୟରେ ଦୁଇଗୋଟି ସୁନାର କାନଫୁଲ ବ୍ୟକ୍ତିଗତ ଭାବରେ ଦେଇଥିଲେ, ସେ ମୋର ବିବାହ ସମୟରେ ମୋର ସହିତ ବରଯାତ୍ରୀ ଯିବାକୁ ବାହାରୁଥିବା ସମୟରେ ଗାଡି ଚାଲି ଯାଇଥିବାରୁ ସେ ଯାଇପାରିନଥିଲେ । ସେଇଟା ତାଙ୍କ ପାଇଁ ଦୁଃଖ ଥିଲା । ତାଙ୍କର କଲେଜ ରୋଡରେ ନୂତନ ଘରକରି ବର୍ତମାନ ସେଠାରେ ରହୁଛନ୍ତି ।

## ଭାଉଜ

ଭାଉଜ ମୋ ଭାଉଜ
ସମ୍ମାନୀୟ ତୁମ ଆସନ
ତୁମ ସ୍ନେହ ପ୍ରେମ ଭରା ଜୀବନ
ମୋ ମନରେ ସୃଷ୍ଟିକଲା
ମାନବିକତାର ବନ୍ଧନ

ତୁମର ଅନାବିଳ ପ୍ରେମଭରା ସ୍ପନ୍ଦନ
ମୋତେ ଆଣିଦେଲା
ଜୀବନରେ ବଂଚିବାର ସମ୍ମାନ ସହ
ଜଣେ ଅଧ୍ୟାପକ ଭାବରେ
ଅତୁବା ସାହିତ୍ୟିକ, ଗବେଷକ ଭାବରେ

ସୃଷ୍ଟିର ପ୍ରାରମ୍ଭର ନାରୀରୂପି ତୁମେ
ଜାୟା, ଜନନୀ, ଭଗିନୀ
ସର୍ବୋପରି ଭାଉଜର ଆସନରେ

ଶ୍ରଦ୍ଧେୟ ଦେବରକୁ ତାଗିଦ୍
ଭଲ ମଣିଷ ଭାବରେ ସମାଜରେ ପ୍ରତିଷ୍ଠା
ସମସ୍ତଙ୍କୁ ସମପରିମାଣର ସମ୍ମାନ ସହଯୋଗ
ସାରାଜୀବନ ମୁଁ ପାଥେୟ ହେବି
ଭାଉଜ ମୋ ଭାଉଜ
ମୋ ସମ୍ମାନର ଭାଉଜ

# ଧର୍ମପତ୍ନୀ



"ବିବାହ ସ୍ୱର୍ଗରେ ତିଆରି ହୋଇଥାଏ"

ବିଧିନିୟନ୍ତାର ମାନବ ଜୀବନର କର୍ମକୁଣ୍ଡଳୀ ଲେଖନୀରେ ଜନ୍ମ, ଶିକ୍ଷା, କର୍ମ ତିନୋଟି ପର୍ଯ୍ୟାୟ ପରେ ଚତୁର୍ଥ ପର୍ଯ୍ୟାୟରେ ବିବାହ କର୍ମ ସଂପାଦିତ ହୋଇଥାଏ । ଦୁଇଟି ମଣିଷ ଜଣେ ନର ଆଉ ଜଣେ ନାରୀର ମନ ଓ ଶରୀରର ମିଳନରେ ଏ ସଂସାର ଆତଯାତ । ନରକୁ ପତି ଓ ନାରୀକୁ ପତ୍ନୀ ବୋଲି ଆମ ସମାଜ ଆଖ୍ୟା ଦେଇଥାଏ, ଧର୍ମ ଭାବନାନୁଯାୟୀ ଆମେ ପତ୍ନୀଙ୍କୁ ବରଣ କରିଥିବାରୁ ତାଙ୍କର ଅନ୍ୟନାମ ଧର୍ମପତ୍ନୀ । ପତି ଓ ପତ୍ନୀ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ସଦୃଶ । ଦୁହେଁ ଦୁହିଁଙ୍କର ଶୁଭକାମନା ନେଇ ସଂସାର ରଥକୁ ଅଗ୍ରସର କରିଥାନ୍ତି ।

ସୁବାଷ ଉଚ୍ଚଶିକ୍ଷା (ଏମ୍.ଏ.) ଲାଭକରି - ବାପା ରାମଚନ୍ଦ୍ରଙ୍କର ଦୁଇଗୋଟି ସୃଷ୍ଟି - ଶିଳ୍ପୀ ଓ ରାଜନୀତିକୁ ଜୀବନର ପାଥେୟ କରିଥିଲା । ବାପାଙ୍କ ଶିଳ୍ପୀ ନିପୁଣତାକୁ ଆୟୁଧ କରି ଜଣେ ସୃଜନଶୀଳ ସାହିତ୍ୟିକ ସହ ବାପା ଜଣେ ରାଜନେତା । ଢେଙ୍କାନାଳ ଜିଲ୍ଲା ବିଜେପି ଜିଲ୍ଲା ଉପସଭାପତି ତଥା ଢେଙ୍କାନାଳ ସାଂସଦଙ୍କ ନୋମିନୀ ଭାବରେ କାର୍ଯ୍ୟକୁ ଆୟୁଧ କରି - ବିଜେପି ଯୁବଗୋଷ୍ଠୀର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ସାଂସଦ, ବିଧାୟକ ଅବା ନଗରପାଳ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରିଥିଲା ।

ନିଜର ବଡନାନୀ ଜୟନ୍ତୀ ୨୦୦୩ ମସିହାରେ ବିବାହ କାର୍ଯ୍ୟ ସରିବାପରେ ଦୀର୍ଘ ୧୨ ବର୍ଷ ପରେ ପଥହରା ପଥିକ ସୁବାଷର ବିବାହ କର୍ମ ସଂପାଦନ ହୋଇଥିଲା । ତା' ପୂର୍ବରୁ ସେ ୨୦୧୧ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧି ସହ ବିଦ୍ୟାର୍ଥୀ କଲେଜ, ଢେଙ୍କାନାଳର ସ୍ଥାୟୀ ଓଡିଆ ଅଧ୍ୟାପକ ଭାବରେ ଯୋଗଦାନ ।

ସୁବାଷ ଅଧ୍ୟାପକ ଜୀବନ ଆରମ୍ଭ କରିବାର କିଛିବର୍ଷ ପରେ ଜୀବନସାଥୀ ସନ୍ଧାନରେ ପରିବାର ଲୋକ ରହିଲେ । ପାଖାପାଖି ଛଅଗୋଟି ପ୍ରସ୍ତାବ (ଝିଅଦେଖା) ପରେ - ନିଜର ଜଣେ ଦୂର ସମ୍ପର୍କୀୟ ଭ୍ରାତୃବର୍ଗ ଜୟାଭାଇଙ୍କ ପ୍ରସ୍ତାବଟି ବିବାହ ସ୍ଥିରୀକୃତ ହେଲା ।

ଐତିହାସିକ କଟକ ସହରର ଚାଉଳିଆଗଞ୍ଜ ନିବାସୀ - ଟେଲର ଦୋକାନୀ ସୁରେନ୍ଦ୍ର ସାହୁଙ୍କ ଚାରିଗୋଟି କନ୍ୟା ଓ ଏକମାତ୍ର ପୁତ୍ର ସନ୍ତାନ ମଧ୍ୟରୁ ତୁଳସୀ ସାହୁ (ଟିକି) ଥିଲେ ଦ୍ୱିତୀୟ ସନ୍ତତି । ବାପା ଚାରି ଭଉଣୀ ତଥା ଏକମାତ୍ର ଭାଇକୁ ଉଚ୍ଚଶିକ୍ଷା ପ୍ରଦାନକରି ସଂସ୍କାରିତ କରିଥିଲେ । ମଧ୍ୟସ୍ଥି - ଜୟାଭାଇ ଓ ମୋର ସାନଭାଇ ଶିକ୍ଷକ ପ୍ରଥମେ ତାଙ୍କ ଘରକୁ ଯାଇ ଆସିଥିଲେ ମାତ୍ର କନ୍ୟା ଟିକିଙ୍କୁ ଦେଖି ନଥିଲେ । ପରେ ମୁଁ ଯାଇ କନ୍ୟା ତୁଳସୀକୁ ଦେଖିକରି ଆସିଲି ପରେ ପରେ ତାଙ୍କ ବାପା ସୁରେନ୍ଦ୍ର, ମା ସୁଭଦ୍ରା, ବଡନାନୀ ବାସନ୍ତୀ (ମିଲି) ଆମ ଭୁବନ ବାସଭବନକୁ ଆସି ଦେଖି ଗଲାପରେ - ଆମ୍ଭ ପରିବାର ବର୍ଗ ବାପା, ମା, ଦାଦା, ଖୁଡୀ, ବଡବାପା ପୁଅ ଭାଇ ଓ ଭାଉଜ, ମୋ ନାନୀ ଜୟନ୍ତୀ ଓ ଭିଣେଇ ମହେନ୍ଦ୍ର ଲେଙ୍କା କଟକ ଯାଇ ଦେଖିକରି ବିବାହ ସ୍ଥିରକରି ନିର୍ବନ୍ଧ କର୍ମ ସାରିଲେ ୧୨ ଜୁନ ୨୦୧୫ ଏକ ଶୁଭ ଲଗ୍ନରେ କଟକ ସହରର ଓଏମ୍.ପି. ଛକଠାରୁ ବରଯାତ୍ରୀ ପ୍ରସେସନ କରି ଏକ ଶିବ ମନ୍ଦିରରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ସମାପନ ହୋଇଥିଲା

- ବିନା ଯୌତୁକରେ । ତୁଳସୀ ଥିଲେ ଗ୍ରାଜୁଏଟ୍ (ବିଏ) ଡିଗ୍ରୀଧାରୀ ତଥା ଏକ ବେସରକାରୀ ମେଡିକାଲ ସଂସ୍ଥାର ଆକାଉଟଂ ସେକ୍ସନ୍‌ର ଷ୍ଟାଫ୍ ।

ତା'ପର ଠାରୁ ତୁଳସୀ ଶ୍ରୀରାମ ପରିବାରର ବଡ ବୋହୂର ମର୍ଯ୍ୟାଦାପ୍ରାପ୍ତ ହେଲା, ମାତ୍ର ଆମର ଯୌଥ ପରିବାରର ପରମ୍ପରା ଥିବାରୁ - ଅଲଗା ଅଲଗା ଜାଗାରେ ବାପାଙ୍କ ଭାଇମାନେ ଘର କରିଥିବା ସତେ ଆମ୍ଭେମାନେ କାର୍ଯ୍ୟକ୍ରମରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରୁଥିଲୁ । ବଡବାପା ଦୁଃଶାସନଙ୍କ ପରିବାରରେ ଦୁଇ ପୁଅ, ବୋହୂ ଓ ଦୁଇ ଝିଅ ଜ୍ୱାଇଁ, ନାତି ନାତୁଣୀ ଅବା ଦାଦା ଭାଗବତଙ୍କର ଏକମାତ୍ର ପୁଅ ଓ ବୋହୂ (ମୋର ବାହାଘର ପୂର୍ବରୁ ତା'ର ପ୍ରେମବିବାହ ହୋଇଯାଇଥିଲା) ଓ ତିନି ଝିଅ ଓ ଜ୍ୱାଇଁ ମାନଙ୍କୁ ନେଇ (ସାନଝିଅଟି ଅବିବାହିତ ଥିଲା) ତଥା ବାପାଙ୍କର ଭଉଣୀ ବେଙ୍ଗୁଲିର ପାଚଂପୁଅ, ବୋହୂ ଓ ଦୁଇ ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ ।

ମୋର ମଧ୍ୟମ ଭାଇ ପ୍ରକାଶ, ବୃତିରେ ଜଣେ (ଲ ଗ୍ରାଜୁଏଟ୍) ଆଡଭୋକେଟ୍ ଭାବରେ ଭୁବନ ଜୁଡିସିଆଲ କୋର୍ଟ (ଜେଏମ୍ଏଫ୍‌ସି) କାର୍ଯ୍ୟକରିବା ସହ - ଶ୍ରୀରାମ ଭିଜନର ପ୍ରୋପାଇଟର ବାହାଘର, ବ୍ରତଘର ଅନ୍ୟାନ୍ୟ କାମରେ ଡ୍ରୁନ କ୍ୟାମେରା ସହ ଭିଡିଓ ସୁଟିଙ୍ଗ୍ ଓ ଏଡିଟିଙ୍ଗ୍ କାର୍ଯ୍ୟ ଦୁଇଜଣ ପିଲାଙ୍କୁ ଧରି କରିଥାଏ ।

ସାନଭାଇ ମାନସ ଜଣେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ, ଜଣେ ଗବେଷକ, ଲେଖକ ଭାବରେ କାର୍ଯ୍ୟରତ, 'ଗୀତାମେହେଟ୍ଟା - ଜଣେ ଆନ୍ତର୍ଜାତୀୟ ଲେଖିକା' ପୁସ୍ତକଟି - ଜାତୀୟ ଲେଖକ ସମ୍ମିଳନୀ (କିଟ୍ ବିଶ୍ୱବିଦ୍ୟାଳୟର) ରାଜ୍ୟପାଳ ଜେ.ବି. ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ । ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲେଖକୀୟ କୃତି ଉପରେ ଗବେଷଣା କରି ଉତର ଓଡିଶା ବିଶ୍ୱବିଦ୍ୟାଳୟର (ପିଏଚ୍.ଡି) ଉପାଧିପ୍ରାପ୍ତ ।

ମୋର ବାହାଘର ବର୍ଷ ୨୦୧୫ ବେଳକୁ ବାପାଙ୍କୁ ୭୦ ବର୍ଷ - ମୋ ଧର୍ମପତ୍ନୀ ତୁଳସୀ ତାଙ୍କୁ ଆଉ କାମ ନ କରିବାକୁ (ଶ୍ରୀରାମ ଫର୍ଣ୍ଣିଚରର ପ୍ରୋପାଇଟର) ବାରଣ କରିଥିଲେ ବସ୍ତୁତଃ ସେହି ଦିନରୁ ସେ ଜଣେ ଅବସରପ୍ରାପ୍ତ ବରିଷ୍ଠ କାଠଶିଳ୍ପୀ ।

ମୋ ମା' ଭାରତୀ ଦେବୀ ମଧ୍ୟ ଜୀବନରେ ଆମ୍ଭ ଚାରିଗୋଟି ସନ୍ତାନଙ୍କୁ ସମ୍ଭାଳି - ପରିବାରୀ ଜାବତୀୟ କାର୍ଯ୍ୟକରି - ଦୀର୍ଘ ପଇଁଚାଳିଶ ବର୍ଷଧରି କାର୍ଯ୍ୟ କରିଥିବାରୁ ମୋ ଧର୍ମପତ୍ନୀ ତୁଳସୀ ମା'ଙ୍କୁ ଘରର କାମଦାମ ନକରିବାକୁ କହି ନିଜେ ସବୁକାମ ହାତକୁ ନେଇ ଶାଶୁଙ୍କୁ ବସାଇଥିଲା ମାତ୍ର ମା' ବେଳେବେଳେ ମୋ ଧର୍ମପତ୍ନୀଙ୍କୁ ସାହାଯ୍ୟ କରୁଥିଲା ।

ଧର୍ମପତ୍ନୀ ମୋର ପରିବାରର ଶାଶୁ, ଶ୍ୱଶୁର, ନଣନ୍ଦ, ନଣଦେଇ, ଦୁଇ ଦିଅର ତଥା ଦୁଇ ଭାଣିଜୀ ସହିତ କାର୍ଯ୍ୟକରି ମଧ୍ୟ ନିଜର ପରିବାର ବସାଇବା ଭୁଲି ଯାଇନଥିଲା । ମୋର ବିବାହର କିଛିମାସ ପରେ ସେ ଗର୍ଭଧାରଣା କରି ମାତୃତ୍ୱ ହେବାର ସୁଖରେ ଆନନ୍ଦିତ ହୋଇଥିଲା । ମୁଁ ସେତେବେଳକୁ ସୁଦୂର ଢେଙ୍କାନାଳର ବିଦ୍ୟାର୍ଥୀ କଲେଜରେ - ଅଧ୍ୟାପକ ଭାବରେ କାର୍ଯ୍ୟକରି ସପ୍ତାହକୁ ଏକଦିନ ଛୁଟିରେ ମୋ ବାଇକ୍‌ରେ ଘରକୁ ଆସୁଥିଲି ।

ମୋର ବାହାଘରର ଚାରିମାସ ବିତିଗଲା ପରେ ଧର୍ମପତ୍ନୀ ଚେଷ୍ଟା କରିଥିଲେ ବଡ ଦିଅର ପ୍ରକାଶର ବିବାହ କରିବାର ପ୍ରସ୍ତାବ ପାଇଁ ଚିନ୍ତାକରି ବାପାଙ୍କୁ କହିଥିଲା । ମାତ୍ର ହିନ୍ଦୁ ଶାସ୍ତ୍ରାନୁଯାୟୀ ମୋ ବାହାଘରର ଛଅ ମାସ ପରେ ବିବାହ କାର୍ଯ୍ୟ ହୋଇପାରିବ । ସେଥିପାଇଁ ବାହାଘର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

୧୩ ଡିସେମ୍ବର ୨୦୧୫ରେ ପ୍ରକାଶର ବାହାଘର ସଂପୂର୍ଣ୍ଣ ହେଲା - ବାଲେଶ୍ୱର ସହର ନିବାସୀ - ଓଡିଶା ସରକାରଙ୍କ ଅବସରପ୍ରାପ୍ତ (ଫକୀରମୋହନ କଲେଜର କ୍ରୀଡା ଅଫିସର) ହରି ନାରାୟଣ ଟାଲଡିଙ୍କର କନିଷ୍ଠା କନ୍ୟା ସୁପ୍ରଭା (ନିନି) ସହିତ ବିନା ଯୌତୁକ ତଥା ବୈଦିକ ପରମ୍ପରା ବାଜାରୋଷଣୀ ସହ, ମାତ୍ର ମୋର ବାହାଘରର କର୍ତା - ମୋ ବାପା ରାମଚନ୍ଦ୍ର କରିଥିବାରୁ ପ୍ରକାଶର ବାହାଘର ଆମ ପିଉସା କାର୍ତିକ ରାଉତ (ବାପାଙ୍କ ଦାଦା ଝିଅ ଗେଲ୍ଲୀ ନାନୀଙ୍କ ସ୍ୱାମୀ) କର୍ତା ଭାବରେ ବିବାହ ସମାପନ କରିଥିଲେ ।

ଧର୍ମପତ୍ନୀ ତୁଳସୀ ସହ ସୁପ୍ରଭାର ମିଳନ ଏକ ଦୁଇ ଭଉଣୀର ମିଳନ ଭଳି କାର୍ଯ୍ୟ କରୁଥିଲେ । ସୁପ୍ରଭା ଥିଲେ ବିଏ, ବି.ଇଡି. ଡିଗ୍ରୀଧାରୀ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷୟତ୍ରୀ । ବାଲେଶ୍ୱରର ସୋର ଥିଲା ତାଙ୍କର ଶିକ୍ଷାଳୟର କର୍ମକ୍ଷେତ୍ର, ମାତ୍ର ଭାଇ ପ୍ରକାଶ, ସାନଭାଇ ଶିକ୍ଷକ ମାନସର ଉଦ୍ୟମ କ୍ରମେ - ଭୁବନ ବ୍ଲକର କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାଲେଶ୍ୱର ବାସିନ୍ଦା ଜଣେ ଶିକ୍ଷକଙ୍କ ସହିତ ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ସରକାରୀ ସ୍ତରରେ ହୋଇଥିଲା । ବର୍ତମାନ ସୁପ୍ରଭା ସଂପୂର୍ଣ୍ଣ ସରକାରୀ ଶିକ୍ଷୟତ୍ରୀ ମାନ୍ୟତାପ୍ରାପ୍ତ ଓ ଏକପୁତ୍ର ସନ୍ତାନ ଆୟୁଷ୍ମାନ (ରାଜା)ର ଜନନୀ । ସେ ରାଜାକୁ ସ୍ନେହରେ ବାପୁ ବୋଲି ଡାକନ୍ତି ।

"ଦଇବ ଦଉଡି ମଣିଷ ଗାଇ, ଯେଣୁକୁ ଟାଣଇ ସେଣୁକୁ ଯାଇ"

ନିୟତିର ନିର୍ଦ୍ଦେଶକୁ ଅବଜ୍ଞା କରିବାର ଶକ୍ତି ବା କାହାର ଏ ପଥହରା ପଥିକ ସେଥିରୁ ବାଦ୍ ବା ପଡନ୍ତା କିପରି । ମୋର ଧର୍ମପତ୍ନୀ ତୁଳସୀର ପ୍ରଥମ ଗର୍ଭସ୍ଥ ସନ୍ତାନ ସାତମାସ ଆରମ୍ଭ ହେବା ମାତ୍ରେ - ରାତ୍ରିରେ ଆମ ବାରି ପଛରେ ଡରିଯିବାରୁ ମୋର ସନ୍ତାନଟି ନଷ୍ଟ ହୋଇଯାଇଥିଲା, ଆମେ ସାଙ୍ଗେସାଙ୍ଗେ ତାକୁ କଟକ ବଡ ମେଡିକାଲକୁ ନେଇଗଲୁ ଡାକ୍ତରଙ୍କ ପ୍ରଚେଷ୍ଟା ସତ୍ୱେ ପିଲାଟି ବଚିଂଲା ନାହିଁ, ମେଡିକାଲରେ ମୋର ଶାଶୁ ଓ ଶ୍ୱଶୁର ହତବାକ୍ ହୋଇଗଲେ, ମୋ ଧର୍ମପତ୍ନୀ ସଂପୂର୍ଣ୍ଣ ଭାରସାମ୍ୟ ହରାଇଲା, ମୁଁ ବିଦ୍ୟାର୍ଥୀ କଲେଜରୁ ଅଧ୍ୟାପକ ଚାକିରୀ ତ୍ୟାଗକରି ଧର୍ମପତ୍ନୀ ତୁଳସୀ ମାନସିକତାକୁ ସୁଦୃଢ କରିଥିଲି । ଭଗବାନଙ୍କ ଆଶୀର୍ବାଦରେ ତା'ର କିଛିଦିନ ପରେ ମୋ ଭାଇ ପ୍ରକାଶ ଓ ପତ୍ନୀ ସୁପ୍ରଭାର ପ୍ରଥମ ସନ୍ତାନ ପୁତ୍ର, ରାଜା କଟକ ବଡ ଡାକ୍ତରଖାନାରେ ଜନ୍ମହେବା ପରେ ମୋ ଧର୍ମପତ୍ନୀ ତୁଳସୀ ରାଜାକୁ ଧରି ବହୁତ ଖୁସି ହୋଇଗଲା, କାଳକ୍ରମେ ରାଜା ବଡ ହେବାକୁ ଲାଗିଲା ତା'ର ବଡମା ତୁଳସୀ ସେବା ଯତ୍ନ, ମା' ସୁପ୍ରଭାର ଆଦର, ଜେଜେମା ଭାରତୀ ଦେବୀଙ୍କ ସ୍ନେହ ଶ୍ରଦ୍ଧାରେ ରାଜା ବଢିଲା । ଭାଇବୋହୂ ସୁପ୍ରଭା ସ୍କୁଲକୁ ପାଠପଢାଇ ଯିବା ସମୟରେ ପୁତୁରା ରାଜା ତା'ର ବଡମା ତୁଳସୀ ପାଖରେ ରହୁଥିଲା ।

"ସମୟର ଚକ୍ର ଯାଏ ଗଡ଼ିଗଡ଼ିକା"

ସୁବାଷର ଜୀବନ ପଥରେ ଏକ ପରିବର୍ତ୍ତନ ଆସିଲା - ଓଡିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ - କଟକସ୍ଥ ଟାଙ୍ଗୀର - ଟେଟ୍ରାହେଡ୍ରନ ଜୁନିୟର କଲେଜରେ ମୋର (+୨ ବିଜ୍ଞାନ ଶ୍ରେଣୀ)ରେ ଓଡିଆ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଲି । କଲେଜର ଚେୟାରମ୍ୟାନ ଅଧ୍ୟାପକ ତ୍ରିଦେବ ବେହେରା ଟେଟ୍ରାହେଡ୍ରନ ମୋର ଜୀବନର ଗତିପଥକୁ ବଦଳାଇ ଦେଲା । କିଛିଦିନ ପରେ ତୁଳସୀ ମୁହଁରେ ହସ ଆସିଲା, ମୋର ଏକ କନ୍ୟାରତ୍ନ - ତେଜସ୍ୱିନୀ (ଲକି) କଟକ ବଡ ଡାକ୍ତରଖାନାରେ ଜନ୍ମ ନେଲା, ସେହିଦିନ ଥିଲା ଓଡିଆ ଘରର ପରମ୍ପରାର ମାର୍ଗଶୀର ମାସ ଶେଷ ଗୁରୁବାର ପ୍ରଭାତ ୪.୧୫ ମିନିଟ୍‌ରେ ଲକିର ଜନ୍ମ (ଗୁରୁବାର ମା ଲକ୍ଷ୍ମୀଙ୍କର ବର) । ମୋର ସନ୍ତାନ ଲକି ମାତୃଗର୍ଭରେ ଥିବା ସମୟରୁ ମୋତେ ଏକ ପଦବୀଯୁକ୍ତ ହେଲା - ଟେଟ୍ରାହେଡ୍ରନ ଏକ କଲେଜ - ତ୍ରିଦେବ ଡିଗ୍ରୀ କଲେଜ (+୩, ବିଜ୍ଞାନ)ର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଆସିଷ୍ଟାଂଟ ପ୍ରଫେସର ସହ ଭାଇସ୍-ପ୍ରିନିସ୍‌ପାଲ୍ ପଦବୀ, ଆରମ୍ଭରୁ ପ୍ରିନିସ୍‌ପାଲ୍ ଡକ୍ଟର ଧନଞ୍ଜୟ ସାହୁଙ୍କ ଦୁର୍ଘଟଣାରେ ଗୋଡ ଭାଙ୍ଗିଯିବାରୁ ପ୍ରିନିସ୍‌ପାଲ୍ ପଦବୀରେ ଛଅମାସ ଧରି କାର୍ଯ୍ୟକରି ପ୍ରଶାସନିକ ଅଭିଜ୍ଞତାପ୍ରାପ୍ତ ।

ଭାଇ ପ୍ରକାଶର ବାହାଘରର ତିନିବର୍ଷ ପରେ - ସାନଭାଇ ମାନସର ବାହାଘର ୧୩ ମାର୍ଚ୍ଚ ୨୦୧୮ରେ ସଂପୂର୍ଣ୍ଣ ହେଲା ଆମ ଢେଙ୍କାନାଳ ଜିଲ୍ଲାର ରାସୋଳ ଗ୍ରାମରେ ଓଡିଶା ସରକାରଙ୍କର ପଶୁ ସଂପଦ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପୁରୁଷୋତମ ସାହୁଙ୍କ କନିଷ୍ଠ କନ୍ୟା ଶିବାନୀ ସହିତ ବିନା ଯାନିଯୌତୁକରେ - ବାଜା ପ୍ରସେସନ ସହ ବୈଦିକ ରୀତିରେ । ରାସୋଳରେ ମୋର ଦାଦା ଭାଗବତଙ୍କ ମଧ୍ୟମ ଝିଅ ରୀତା ପୂର୍ବରୁ ବିବାହ କରିଥିଲା ଏବଂ ଭାଇବୋହୂର ଦୁଇଜଣ ନାନୀ ଆମ ଭୁବନ ସହରରେ ପୂର୍ବରୁ ବିବାହିତ ଥିଲେ । ଶିବାନୀଙ୍କ ଶିକ୍ଷାଗତ ଯୋଗ୍ୟତା ବିଏସ୍.ସି.(+୩ ବିଜ୍ଞାନ), ଡିଆଇଟି ତାଲିମପ୍ରାପ୍ତ ଜଣେ ଶିକ୍ଷୟତ୍ରୀ ଭାବରେ ଯୋଗଦାନ ପାଇଁ ଜୀବନର ଲକ୍ଷ୍ୟ । ଧର୍ମପତ୍ନୀ ତୁଳସୀକୁ ଦୁଇଯାଆ ସୁପ୍ରଭା ଓ ଶିବାନୀ ନିଜର ଦୁଇ ଭଉଣୀ ଭଳି ସମସ୍ତେ ମିଳିମିଶି ଚଳୁଥିଲେ । କିଛିଦିନ ପରେ ମୋର ସାନଭାଇ ମାନସ ଓ ପତ୍ନୀ ଶିବାନୀର ଏକ ପୁତ୍ର ସନ୍ତାନ ଜ୍ୟୋତି ଆଦିତ୍ୟ (ଆଦି) ଜାନୁୟାରୀ ୨୬,୨୦୧୯ରେ ଜନ୍ମନେଲା ଢେଙ୍କାନାଳ ସରକାରୀ ଡାକ୍ତରଖାନାରେ । ମୋର ବାପା ଓ ମା ତାଙ୍କର ସମସ୍ତ ପୁଅଝିଅଙ୍କର ପୁଅଝିଅ (ନାତି, ନାତୁଣୀ) ଦେଖି ଖୁବ ଆନନ୍ଦରେ ସଂସାରରେ ଜୀବନଯାପନ କରୁଛନ୍ତି ।

ଖାଲି ଆମ ଶ୍ରୀରାମ ପରିବାର ନୁହେଁ ସମଗ୍ର ନାୟକ ବଂଶଲତାର - ମୋର ଧର୍ମପତ୍ନୀ ତୁଳସୀ ଜଣେ ଭଲ ବୋହୂର ମର୍ଯ୍ୟାଦା ପାଇଅଛି । ତାଙ୍କ ନିଃସ୍ୱାର୍ଥପରତା ଗୁରୁଜନଙ୍କ ସେବା ଓ ଭକ୍ତି ଦ୍ୱାରା ସମସ୍ତଙ୍କ ହୃଦୟକୁ ଜିତିପାରିଅଛି ମୋର ବଡବାପା (ବାପାଙ୍କ ଦାଦା ପୁଅ ଭାଇ) ନରୋତମଙ୍କ ଶେଷ ନିଃଶ୍ୱାସ ମୋ ଧର୍ମପତ୍ନୀ ତୁଳସୀ କଟକର ଅଶ୍ୱିନୀ ହସ୍ପିଟାଲରେ ଶେଷ ଦର୍ଶନ ଯାଇଥିଲା, ସେ ବହୁତ ଭଲ ପାଉଥିଲେ ମୋ ଧର୍ମପତ୍ନୀ ତୁଳସୀକୁ ।

ବର୍ତମାନ ସମୟରେ ଗୋଟିଏ ପୁଅ ବିବାହ ମାତ୍ର ଘରୁ ଅଲଗା ହୁଅନ୍ତି କିମ୍ବା ସ୍ୱାମୀ ବାହାରେ ଚାକିରୀ କରୁଥିଲେ ସେ ସ୍ୱାମୀଙ୍କ ସହିତ କର୍ମକ୍ଷେତ୍ରକୁ ଚାଲିଯାଆନ୍ତି - ମାତ୍ର ମୋ ଧର୍ମପତ୍ନୀ ତୁଳସୀ ସେ କାମ ନକରି ନିଜର ଶ୍ରୀରାମ ପରିବାରକୁ ବଡକରି ନିଜ କନ୍ୟାରତ୍ନ ଲକିକୁ ପରିବାର ଗ୍ରହଣରେ ରଖି ଆଗାମୀ ଦିନରେ ଇଂରାଜୀରେ ଶିକ୍ଷାର ବୃତିକୁ ଆଦରି ନେବାରେ ଯୋଜନା କରିଛନ୍ତି ।

ବାସ୍ତବିକ୍ ସୁବାଷର ଜୀବନ ସଙ୍ଗୀନୀ ମୋ ଧର୍ମପତ୍ନୀ ତୁଳସୀ ।

## ଧର୍ମପତ୍ନୀ

ପତିଙ୍କୁ ପତନ ମୁଖରୁ
ରକ୍ଷା କରିବାର ନାମ ପତ୍ନୀ
ଭାରତୀୟ ସଂସ୍କୃତିରେ
ନାରୀ ରୂପି ଅଟେ ନାରାୟଣୀ
ମୋ ପତ୍ନୀ ମୋର ଆଦରିଣୀ
ତୁଳସୀ ସାହୁ ନାମେ ପରିଚିତା
ସମସ୍ତଙ୍କ ଆଦରରେ ଟିକି ନାମେ
ସମସ୍ତଙ୍କର ସେ ସମ୍ମାନପ୍ରାପ୍ତା
ଐତିହାସିକ କଟକ ସହରରେ ଜନ୍ମନିଏ
ବାପା ସୁରେନ୍ଦ୍ର ସାହୁ
ମା ସୁଭଦ୍ରାଦେବୀ କୂଳୋମଣ୍ଡନରେ
ଭୁବନ ସହରରେ ବୋହୁ ହୁଏ
ସୁବାଷ ନାୟକ ହାତଧରି
ଜୀବନ ସାଥିରେ ନାମ ତାରି
ଜୁନ୍ ସତର ଦୁଇହଜାର ପନ୍ଦର
ବିବାହ ବନ୍ଧନରେ ଆବଦ୍ଧିତ
ସର୍ବଗୁଣ ସମ୍ପର୍ଣ୍ଣା ବୋହୁ ସେତ
ବାପା ମା' ପାସେ ଅଲିଅଳି କନ୍ୟା
କଟକ ରେ ସ୍ନାତକ ଡ଼ିଗ୍ରୀଧାରୀ
ଅଧ୍ୟାପକ ପତ୍ନୀ ଭାବେ ସିଏ
ଉଚ୍ଚ ଶିକ୍ଷା ପରେ କରିନିଏ
ଉତ୍କଳ ବିଶ୍ୱ ବିଦ୍ୟାଳୟରୁ
ଇଂରାଜୀ ଭାଷା ସାହିତ୍ୟରେ
ସ୍ନାତକୋତର ପାସ୍ କରି
ଶିକ୍ଷକତା ବୃତି ମନେଧରି
ସ୍ୱାମୀ, କନ୍ୟା (ଲକି)
ଅବା ଶାଶୁ ଶ୍ୱଶୁର
ଦିଅର ନଣନ୍ଦ ଗହଣେ
ଶ୍ରୀରାମ ପରିବାରରେ ମର୍ଯ୍ୟାଦା ବଢ଼ାଏ
କୁଳବଧୁ ରୁପେ ସ୍ଥାନ ପାଇ
ସଭିଙ୍କ ମନକୁ ମୋହି ନେଇ
ତା ପରି ଅବା ଆଉକିଏ
ବନ୍ଧୁ ପରିଜନ ତୁଳସୀ ନାମରେ
ଆଦର ପାଏ
ସେ ଅବା ଆଉ କିଏ
ମୋ ପତ୍ନୀ ସିଏ ମୋ ପତ୍ନୀ ସିଏ

## ଶାଳୀ



ଓଡ଼ିଆରେ ଗୋଟିଏ ଢଗ ଅଛି - ଶାଳୀ ଅଧା ଘରବାଲି ।

ଏହା କେତେକାଂଶରେ ସତ ଥାଇପାରେ, ମାତ୍ର ସୁବାଷର ଜୀବନ ପରିଧିରେ ଶାଳୀ ଦୁଇଟା ଏକ ଜୀବନ୍ତ ଗଳ୍ପର କାହାଣୀ ଅଟେ ।

ଭୁବନ ଏକ ଐତିହାସିକ ଗାଁ ବର୍ତ୍ତମାନର ସହର, ଏଠାକାର ଏକ ସରଳ, ଆତ୍ମୀୟିକ ପରିବାର - ନାୟକ ବଂଶଲତା । ସେଥିରେ ଶ୍ରୀରାମ ପରିବାର, ମୋ ବାପା - ରାମଚନ୍ଦ୍ର ନାୟକଙ୍କ ଭୁବନ ସହରରେ ଏକ ପ୍ରତିଷ୍ଠା ରହିଅଛି, ଜଣେ ଜାତୀୟ ସ୍ତରର ବିଶିଷ୍ଟ କାଠଶିଳ୍ପୀ, ବରିଷ୍ଠ ରାଜନେତା ସର୍ବୋପରି ଜଣେ ସମାଜସେବୀ ସର୍ବୋପରି ମାଟିର ମଣିଷଟିଏ । ପତ୍ନୀ - ଭାରତୀ ଦେବୀ ଓ ଏକ କନ୍ୟା ଓ ତିନି ପୁଅକୁ ନେଇ ତାଙ୍କ ସଂସାର । ବଡଝିଅ - ଜୟନ୍ତୀ ବିବାହ ପରେ ୨୦୧୨ରେ ବିବାହର ଦୀର୍ଘ ୧୨ ବର୍ଷ ପରେ ବଡପୁଅ ସୁବାଷର ବିବାହ ହୋଇଥିଲା । ଏହାର ଏକମାତ୍ର କାରଣ ଥିଲା - ବିଧିନିର୍ଦ୍ଦିଷ୍ଟ । ସୁବାଷ ବାପାଙ୍କର ରାଜନୈତିକ ଉତରାଧିକାରୀ ଭାବରେ ସ୍ଥାନୀୟ ଚେୟାରମ୍ୟାନ ଅବା ବିଧାୟକ ଓ ସାଂସଦ ନିର୍ବାଚନରେ ପ୍ରମୁଖ ଭାବରେ ପଦାର୍ପଣ ବିଜେପି ଯୁବନେତାଟିଏ ଭାବରେ ସରକାର ଦୋଷ ଦୁର୍ବଳତାକୁ ନେଇ - ଓଡିଶା ବିଧାନସଭା ଅବା ଭାରତୀୟ ପାଲ୍ୟାମେଟଂ ଘେରଉରେ ସକ୍ରିୟ ଅଂଶଗ୍ରହଣ ସହିତ ସାହିତ୍ୟରେ ଗବେଷଣା ଓ ସାହିତ୍ୟ ରଚନାରେ ଜୀବନକୁ ବିତାଇ ବୈବାହିକ ଜୀବନଠାରୁ ବହୁତ ଦୂରରେ ଥିଲି । ଆଜିକା ସମାଜରେ ତୁମେ ଯଦି ଭଲ ଚାକିରୀ କିମ୍ବା ଭଲ ବ୍ୟବସାୟ ନକରିବ, ବିବାହ ସମୟରେ ବହୁତ କଷ୍ଟସାଧ୍ୟ ହେବ - କନ୍ୟାପାତ୍ରୀ ଖୋଜିବାରେ ମୁଁ ବା ସେଥିରୁ ବାଦ୍ ବା ପଡନ୍ତି କିପରି । ପ୍ରତ୍ୟେକଙ୍କ ଜୀବନରେ ଗୋଟିଏ ଗୋଟିଏ ସୁଯୋଗ ଆସିଥାଏ, ମୋ ଜୀବନରେ ମଧ ଗୋଟିଏ ସୁଯୋଗ ଆସିଲା - ମୋ ବାପା ରାମଚନ୍ଦ୍ରଙ୍କର ସମସାମୟିକ ସାଙ୍ଗ ଥିଲେ ଭୁବନର ରାଧାଶ୍ୟାମ ସାର୍ ଜଣେ ଭଲ ବିଜ୍ଞାନ ଶିକ୍ଷକ । ଢେଙ୍କାନାଳ ସହରରେ ତାଙ୍କର ସାନଶଳା ଜ୍ଞାନେନ୍ଦ୍ର କୁମାର ସାହୁ (ମିଟୁ) କରିଥିଲେ ବିଦ୍ୟାର୍ଥୀ ରେସିଡେଟାଂଲ କଲେଜ (+୨ ବିଜ୍ଞାନ ଶ୍ରେଣୀ) ସେଠାରେ ପ୍ରିନିସ୍‌ପାଲ୍ ଥାଆନ୍ତି - ଇଂରାଜୀର ବରିଷ୍ଠ ପ୍ରଫେସର ଦେବଦତ ମିଶ୍ର (ସିଏ ଅବସରପ୍ରାପ୍ତ ପ୍ରିନିସ୍‌ପାଲ୍ - ବାଜିରାଉତ ମେମୋରିଆଲ କଲେଜ, ଭୁବନ) । ମୋ ବାପା ରାମଚନ୍ଦ୍ର - ଆମ କଲେଜରେ ଏମ୍.ପି. ତଥାଗତ ଶତପଥୀଙ୍କର ନୋମିନୀ ଭାବରେ କାର୍ଯ୍ୟକରି ଦେବଦତ ସାରଙ୍କ ସାଙ୍ଗରେ ଅତି ଉତମ ସଂପର୍କ ଥିଲା ଦେବ ସାର୍ ଓ ମିଟୁ ମାମୁଁଙ୍କ ଯୋଗୁ - ମୁଁ ବିଦ୍ୟାର୍ଥୀ କଲେଜର ସ୍ଥାୟୀ ଓଡିଆ ଅଧାପକ ଭାବରେ ଯୋଗଦାନ କରିଲି, ସେତେବେଳକୁ ମୋର ଗବେଷଣା (ପିଏଚ୍.ଡି.) ସରିଯାଇଥିଲା । ଜନ୍ମ, ଶିକ୍ଷା, କର୍ମ ପରେ ଆମ ପରିବାରର ବଡପୁଅ (ମୋର ତଳେ ଦୁଇଭାଇ ଆଡଭୋକେଟ୍ ପ୍ରକାଶ ଓ ଶିକ୍ଷକ ମାନସ) ହୋଇଥିବା ହେତୁ ବିବାହ ପ୍ରସ୍ତାବ ମଧ୍ୟସ୍ଥିଙ୍କ ମାଧ୍ୟମରେ ଲାଗିଲା । ଛଅମାସ ମଧରେ ମୁଁ ପାଚଂ  ଜଣ ଝିଅଙ୍କୁ ଦେଖିସାରିଥିଲି କେଉଁଠି ମୁଁ ସେମାନଙ୍କର ପସନ୍ଦ ହେଉନଥିଲି ତ ସେମାନେ ମୋର ପସନ୍ଦ ହେଉନଥିଲେ ।

ଓଡିଆରେ ଗୋଟିଏ କଥା ଅଛି -

"ଯିଏ ଯାହା ହାଣ୍ଡିରେ ଚାଉଳ ପକାଇଥାଏ"

ଅର୍ଥାତ୍ ବିବାହ ସ୍ୱର୍ଗରେ ସ୍ଥିରୀକୃତ ହୋଇଥାଏ, ଯାହା ଘରକୁ ଯିଏ ଆସିବା କଥା ସଠିକ୍ ଟାଇମ୍ ହେଲେ ସିଏ ବିବାହ ମାଧ୍ୟମରେ ଆସିଥାଏ, ମୋ ଜୀବନରେ ମଧ୍ୟ ସେହିପରି ଘଟିଥିଲା ଅଧ୍ୟାପକ ଚାକିରୀର ଛମାସ ଓ ଷଷ୍ଠ କନ୍ୟାରେ ମୋର ବିବାହ ହୋଇଥିଲା ।

ଆମର ଜଣେ ଦୂର ସମ୍ପର୍କୀୟ ଭାଇ ଆମ ଭୁବନ ବଡହାଟସ୍ଥ - ଜୟ ସାହୁ ମୋର ବିବାହର ମଧ୍ୟସ୍ଥି ଥିଲେ । ତାଙ୍କ ସାନଭାଇ ଡାକୁ କଟକରେ ବାହା ହୋଇଥିଲେ - ସେ ସମ୍ପର୍କ ମଧ୍ୟରେ ମୋର ବିବାହ ସଂପୂର୍ଣ୍ଣ ହୋଇଥିଲା ।

ଐତିହାସିକ କଟକ ସହରର ପୁରାତନ ଚାଉଳିଆଗଞ୍ଜ ଅଂଚଳର ସୁରେନ୍ଦ୍ର କୁମାର ସାହୁ ଓ ସୁଭଦ୍ରା ଦେବୀଙ୍କର ମଧ୍ୟମ କନ୍ୟା ତୁଳସୀ (ଟିକି) ସହ ଶିବ ମନ୍ଦିରରେ । ବାଜାରୋଷଣୀ ସହ - ୧୨ ଜୁନ୍ ୨୦୧୫ରେ ବୈଦିକ ରୀତିରେ ବିବାହ କର୍ମ ସଂପୂର୍ଣ୍ଣ ହୋଇଥିଲା ବିନା ଯାନି ଓ ଯୌତୁକରେ । ମୋ ବାପା ମୋର (ପିଏଚ୍.ଡି.) ଆୱାର୍ଡ ପରେ ହିରୋହୋଣ୍ଡା ସ୍ପେଣ୍ଡର ମଟର ସାଇକେଲ ଦେଇଥିଲେ (OR 02 BU 1122). ବାପା ଜଣେ ବିଶିଷ୍ଟ କାଠଶିଳ୍ପୀ ହୋଇଥିବାରୁ - ଆମ ଘରର ଆସବାବପତ୍ର - ବକ୍ସ ଖଟ, ଡ୍ରେସିଙ୍ଗ୍ ଟେବୁଲ, ଆଲଣା, ସୋଫା ସେଟ୍, ଡାଇନିଙ୍ଗ୍ ସେଟ୍ ସେ ନିଜେ କରାଇ ଦେଇଥିଲେ । ମୋ ବାପା ଓ ମା' ଯୌତୁକ ବିରୋଧି ଥିଲେ, ମୋର ନୂଆନୂଆ ଅଧ୍ୟାପକ ଚାକିରୀ ପ୍ରାୟ ସେହି ସମୟରେ ୨,୫୦,୦୦୦ (ଅଢେଇ ଲକ୍ଷ) ମୋ ବାପା ମୋ ବାହାଘରରେ ଖର୍ଚ୍ଚ କରିଥିଲେ । ମୁଁ କୌଣସି ଯୌତୁକ ଆଣିନଥିଲେ ମଧ୍ୟ - ମୋ ସ୍ତ୍ରୀର ସୁନା ସେଟ୍, ମୋରଚେନ୍, ମୁଦି ସହ । ଘରର ଆସବାବପତ୍ର ଗଡ୍ରେଜ୍, ଘରକରଣା ସାମଗ୍ରୀ - ଟିଭି, ମୋ ଶ୍ୱଶୁର ମୋ ସ୍ତ୍ରୀକୁ ସ୍ୱଇଚ୍ଛାରେ ଦେଇଥିଲେ । ମନ୍ଦିରରେ ସାଧାର ଉତମ ଭୋଜିଟିଏ, ଆମ ପରିବାରର ପଚାଶ ବରଯାତ୍ରୀ ତଥା ତାଙ୍କ ପରିବାର ପାଖାପାଖି ତିନିଶହ ଲୋକ ଖାଇଥିଲେ ।

ମୋ ଶ୍ୱଶୁରଙ୍କ ବାପା ବିପିନ୍ ବିହାରୀ ସାହୁ (ମୋ ଜେଜେଶ୍ୱଶୁର) ବ୍ୟବସାୟୀ ଥିଲେ । ଜେଜେ, ଜେଜେମା, ମୋ ଧର୍ମପତ୍ନୀ ତୁଳସୀର ମରି ଯାଇଥିଲେ । କଟକରେ ତାଙ୍କର ଦୁଇଗୁଣ୍ଠ ଜାଗା ସହିତ ନବେ ବର୍ଷର ଦ୍ୱିତାଲା କୋଠାଘର ଓ ବାରି ଅଛି । ମୋ ଶଶୁର ସୁରେନ୍ଦ୍ର ଏକମାତ୍ର ପୁଅ ଓ ଦୁଇ ଝିଅ । ବଡ ପୀଉସୀ ଜଗତସିଂହପୁର ଓ ସାନ ପିଉସୀ ଭଦ୍ରକରେ ବିବାହିତ । କାଳକ୍ରମେ କଟକରେ ବ୍ୟବସାୟ କରି - ଅପର୍ଣ୍ଣା ନଗରରେ ରୁହନ୍ତି ।

ମୋ ଶଶୁର ଜଣେ ଟେଲର ଦୋକାନୀ । ତାଙ୍କ ନିଜସ୍ୱ ଘରେ ତାଙ୍କର ଦୋକାନ । ପୂର୍ବରୁ ବାପାଙ୍କ ସହିତ ଲୁଗା ଦୋକାନ କରିଥିଲେ । ସାଧାରଣତଃ ଆମ ଜାତି ପାଟରାମାନେ ବ୍ୟବସାୟୀ ଅଟନ୍ତି । ମୋ ଶଶୁର - କଟକର ଟାଙ୍ଗୀରେ ବିବାହ କରିଥିଲେ । ତାଙ୍କର ଦୁଇଗୋଟି ଶଳା (ଆମ ମଳାଶୁର) ଓ ଦୁଇଗୋଟି ଶାଳୀ (ଆମ ମା' ଶାଶୁ) ଅଛନ୍ତି । ମୋ ଶାଶୁ - ସୁଭଦ୍ରା ଦେବୀ ବହୁତ ସରଳ, ଆତ୍ମୀୟିକ ଓ ଧର୍ମପରାୟଣ ମହିଳା ।

ମୋ ଶଶୁର ଓ ଶାଶୁଙ୍କର ଚାରିଗୋଟି କନ୍ୟାସନ୍ତାନ ପରେ ଏକ ପୁତ୍ର ସନ୍ତାନ ଅଛି । ପାଚଂଜଣଙ୍କୁ ନେଇ ତାଙ୍କ ପରିବାର । ବଡଝିଅ - ବାସନ୍ତୀ (ମିଲି), ମଧ୍ୟମଝିଅ - ଶଶ୍ମିତା (ସିଲି), ସାନଝିଅ - ଲକ୍ଷ୍ମୀପ୍ରିୟା (ଗୁଲୁ) ଓ ସମସ୍ତଙ୍କଠୁ ସାନପୁଅ ଡମ୍ବରୁଧର (ଗୁଡ) ।

ଘରର ସାନଝିଅ - ଗୁଲୁ । ମୋ ବିବାହ ବେଳକୁ - +୩, ଦ୍ୱିତୀୟ ବର୍ଷ (କମର୍ସ) ଛାତ୍ରୀ ଭାବରେ କଟକ କଲେଜରେ ପାଠ ପଢୁଥିଲା । ତା'ର ଭଲ ପାଠହୁଏ । ମୋର ଟାଙ୍ଗୀରେ ଅଧ୍ୟାପକ ଚାକିରୀ ଅନେକ ସମୟରେ ମୁଁ ବିଶ୍ୱବିଦ୍ୟାଳୟ କାମରେ ଭୁବନେଶ୍ୱର ଫେରି କଟକରେ ଶଶୁର ଘରେ ରହି ତା' ପରଦିନ ବାଇକ୍‌ରେ କଟକର - ଟାଙ୍ଗୀସ୍ଥ ମୋ କଲେଜକୁ ଫେରିଆସେ । ମୋ ସାନଶାଳୀ ଗୁଲୁ ମୋ ପ୍ରତି ବହୁତ ଭଲ ବ୍ୟବହାର - ସେଠାରେ ଖାଇବା, ପିଇବାର ଯତ୍ନ ସେ ମୋର ନେଉଥାଏ । ଦିନକର ଘଟଣା - ମୁଁ ରାତି ଭୁବନେଶ୍ୱର କାମସାରି ପାଖାପାଖି ୯ଟାରେ ଶଶୁର ଘରେ ପହଚିଂଲି ଗୁଲୁ ଘରେ ନଥାଏ । ରାତି ୧୧ଟାରେ ଘରକୁ ଫେରିଲା - ମୋ ଶାଶୁ ଓ ଶଶୁର ଥିଲେ ମୁଁ ପଚାରିଲି ଏତେ ରାତି ଯାଏଁ କେଉଁଠି ଥିଲୁ - ସେ କହିଲା ଆମ ମାଲିକ (ସେ କଟକର ଏକ ଫାୟାର ସେପଟ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଚାକିରୀ କରୁଥିଲା)ଙ୍କ ଝିଅର ଜନ୍ମଦିନ ଥିଲା । ମୁଁ ସେଠାରୁ ଫେରିବାଟା ଡେରି ହେଇଗଲା । ସେ ମୋ କଥା ମାନି ତାଙ୍କ ମାଲିକ (ଡାଇରେକ୍ଟର)ଙ୍କ ମୋବାଇଲ ନମ୍ବର ଦେଲା ମୁଁ କଥାହେଲି, ସେ କହିଲେ ଲକ୍ଷ୍ମୀପ୍ରିୟା ବର୍ତମାନ ଗଲେ, ସେ ନମ୍ବରଟା ମୁଁ ଗୁଲୁ ଜବ୍ ଡାଇରେକ୍ଟର ସେଭେ କରିଲି ମୋ ମୋବାଇଲ୍‌ରେ । କିଛଦିନ ପରେ ମୋର ପତ୍ନୀ ଟିକି ଓ ମୁଁ କୌଣସି କାମରେ ଶଶୁର ଘର କଟକରେ ଥିଲୁ, ରାତି ୧୧ଟା ବେଳକୁ ଗୁଲୁ ନମ୍ବରକୁ ଟେଲିଫୋନ୍ ଆସିଲା - ସେ ଫୋନ୍‌ରେ ସେଭେ କରିଛି - ନୂଆଦିଲ୍ଲୀ ମୋ ସ୍ତ୍ରୀ ଟିକି - ଗୁଲୁକୁ ପାଟି କରିଥିଲା । ଗୁଲୁର ବିକମ୍ ପାସ୍‌ପରେ ମୋର ଉଦ୍ୟମରେ - ସେ ଇଗ୍ନୁରେ

ଏମ୍.ଏ.କମ୍ (M.Com) ଆଡମିଶନ କରିଲା - ୧୦,୦୦୦ ଟଙ୍କା ନିଜେ ଦେଇ ପରେପରେ ୨ ବର୍ଷର ସମସ୍ତ ଖର୍ଚ୍ଚ (ପାଠପଢା ବହି) ମୁଁ ମୋର ଜଣେ ଅଧ୍ୟାପକ ଭିଣେଇ ଭାବରେ ଦେଇଥିଲା । ମୋର ଲକ୍ଷ୍ୟଥିଲା - ଦୁଇଭଉଣୀ ମିଲିନାନୀ/ ସିଲି ଓ ଭାଇ ଗୁଡୁ ଭଳି ଭଲପାଇ ନ ବିବାହ କରୁ (M.Com) କରି ଅଧ୍ୟାପିକାଟିଏ ହୋଇ ବିବାହ କରୁ ।

ଗୁଲୁ ଆମ ଘରକୁ ଆସିଥିଲା - ମୋ ସାନଭାଇ ମାନସ ବାହାଘର ସମୟରେ । ମୋ ଶାଶୁ ଓ ଅନ୍ୟ ପରିବାର ବର୍ଗ ମଧ୍ୟ ଆସିଥିଲେ । ମୁଁ ପରଦିନ ସକାଳୁ ମୋ ବାଇକ୍‌ରେ ବସାଇ ଭୁବନରୁ କଟକ (ନୂଆ ବାଜିରାଉତ ବ୍ରିଜ୍ କପିଳାସ, ଟାଙ୍ଗୀ) ବାଟେ ନେଇଥିଲି । ସେ ମୋତେ କଟକର ଐତିହାସିକ ବାଲିଯାତ୍ରା ବୁଲାଇ ନେଇଥିଲା ଓ ରାମଦୋଳି ଆମେଦୁହେଁ ଖେଳିଥିଲୁ, ମୁଁ ବହୁତ ଉଚ୍ଚାରେ ଡରି ଯାଇଥିଲି । ପୁନଶ୍ଚ ଏକଦିନ ମୁଁ ମୋର କଲେଜରୁ ଛୁଟିନେଇ କଟକରୁ ଭୁବନେଶ୍ୱର ଗୁଲୁକୁ ମୋର ମଟର ସାଇକେଲ୍‌ରେ ନେଇ IGNOU ଅଫିସ୍‌ରେ ତା'ର (M.Com) ସମ୍ବନ୍ଧୀତ କାମ ସରିବା ସହ କଟକରେ କିଛି Official କାମ ସାରିଥିଲୁ । ଗୁଲୁର ମୋ ପ୍ରତି ବହୁତ ସମ୍ମାନ ଓ ଭଲପାଇବା ଥିଲା । ମୁଁ ତା'ର ଡାଇରେକ୍ଟରଙ୍କ ସହ ମଝିରେ ମଝିରେ ଫୋନ୍‌ରେ କଥାହୁଏ । ଥରେ ମୁଁ ତାକୁ କହିଥିଲି ତୋର ଚାକିରୀର ମାଲିକ (ଡାଇରେକ୍ଟର)ଙ୍କୁ ଦେଖା କରିବି, ସେ ଡାକିବାରୁ ମୁଁ ଯାଇଥିଲି । ସେଦିନ କ'ଣପାଇଁ ମୁଁ ତାକୁ ଫୋନ୍‌ରେ ଗାଳୀ ଦେଇଥାଏ, ମୋ ମା'ର ଏକ ଅପରେସନ ପାଇଁ କଟକ ଯାଇଥାଏ - ଡାକ୍ତର କହିଲେ ଦୁଇଦିନ ପରେ ଆସିବ, ମୋ ମା' ମୋ ଶଶୁର ଘରେ ଥାଆନ୍ତି । ଗୁଲୁ ଚାଲେଞ୍ଜ କରି ମୋତେ ଡାକିନେଲା ପୂର୍ବରୁ ତାଙ୍କ Principalଙ୍କୁ ସେ ମୋତେ ଚିହ୍ନା କରାଇଥିଲା । Principal Sir ମୋତେ ବସାଇଲେ ମୁଁ ଠକ Directorଙ୍କୁ ଫୋନ୍ କରିଲି, ତା'ର କିଛି ସମୟ ପରେ ତାଙ୍କ ପ୍ରକୃତ Director ଆସିଲେ । ଏ ଠକ Director ଗୁଲୁ କଥାରେ ତାଙ୍କ ମୋବାଇଲ୍ ସୁଇଜ୍ ଅଫ୍ କରିଦେଲା । ସେଠାରେ ମୋ ଶଶୁର ପହଚିଂ ମୋତେ ଆଣିଲେ । ଆମେ ସମସ୍ତେ ଜାଣିଲୁ ସେ ଠକ ଉସନ୍ଧରମସ୍ପକ୍ଟକ୍ସ ତା'ର ପ୍ରେମିକ ହରିଶ । ଯେକି ପୂର୍ବରୁ ରାତି ୧୧ଟା ପର୍ଯ୍ୟନ୍ତ ତା' ସହିତ ଥିଲା ଓ ଦିଲ୍ଲୀରେ ଏକ ମଟର ସାଇକେଲ୍ କମ୍ପାନୀରେ କାର୍ଯ୍ୟ କରନ୍ତି ।

ମୁଁ ଏସବୁ ଜାଣିବା ପରେ ଫୋନ୍‌ରେ ଠକ Directorଙ୍କୁ ବିଗିଡିଥିଲି । ପର୍ଯ୍ୟାୟକ୍ରମେ ମୋର ମଧ୍ୟମ ଶାଳୀ ସିଲିର ଦ୍ୱିତୀୟ ଝିଅ କଟକର ଚୌଦ୍ୱାରରେ ହେଲା, ମୁଁ ଦେଖିବାକୁ ଯାଇଥିଲି । ସେ କିଛିଦିନ ମୋ ଦେଢଶାଶୁ ବାସନ୍ତୀ (ମିଲି) ନାନୀ ପାଖରେ ରହିଲା । ସେହି ସମୟରେ ଫନି ବାତ୍ୟା ଗୁଲୁ ଯାଇମଧ୍ୟ ମିଲିନାନୀ ଘରେ ରହିଲା । ମୋ ଶଶୁର କହିଲେ - ଗୁଲୁ ଚାକିରୀ ଛାଡିଦେଇଛି । ଫଳରେ ଜଣାଗଲା - ମୋତେ Director ଡାକି ଯେଉଁ ଠକ Director କଥା କହିଥିବାରୁ Director ଚାକିରୀ ଛାଡିବାକୁ କହିଲେ, ମୁଁ ଗୁଲୁକୁ ଫୋନ୍‌ରେ ବିଗିଡେ । ମନଦେଇ ପାଠପଢ ଅଯଥା ନାନୀ ଓ ଭିଣେଇ ଘରକୁ ଯାଅନାହିଁ । ଏପରିକି E-mailରେ Message ଦେଇ ତାଗିଦ୍ କରେ, ମୋର ଲକ୍ଷ୍ୟଥିଲା ପିଲାଟି ପାଠପଢି ମଣିଷ ହେଉ । ବାପା ଓ ମା'ଙ୍କ ସମ୍ମାନ ରଖୁ କାରଣ ଦୁଇନାନା ଓ ଗୋଟିଏ ଭାଇ ବାପା-ମା'ଙ୍କୁ ବିରୋଧ କରି ଲଭ୍ ମ୍ୟାରେଜ୍ କରିଅଛନ୍ତି । ମୁଁ ଚାହୁଁଥିଲି ମୋର ଧର୍ମପତ୍ନୀ ତୁଳସୀ ଯେପରି ଏମ୍.ଏ. (ଇଂରାଜୀ)ରେ କରି ଅଧ୍ୟାପିକା ହେବାପାଇଁ ଜୀବନରେ ଲକ୍ଷ୍ୟ ରଖିଲା, ଠିକ୍ ସେହିପରି ମୋ ଶାଳୀ ଗୁଲୁ M.Com କରି ଅଧ୍ୟାପିକା (Lecturer)ଟିଏ ହୋଇ ବିବାହ କରୁ ।

କିନ୍ତୁ - ବିଧିର ବିଧାନ କେ କରିବ ଆନ -

ମୋ ଜୀବନରେ ଏକା କଳା ବାଦଲ ଆସିଥିଲା - ଜୁନ୍ ୧୩, ୨୦୧୯ ମସିହାରେ । ସେହିଦିନ ସନ୍ଧ୍ୟା ୫ଟାରେ ମୁଁ ମୋର କଲେଜ (ଟେଟ୍ରାହେଡ୍ରନ) କାମସାରି ବାଇକ୍‌ରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ କଟକ ମୋ ଶଶୁରଙ୍କ ଘରକୁ ଯାଇଥିଲି । ଆମେ (ମୁଁ - ଗୁଲୁ) କଟକରୁ ରଜ ମାର୍କେଟ୍ (ମୋ ସ୍ତ୍ରୀ ଓ ଝିଅ) ତଥା ଗୁଲୁ ଓ ଅନ୍ୟ ଶାଳୀ (ସିଲି) ଯେକି ଦ୍ୱିତୀୟ ଝିଅ ଜନ୍ମଦେଇ ମୋ ଶଶୁର ଘରେ ଥିଲା । ମାତ୍ର ମୁଁ ଗୁଲୁକୁ ଡାକିବାରୁ ସେ ମୋତେ ଗାଳିଗୁଲଜ କରି ଚାଉଳିଆଗଞ୍ଜ ଥାନାକୁ ଆସିଥିଲା । ମୋ ନାମରେ FIR ଦେବାପାଇଁ ମୁଁ ସନ୍ଧ୍ୟାରେ ଶଶୁର ଘରୁ ଯାଇ କଟକରେ ମୋ ଆଖି ଚଷମା କରୁଥିଲି ଠିକ୍ ସେତିକିବେଳେ ଚାଉଳିଆଗଞ୍ଜ ଥାନାରୁ ମୋତେ ଫୋନ୍‌ଗଲା ଆପଣ ଥାନାକୁ ଆସନ୍ତୁ । ମୁଁ ରାତି ୭.୩୦ ମିନିଟ୍‌ରେ ଥାନାରେ ପହଚିଂଲି, ସେଠାରେ ମୋ ଶାଳୀଥିଲା । ମୁଁ ମୋର ଶଶୁରଙ୍କୁ ଫୋନ୍‌କରି ଡାକିଲି, ସେ ଥାନାକୁ ଆସିଲେ । ମୁଁ ମୋର ଧର୍ମପତ୍ନୀ ତୁଳସୀକୁ ଫୋନ୍‌ରେ ଜଣାଇଲି ଓ ମୋର କଲେଜ ଚେୟାରମ୍ୟାନ୍ ତ୍ରିଦେବ ସାର୍‌ଙ୍କୁ ଜଣାଇଲି । ସେ ଆମର ଅନ୍ୟଜଣେ ସଂଗ୍ରାମ ସାର୍‌ଙ୍କୁ ଧରି ଚାଉଳିଆଗଞ୍ଜ ଥାନାରେ ପହଚିଂଲେ । ଥାନାବାବୁଙ୍କ ସହିତ ଆମର ଆଲୋଚନା ହେଲା ହେଲେ ମୋ ଶଶୁର ଓ ଶାଳୀ ଚାହିଁଲେ ମୋ ନାମରେ କେସ୍ ହେଉ । କେସ୍ ନମ୍ବର ୧୮୧/୨୦୧୯ ହେଲା ଓ

ବ୍ୟକ୍ତିଗତ ମୁଚଲିକାରେ ରାତି ୧୧ଟାରେ ଥାନାରୁ ସଂଗ୍ରାମ ସାର୍‌ଙ୍କ ଘରେ ଆସି ରହିଲି । ତା' ପରଦିନ ରଜ ଛୁଟିରେ ମୁଁ ମୋର ଭୁବନ ଘରକୁ ଆସିଲି । ବାସ୍ ସମ୍ପର୍କ ସେତିକି ।

ମୋର ଶଶୁର ନଭେମ୍ବର ୧୫,୨୦୧୯ରେ ମୋର ଶାଳୀ ଗୁଲୁର ବିବାହ ତା'ର ପ୍ରେମିକ ଠକ Director ହରିଶ୍ ସହିତ କରେଇଲେ । ଆମ ଘରକୁ ଆସି ମୋ ବାପାଙ୍କୁ ବନ୍ଧୁ ନିମନ୍ତ୍ରଣ କରିଗଲେ । ବିବାହରେ ମୁଁ ଓ ମୋର ବାପା ଗଲୁନାହିଁ । ମୋ ଧର୍ମପତ୍ନୀ ଟିକି ଓ ମୋ ସାନଭାଇ ମାନସ ଯାଇ ବାହାଘର ଦିନ ପଳାଇ ଆସିଲେ, ମୋ ଶାଶୁ, ଶଶୁର ମୋତେ ଡାକିଲେ ନାହିଁ କି ମୋର ଶାଳୀ ଗୁଲୁ ମଧ୍ୟ ମୋତେ ଡାକିଲା ନାହିଁ ।

କଥାରେ ଅଛି -

ମଣିଷର ତୁମେ ଯେତେ
ବଡ ଉପକାର କରନା
କାହିଁକି
ପରବର୍ତୀ ସମୟରେ ତୁମର
ସାମାନ୍ୟ ଭୁଲ୍ ହେଲେ
ସେ ସେହି ଉପକାର
କଥା ବୁନ୍ଦାଏ ମାତ୍ର ମନେ
ପକାଇବ ନାହିଁ
ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କାଲାମଙ୍କ ବାଣୀ
(ମିସାଇଲ ମ୍ୟାନ ଓ ଭାରତର ପୂର୍ବତନ ରାଷ୍ଟ୍ରପତି)

ମୋ ଜୀବନରେ ଠିକ୍ ସେହିପରି ଘଟିଲା ।

ସୁବାଷ ବାସ୍ତବିକ୍ ନିରୁପାୟ । ବିବାହ ପରେ ମଧ୍ୟ ଅଦ୍ୟାବଧି ଛମାସ ବିତିଯାଇଥିଲେ ମଧ୍ୟ ମୋ ଶଶୁର ଓ ଶାଳୀ କେସ୍‌ଟିକୁ ନଉଠାଇ ମୋତେ ଜଣେ ସମାଜରେ ଅପରାଧିର ମାନ୍ୟତା ଦେଇଛନ୍ତି, ବାସ୍ତବିକ୍ ମଣିଷ ନିଜର ସ୍ୱାର୍ଥପାଇଁ କ'ଣ ବା ନ କରିପାରେ । ତଥାପି ଶାଳୀ ଗୁଲୁର (M.Com) ପରୀକ୍ଷାରେ Back ଲାଗିଥିବାରୁ ବିବାହ ପରେ ମୁଁ ମୋର ନିଜସ୍ୱ ଖର୍ଚ୍ଚରେ ପୂର୍ବଭଳି ତା'ର (M.Com) form fill up କରାଇଥିଲି, ପିଲାଟା ପାଠପଢି ସମାଜରେ ମଣିଷ ହେବବୋଲି । ସେମାନେ ମୋର କେସ୍‌ଟିକୁ କୋର୍ଟରୁ ଉଠାଉ ନାହାଁନ୍ତି କି ମୁଁ ମୋର ଶଶୁରଙ୍କ ଘରକୁ ଯାଉନାହିଁ ।

ଛାଡନ୍ତୁ - ଏ ସମାଜରେ କିଏ ବା କାହାର ସମସ୍ତେ ଭଲରେ ରୁହନ୍ତୁ ଏତିକି ଜଗନ୍ନାଥଙ୍କ ନିକଟରେ ପଥହରା ପଥିକର ପ୍ରାର୍ଥନା ସହ - ମୋର ଜୀବନରେ ହସ୍ତଗଣ୍ଠି ପିଟାଇଥିବା ମୋର ଶାଳୀ ଲକ୍ଷ୍ମୀପ୍ରିୟା (ଗୁଲୁ)ର ସବୁଦୋଷକୁ କ୍ଷମାକରି ଏବଂ ଦୂରରୁ ଥାଇ ଆଶୀର୍ବାଦ କରୁଅଛି - ସେ ତା'ର ପରମେଶ୍ୱର ସ୍ୱାମୀ ହରିଶ୍ ସହିତ ସୁଖର ସଂସାର କରୁ ଏବଂ ମହାପ୍ରଭୁ ଜଗନ୍ନାଥ ମୋର ଶଶୁର, ଶାଶୁ ତଥା ପରିବାର ବର୍ଗ ଓ ଆତ୍ମିୟ ସୂଜନଙ୍କୁ ଭଲରେ ରଖିଥାନ୍ତୁ, ସେମାନଙ୍କୁ ଦୀର୍ଘାୟୁ କରନ୍ତୁ

## ପ୍ରେମ

ପଡ଼ିଗଲି ତୋ ପ୍ରେମରେ
ମନ କିଣି ନେଲୁ ତୁରେ
ତୋ ନୀଳ ନୀଳ ଆଖି ଦୁଇଟି
ଚୋରାଇ ନେଲା ମୋ ମନରେ

ତୋ ମିଠା ମିଠା କଥା ଦି'ପଦ
ମୋ ହୃଦୟକୁ କଲା ଆନନ୍ଦ
ପଡ଼ିଗଲି ତୋ ପ୍ରେମରେ
ମନ କିଣିନେଲୁ ତୁରେ

ତୋ ପ୍ରେମ ଭରା ତୋର ଚାହାଁଣି
ବଦଳାଇ ଦେଲା ମୋ ଜୀବନର କାହାଣୀ
ତୋ ସ୍ନେହ ପ୍ରେମଭରା ବନ୍ଧନ
ଭରିଦେଲା ମୋ ହୃଦେ ସ୍ପନ୍ଦନ

ଅନାବିଳ ତୋ ପ୍ରେମ ପିୟୁଷ
ଭରିଦେଲା ମୋ ପ୍ରାଣେ ଜୀବନ
ପଡ଼ିଗଲି ତୋ ପ୍ରେମରେ
ମନକିଣିନେଲୁ ତୁରେ

ତୋ ନାଲି ନାଲି ସେ ଓଠଟି
କରିଦେଲା ମୋତେ ପାଗଳ
ତୋ ରୁଣୁଝୁଣୁ ପାଦ ପାଉଁଜି
ମୋ ମନରେ ଆଣିଲା ଯୌବନ

ସୁନ୍ଦରୀ ତୋ ଅକୁହା ମନର କଥାଟି
ମଥା ଘାରିଦେଲା ମୋର ଟି
ପଡ଼ିଗଲି ତୋ ପ୍ରେମରେ
ମନ କିଣିନେଲୁ ତୁ ରେ

ତୋ ଗୋରା ଗୋରା ଗାଲ ଦୁଇଟି
ମୋ ମନରେ ଭରିଲା ପ୍ରେମଟି
ଦୁଷ୍ଟ ମନଟିକୁ ମୋର
ଆକଟ କରିଲା ତୋ ବକ୍ଷ ଯୁଗଳ

ତୋ ହରିଣୀ ଚାଲିଟି ପାଇଁ କି
ମନ ମୋ ରହିଲା ତୋଠି
ପଡ଼ିଗଲି ତୋ ପ୍ରେମରେ
ମନ କିଣିନେଲୁ ତୁ ରେ

# କନ୍ୟାରତ୍ନ



ବିବାହର ଏକବର୍ଷ ପରେ ତୁଳସୀ ଙ୍କର ଏକ ସନ୍ତାନ ସାତମାସରେ ନଷ୍ଟ ହୋଇଗଲା, ବହୁତ କଷ୍ଟ ସ୍ୱୀକାର କରୁଥିବା ତୁଳସୀ କୁ ଶାଶୁମା ଭାରତୀ ଦେବୀ ଦମ୍ପୀକତାରେ କଷ୍ଟକୁ ଭୁଲି ଆଗକୁ ଯିବାକୁ ପ୍ରେରଣା ଦେଇଥିଲେ । ତା'ର ଏକବର୍ଷ ପରେ ସୁବାଷ ଓ ତୁଳସୀ ଙ୍କର ଏକ କନ୍ୟାସନ୍ତାନ - ତେଜସ୍ୱିନୀ (ଲକି) ଜନ୍ମନେଲା - କଟକ ବଡ ଡାକ୍ତରଖାନାରେ - ମାର୍ଗଶିର ମାସ ଶେଷ ଗୁରୁବାର ଦିନ ଭୋର ୪ଟା ୧୪ ମିନିଟ୍‌ରେ । ଶାଶୁମା ଭାରତୀ ଦେବୀ କହିଲେ ମୋ ଘରକୁ ଲକ୍ଷ୍ମୀ ମା' ଆସିଲେ ।

ରାମଚନ୍ଦ୍ର ଓ ଭାରତୀ ଦେବୀଙ୍କ ନାତୁଣୀ ଲକି । ବଡପୁଅ ସୁବାଷ ଓ ବୋହୂ ତୁଳସୀ ର ଏକମାତ୍ର କନ୍ୟା - ତେଜସ୍ୱିନୀ । ଐତିହାସିକ କଟକ ସହର ର ଚାଉଳିଆଗଞ୍ଜ ନିବାସୀ ସୁରେନ୍ଦ୍ର ସାହୁ ଓ ସୁଭଦ୍ରା ସାହୁ - ଲକି ର ଅଜା ଓ ଆଈ । ୧୫ ଡିସେମ୍ବର, ୨୦୧୭ ମସିହାରେ ଲକି ର କଟକ ବଡ ଡାକ୍ତରଖାନାରେ ଜନ୍ମ । ମାମା ତୁଳସୀ ଦେବୀଙ୍କ ଅପ୍ରେସନ୍‌ରେ ଲକି ଜନ୍ମ ନେଇଥିବାରୁ - ଜେଜେମା ଡାକ୍ତରଖାନାରେ ଆଠଦିନ ତଥା ଦୀର୍ଘ ଛମାସ ଧରି ନାତୁଣୀ ଓ ବୋହୂ ମା'କୁ ସେବାଯତ୍ନ କରିଥିଲେ ।

ତେଜସ୍ୱିନୀ ମାର୍ଗଶିର ମାସ ଶେଷ ଗୁରୁବାର ଭୋର ୪ଟା ୧୪ରେ ଜନ୍ମ ହୋଇଥିବାରୁ - ବାବା ସୁବାଷ ତା'ର ନାମ ଦେଇଥିଲେ - ଲକି (ଡାକନାମ), ଜେଜେବାପା, ଜେଜେମା, ମାମା, ବାପା, ଦାଦା, ଖୁଡି, ପିଉସୀ, ପିଉସା, ଲିସା, ଇସା ନାନୀ ତଥା ରାଜାଭାଇ, ସାନଭାଇ ଆଦି ର ସମ୍ପର୍କରେ ଲକି ବଡହେବାରେ ଲାଗିଲା । ଜେଜେମା ଓ ମାମା ର ସେବାରେ ସ୍ୱାସ୍ଥ୍ୟ ବର୍ଦ୍ଧକ ହେଲା ।

ଲକି ଧିରେଧିରେ ଚାଲିବା, କହିବା ଆରମ୍ଭ କରିଦେଲା । ସେ ରଙ୍ଗବେରଙ୍ଗର ପୋଷାକ ପିନ୍ଧିବାକୁ ଭଲପାଏ । ଅଜାଘର କଟକ ସହରକୁ ଗଲେ ଲକି ସେଠାରେ - ଅଜା, ଆଈ, ମାଉସୀ ଓ ମାମୁଁ ର ଗ୍ରହଣରେ ଖେଳକୁଦ କରି ସମୟ ବିତାଇଥାଏ ।

ଲକି ତା'ର ଜେଜେମା ଭାରତୀ ଦେବୀଙ୍କର ନୟନ ପିତୁଳା ।

# କନ୍ୟାରତ୍ନ

ସମଗ୍ର ସୃଷ୍ଟିର ସଂସାର ଭିତରେ
କନ୍ୟାରତ୍ନ ଅନ୍ୟତମ
ପିତାଙ୍କ ଔରସରୁ ଓ ମାତାଙ୍କ ଗର୍ଭରୁ
ଜନ୍ମଜାତ କନ୍ୟାରତ୍ନ
କେତେ ଅଳିଅଳି କନ୍ୟା ଥିଲା ସିଏ
ଦଶମାସ ଧରି ମାତୃଗର୍ଭେ ଥାଏ
ଭୂମିଷ୍ଠ ହୋଇଣ ପରିବାରେ ଆନନ୍ଦେ ଦିଏ
ସଭିଙ୍କ ମନକୁ ମୋହି ସେ ନିଏ
ସେତ କନ୍ୟାରତ୍ନ ଆଉ କିଏ
ପାଠପଢ଼ି ସିଏ ବାପା ଓ ମାଙ୍କ
ସମ୍ମାନ ରକ୍ଷାକରି
ସମାଜ ସେବାକରେ ବିଭିନ୍ନ ପଦପଦବୀରେ
ସୈନିକ ଡ଼ାକ୍ତର ଅଧ୍ୟାପିକା
ଅବା ଶିକ୍ଷୟତ୍ରୀ ପୁଣି ସିଏ ଗୃହିଣୀଭାବରେ
କନ୍ୟାରତ୍ନ ସମାଜରେ ଆଦର ପାଏ
ଜନ୍ମ, ଶିକ୍ଷା, କର୍ମ ଅନ୍ତେ
ବିବାହ ବୟସେ
ବାପା, ମା ଙ୍କ କନ୍ୟାରତ୍ନ
ସାଜେ ଦୁହିତା ଦୁଇ କୁଳକୁ ହିତା
ବାପା, ମାଙ୍କୁ ପରଘରି କରି ଚାଲିଯାଏ
ସେ ପରା ସଭିଙ୍କୁ କନ୍ୟାରତ୍ନ ଟିଏ
ସୁଦୂର ପରଜନକୁ ନିଜରକରି
ଶ୍ୱଶୁରାଳୟେ ସ୍ୱାମୀଙ୍କ ସହ
ଜୀବନ ବିତାଏ ଏ କନ୍ୟାରତ୍ନ
ତା'ପରି ସରସ ସୁନ୍ଦର ଅବା କିଏ
ସେହିତ କନ୍ୟାରତ୍ନ ଟାଏଁ
କନ୍ୟାରତ୍ନଟି ବନିଯାଏ
ଜାୟା, ଜନନୀ, ଭଗିନୀ
ମାତୃରୂପୀ ଅବତାର ସିଏ
ସଭିଙ୍କ ମନନେଇ ପରିବାର ରଥକ
ଆଗକୁ ନେଇଥାଏ କନ୍ୟାରତ୍ନ ସିଏ
କନ୍ୟାରତ୍ନ ସିଏ ଭାଇଭଉଣୀର
ଅନାବିଳ ପ୍ରେମ ସମ୍ପର୍କର
ରକ୍ଷାବନ୍ଧନରେ ପୁଣି ଅବା
ସମାଜର ସବୁ ପର୍ବପର୍ବାଣୀରେ
ନୂତନ ପୋଷାକ ଧାରଣ କରେ ସିଏ
ଆମ କନ୍ୟରତ୍ନ ସିଏ

## ସୁବାଷ ଙ୍କ ଲକ୍ଷ୍ୟ – ସାଂସଦ

ସ୍ୱପ୍ନହୀନ ଜୀବନ ଜୀବନ ନୁହେଁ, ଯେ କୌଣସି ବ୍ୟକ୍ତି ଜୀବନରେ ସ୍ୱପ୍ନ ଦେଖେ କୌଣସି ସିଦ୍ଧାନ୍ତରେ ପହଚିଂବା ପାଇଁ ସେଥିପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରିଥାଏ, ସେ ତାହାର ସ୍ୱପ୍ନକୁ ପୂରଣ କରିବା ପାଇଁ ଧର୍ଯ୍ୟ ସହକାରେ ବିଫଳତାର ଶିଡି ପରେ ଶିଡି ଚଢିଲେ ଯେ ସେ ଦିନେ ନା ଦିନେ ତା'ର ସ୍ୱପ୍ନର ସଫଳତା ପାଇଥାଏ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କର୍ମ ସାଧନ ମାନବର ଭାଗ୍ୟକୁ ପରିବର୍ତନ କରିଥିବାର ଅନେକ ନଜର ରହିଛି, ମୁଁ ବା ସେ ପ୍ରକୃତିର ଚିରାଚରିତ ଧାରାରୁ ବାଦ୍ ବା ପଡନ୍ତି କିପରି ।

ସୁବାଷର ସ୍ୱପ୍ନ ସାଂସଦ (ଏମ୍.ପି.) ହେବା । ଭାରତୀୟ ଗଣତନ୍ତ୍ରରେ ଜନତା ହିଁ ମାଲିକ । ସ୍ଥାନୀୟ ସରକାର (ପଚାଂୟତିରାଜ / ନଗରପାଳିକା) ରାଜ୍ୟ ସରକାର ସର୍ବୋପରେ ଭାରତ ସରକାର । ଜାତୀୟସ୍ତରରେ ଭାରତର ପାର୍ଲ୍ୟାମେଟଂ (ସଂସଦ) । ଭାରତର ମହାମହିମ ରାଷ୍ଟ୍ରପତି, ରାଜ୍ୟସଭା, ଲୋକସଭା କୁ ନେଇ ଭାରତୀୟ ସାଂସଦ ସ୍ଥାପିତ ସହ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକାରୀ ହୋଇଥାଏ ।

ଭାରତୀୟ ସଂସଦ

| ରାଷ୍ଟ୍ରପତିଙ୍କ ମନୋନୀତ ସାଂସଦ | ରାଜ୍ୟସଭା ସାଂସଦ | ଲୋକସଭା ସାଂସଦ |
|---|---|---|

ଭାରତର ମହାମହିମ ରାଷ୍ଟ୍ରପତି (ପ୍ରତ୍ୟେକ ରାଜ୍ୟର ବିଧାୟକ ତଥା ରାଜ୍ୟସଭା ଓ ଲୋକସଭା ସାଂସଦଙ୍କ ଦ୍ୱାରା ନିର୍ବାଚିତ) ଭାରତୀୟ ଗଣତନ୍ତ୍ରର ସର୍ବୋଚ୍ଚ ପଦବୀ ସେ ସାମ୍ବିଧାନିକ ନିୟମାନୁଯାୟୀ – ୨ ଜଣ ସଦସ୍ୟଙ୍କୁ ଲୋକସଭା (ଆଙ୍ଗୋଇଣ୍ଡିଆନ) ଓ ୧୨ ଜଣ ସଦସ୍ୟ (ସାହିତ୍ୟ, କଳା, ବିଜ୍ଞାନ, ବାଣିଜ୍ୟ, ଏ କ୍ଷେତ୍ରରେ ପାରଦର୍ଶିତା)ଙ୍କୁ ରାଜ୍ୟସଭାକୁ ମନୋନୀତ କରିଥାନ୍ତି ।

ସାଂସଦର ଉଚ୍ଚସଦନ – ଭାରତୀୟ ରାଜ୍ୟସଭା – ୨୫୦ ସଦସ୍ୟ, ୨୩୮ ସଦସ୍ୟ ପ୍ରତି ରାଜ୍ୟର ବିଧାୟକଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ଆମ ରାଜ୍ୟ ଓଡିଶାରେ ୧୦ ଜଣ ରାଜ୍ୟସଭା ସାଂସଦ ରହିଛନ୍ତି ।

ଭାରତୀୟ ସାଂସଦର ନିମ୍ନସଦନ – ଭାରତୀୟ ଲୋକସଭା – ୫୪୩ ଜଣ ସଦସ୍ୟ ସାଂସଦ । ୧୮ ବର୍ଷରୁ ଉର୍ଦ୍ଧ୍ୱ ଭାରତୀୟ ନାଗରିକଙ୍କ ଦ୍ୱାରା ପ୍ରତ୍ୟେକ ଭାବରେ ନିର୍ବାଚନରେ ବିଜୟୀ ହୁଅନ୍ତି । ଲୋକସଭାର ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତି ଦିଅନ୍ତି ଓ କେନ୍ଦ୍ରମନ୍ତ୍ରୀ ପରିଷଦ ରହିଥାଏ । ଓଡିଶାରୁ ୨୧ ଜଣ ଲୋକସଭା ସାଂସଦ ନିର୍ବାଚିତ ହୋଇଥାନ୍ତି ।

ସୁବାଷ – କାହିଁକି ସାଂସଦର ସ୍ୱପ୍ନ ଦେଖେ – ଏସିଆ ମହାଦେଶର ସର୍ବବୃହତ ଗାଁ ଭୁବନ । ୧୯୭୨ ମସିହାର ସହରର ମାନ୍ୟତାପ୍ରାପ୍ତ (ଏନ୍.ଏ.ସି.) – ଭାରତୀୟ ମୁକ୍ତି ସଂଗ୍ରାମର କିଶୋର ଶହୀଦ୍ ବାଜିରାଉତଙ୍କ ଜନ୍ମମାଟି ଭୁବନ, ଭୁବନର ଐତିହାସିକ ଦଶହରା ବଳଦଯାତ୍ରା ଭାରତୀୟ ସଂସ୍କୃତିର ଝଲକ, କଂସା ପିତଳ ବାସନ ଓ କାଠଶିଳ୍ପୀରେ ସ୍ୱତନ୍ତ୍ର ନାମ ଆମ ଭୁବନ ।

ଏଠିକାର ଅଧିକାଂଶ ଜନତା – କାପୁଡିଆ ପାଟକର ସେହି ପାଟକରେ ସ୍ୱାଧିନତା ପୂର୍ବବର୍ତୀ ମୋ ବାପା ରାମଚନ୍ଦ୍ର ନାୟକଙ୍କ ଜନ୍ମ, ଜେଜେବାପା ଜଣେ ବ୍ୟବସାୟୀ, ବାପାଙ୍କୁ ପାଚଂ ବରଷ ହୋଇଥିବା ବେଳେ ମୋ ଜେଜେବାପା ମରି ଯାଇଥିଲେ । ପିତୃହରା ରାମଚନ୍ଦ୍ର ବହୁତ ଦୁଃଖକଷ୍ଟରେ ୫ ପ୍ରାଣୀ ମଣିଷ ସହ ମା' ଭୂତିଦେବୀ ଙ୍କ ଗ୍ରହଣରେ ସମୟ କାଟିଥିଲେ

ପରବର୍ତୀ ସମୟରେ କାଠକାମକୁ ନିଜ ବୃତି ଭାବରେ ଗ୍ରହଣ କରି ଦୀର୍ଘ ଛଅ ଦଶନ୍ଧୀର ଜଣେ କାଠଶିଳ୍ପୀ ଭାବରେ ରାଜ୍ୟ ତଥା ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି । ଅନେକ ଯୁବଶିଳ୍ପୀଙ୍କୁ ମଧ୍ୟ ସରକାରଙ୍କ ତରଫରୁ ଇନ୍ଷ୍ଟ୍ରଟର ଭାବରେ ତାଲିମ୍ ପ୍ରଦାନ କରିଛନ୍ତି । ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତିର ସଭାପତି ରହିବା ସହ ଅନେକ ଅନୁଷ୍ଠାନରୁ ସମ୍ମାନୀତ ୧୪ତମ ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ (ସଂସ୍କୃତି ବିଭାଗ ଓଡିଶା ସରକାର)ର ଢେଙ୍କାନାଳ ମହୋତ୍ସବ – ୨୦୧୨ରେ ମହିମା ହସ୍ତକଳା ସମ୍ମାନ – ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କଠାରୁ ଗ୍ରହଣ

କରିଛନ୍ତି । ପରବର୍ତୀ ସମୟରେ ରାଜ୍ୟ ହସ୍ତଶିଳ୍ପ ପରସ୍କାର ଦରଖାସ୍ତକାରୀ ଥିଲେ ମଧ୍ୟ ପୁରସ୍କାର ପାଇପାରି ନଥିଲେ । ଭାରତ ସରକାରଙ୍କ ଲଳିତ କଳା ଏକାଡେମୀର ୫୮ତମ ଜାତୀୟ କଳା ପ୍ରଦର୍ଶନୀ ପାଇଁ (ବିଜୁ ପଟ୍ଟନାୟକ କାଠ ଖୋଦେଇ ପ୍ରତିମୂର୍ତିର ଫଟୋ କପି) ଜଣେ ଶିଳ୍ପୀ ଭାବରେ - ଏଣ୍ଟ୍ରିଂ ନମ୍ବର ୧୭୬୪/ ୧୫/୦୫/୨୦୧୭ରେ ରେଜିଷ୍ଟ୍ରେସନ୍ପ୍ରାପ୍ତ

ପରବର୍ତୀ ସମୟରେ ମୋ ବାପା ରାମଚନ୍ଦ୍ର ଚିନ୍ତା କରିଥିଲେ ଜନସେବାରେ ମନଦେବା ପାଇଁ ସେଥିପାଇଁ ସେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗଦାନ କରି ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୧୯୮୦ ମସିହାରେ ବିଜେପି ପ୍ରତିଷ୍ଠା - ଅଟଳ ବିହାରୀ ବାଜ୍‌ପେୟୀ ସଭାପତି ତଥା ଲାଲକୃଷ୍ଣ ଆଡଭାନୀ ସାଧାରଣ ସଂପାଦକ ଭାବରେ ଦଳ ପ୍ରତିଷ୍ଠା କରିଥିଲେ । ୧୯୮୨ ମସିହାରେ କାମାକ୍ଷାନଗର ର ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ ଙ୍କ ନେତୃତ୍ୱରେ - ମୋ ବାପା ରାମଚନ୍ଦ୍ର, ବାଉରୀବନ୍ଧୁ ପୃଷ୍ଟି, ସନାତନ ପାତ୍ର ପ୍ରମୁଖ କାର୍ଯ୍ୟ କରିଥିଲେ - ଭୁବନ ବସ୍‌ଷ୍ଟାଣ୍ଡ ଠାରେ ୧୯୮୨ ମସିହାରେ ମୋ ବାପାଙ୍କ ସଭାପତିତ୍ୱରେ ଲାଲକୃଷ୍ଣ ଆଡଭାନୀ ମୁଖ୍ୟ ଅତିଥି - କେନ୍ଦ୍ରିୟ ନେତା ବଂଶୀଲାଲ ସୋନୀ, ପ୍ରସନ୍ନ ପଟ୍ଟନାୟକ ମଚାଂସୀନ ହୋଇ ଜନସଭା କରିଥିଲେ । ପରବର୍ତୀ ସମୟରେ ବିଜେପିର ପ୍ରଥମ ରାଜ୍ୟ ସଭାପତି ବିଶ୍ୱଭୂଷଣ ହରିଶ୍ଚନ୍ଦନଙ୍କ ସ୍ୱାକ୍ଷରରେ ୭୫୦୫/ ବିଜେପି/ ୦୫/୦୭/୧୯୮୪ ମସିହାରେ ବିଜେପିର ପ୍ରାଥମିକ ସଦସ୍ୟ ହୋଇ ସାଂଗଠନିକ ନିର୍ବାଚନରେ ରହିଲେ ।  ବାସୁଦେବ ବେହେରା ସଭାପତି ଓ ମୋ ବାପା ଉପସଭାପତି ଭୁବନ ବିଜେପି ମଣ୍ଡଳର କାର୍ଯ୍ୟ କଲେ - ୧୯୮୪ ମସିହାରେ ଏକ ରାଜନୈତିକ ଆକ୍ରୋଶ ଭାବରେ ୨୧ ଦିନ କାଳ ଜେଲଯାଇ - ୧୯୮୫ ମସିହାରେ ଓଡିଶାର ପ୍ରଥମ ବିଜେପି ବିଧାୟକ କାମାକ୍ଷାନଗର - ପ୍ରସନ୍ନ ପଟ୍ଟନାୟକ ଙ୍କୁ ବିଜୟୀ କରାଇବାରେ ପ୍ରମୁଖ ସାରଥି ସାଜିଥିଲେ, ପରବର୍ତୀ ସମୟରେ ପ୍ରଥମ ବିଜେପି ବିଧାୟକ ତଥା ରାଜ୍ୟ ସାଧାରଣ ସଂପାଦକ ତାଙ୍କ ସରକାରୀ ବିଧାୟକ ପତ୍ରରେ ୨୩/୧୧/୧୯୮୫ରେ ମୋ ବାପା ରାମଚନ୍ଦ୍ର (ବିଜେପି ଉପସଭାପତି)ଙ୍କୁ ଦଳୀୟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ । ପରବର୍ତୀ ସମୟରେ ମୋ ବାପା - ଭୁବନ ଏନ୍.ଏ.ସି. ବିଜେପି ମଣ୍ଡଳର ୩ ଥର ସଭାପତି ଭାବରେ କାର୍ଯ୍ୟ କରିଥିଲେ ।

ସେ ୧୯୮୪ ଭୁବନ ଏନ୍.ଏ.ସି. ନିର୍ବାଚନରେ ୭ ନମ୍ବର ୱାର୍ଡରୁ ପ୍ରାର୍ଥୀ ହୋଇଥିଲେ ମାତ୍ର ତାଙ୍କ ପ୍ରାର୍ଥୀତ୍ୱକୁ ସରକାରୀ ସ୍ତରରେ ନାକଚ କରି ଦିଆଯାଇଥିଲା । ୧୯୯୨ ମସିହା ଭୁବନ ଏନ୍.ଏ.ସି. ନିର୍ବାଚନରେ ସେ ଥାଆନ୍ତି ଭୁବନ ସଭାପତି - ନିଜେ ପ୍ରତ୍ୟକ୍ଷ ଭାବରେ ଚେୟାରମ୍ୟାନ (ନଗରପାଳ) ପ୍ରାର୍ଥୀ ନହୋଇ ଭୁବନର ପ୍ରଥମ ନଗରପାଳ ହରିହର ମିଶ୍ରଙ୍କୁ ଚେୟାରମ୍ୟାନ ପ୍ରାର୍ଥୀ ଓ ୬ ଜଣ କାଉନ୍‌ସିଲର ପ୍ରାର୍ଥୀ ଥିଲେ ତତ୍‌କାଳିନ ବିଜେପି ରାଜ୍ୟ ସଭାପତି ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ସ୍ୱାକ୍ଷରରେ ଟିକେଟ୍ ଆସିଥିଲେ, ସେ ସମୟରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଙ୍କ ଜନତା ଦଳ ପ୍ରାର୍ଥୀମାନେ ଚେୟାରମ୍ୟାନ ଓ କାଉନ୍‌ସିଲର ବିଜୟୀ ହୋଇଥିଲେ ।

ପରବର୍ତୀ ସମୟରେ ଢେଙ୍କାନାଳ ଜିଲ୍ଲା ବିଜେପିର ୨ ଥର ଜିଲ୍ଲା ଉପସଭାପତି ଭାବରେ କାର୍ଯ୍ୟ କରିଥିଲେ । ଜିଲ୍ଲା ସଭାପତି ଭାବରେ ରୁଦ୍ର ନାରାୟଣ ପାଣି କାମ କରୁଥିଲେ ।

୧୯୮୫, ୧୯୯୦, ୧୯୯୫, ୧୯୯୭ (ଉପନିର୍ବାଚନ), ୨୦୦୦, ୨୦୦୪, ୨୦୦୯ ମସିହାର ବିଧାନସଭା ନିର୍ବାଚନରେ ମୋ ବାପା ସକ୍ରିୟ ଭୂମିକା ନେଇଥିଲେ - ୨୦୦୦ ମସିହାରେ ବିଜେଡି + ବିଜେପି ମେଚଂରେ କାମାକ୍ଷାନଗର ବିଧାୟକ (ବିଜେଡି)ର ବ୍ରହ୍ମାନନ୍ଦ ବିଶ୍ୱାଳ ହୋଇଥିଲେ । ୨୦୦୪ ଓ ୨୦୦୯ରେ ବିଜେଡିର ପ୍ରଫୁଲ୍ଲ ମଲ୍ଲିକ ବିଧାୟକ ହୋଇଥିଲେ ।

୧୯୯୮ ମସିହାରେ ବିଜେଡିର ଢେଙ୍କାନାଳ ଲୋକସଭା ସାଂସଦ ତଥାଗତ ଶତପଥିଙ୍କର ନୋମିନୀ ଭାବରେ ମୋ ବାପା ଭୁବନର ବାଜିରାଉତ ମେମୋରିଆଲ କଲେଜର ଗଉନିଙ୍ଗ ବଡି ସଭ୍ୟ ଭାବରେ କାର୍ଯ୍ୟ କରିଥିଲେ ।

ପରବର୍ତୀ ସମୟରେ ବିଜେପିର ରାଜ୍ୟସଭା ସାଂସଦ ରୁଦ୍ର ନାରାୟଣ ପାଣିଙ୍କର ନୋମିନୀ ଭାବରେ ଭୁବନ ଏନ୍.ଏ.ସି.ର କାର୍ଯ୍ୟ କରିଥିଲେ ଏମ୍.ପି.ଙ୍କ ପତ୍ର ସଂଖ୍ୟା - 1335/04/63(E)/BJP/Odisha/ 01.10.2004 ରିଖନୁଯାୟୀ ପରବର୍ତୀ ସମୟରେ ପାର୍ଟିର ବରିଷ୍ଠ ନେତାଙ୍କ ଚାପରେ ସେ ନୋମିନୀରୁ ଇସ୍ତଫା ଦେଇଥିଲେ ।

ଦୀର୍ଘ ୨୭ ବର୍ଷଧରି ବିଜେପିରେ କାର୍ଯ୍ୟକରି ସେ ବିଜେପି ରାଜ୍ୟ ପରିଷଦ / ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପାଇଁ ଇଚ୍ଛାପ୍ରକାଶ କରିଥିଲେ, ତାଙ୍କର ଏକ ପତ୍ରକୁ ଆଧାର କରି - ବିଜେପିର ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହଙ୍କ ପତ୍ର ସଂଖ୍ୟା

- 175/BJP/P/07/01.08.2007 ରିଖରେ ସ୍ୱ ସ୍ୱାକ୍ଷରରେ - କେନ୍ଦ୍ରୀୟ ପ୍ରହାରୀ ବିନୟ କଟିଆର ଙ୍କୁ ଦେଇଥିଲେ କାର୍ଯ୍ୟାନୁଷ୍ଠାନ ପାଇଁ ମାତ୍ର ସେ ସମୟର ରାଜ୍ୟ ସଭାପତି ସୁରେଶ ପୂଜାରୀ ଏହାକୁ କରାଇ ଦେଇନଥିଲେ ।

ବାପାଙ୍କର ରାଜନୈତିକ ସାଥିରେ ମୁଁ କିଛିକିଛି ଜଡିତ ଥିଲି । ନଗରପାଳିକା, ବିଧାୟକ ଓ ସାଂସଦ ନିର୍ବାଚନରେ ମୁଁ ସକ୍ରିୟ ଭୂମିକା ଗ୍ରହଣ କରିଥିଲି । ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ବିଧାନସଭା ଘେରାଉ ତଥା ବିଜେପି ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ସଭାପତି - ଧର୍ମେନ୍ଦ୍ର ପ୍ରଧାନଙ୍କର ନେତୃତ୍ୱରେ ଭାରତୀୟ ପାଲ୍ୟାମେଟଂ ଘେରାଉ (ନୂଆଦିଲ୍ଲୀ) କାର୍ଯ୍ୟକ୍ରମରେ ମୁଁ ସକ୍ରିୟ ରହିଥିଲି । ନୂଆଦିଲ୍ଲୀରେ ମୁଁ ବିଜେପିର ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହଙ୍କୁ ସାକ୍ଷାତ କରି ତାଙ୍କର ଚିଠି (ମୋ ବାପାଙ୍କ ରାଜନୈତିକ ପାଇଁ) ସହ ଆଲୋଚନା କରିଥିଲି ମାତ୍ର ୧ ବର୍ଷ ବିତିଗଲା ପରେ ବିଜେପି ଦଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମୋ ବାପା ରାମଚନ୍ଦ୍ର - ୦୮/୦୯/୨୦୦୮ରେ ବିଜେପିରୁ ଇସ୍ତଫା ଦେଇ ବିଜୁ ଜନତା ଦଳ (ବିଜେଡି)ର ପ୍ରାଥମିକ ସଦସ୍ୟ ସଂଖ୍ୟା - 635602/BJD/Odisha/11.09.2008ରେ ରାଜ୍ୟ ପରିଷଦ ସଭ୍ୟ ମାୟାଧର ପଣ୍ଡାଙ୍କ ସ୍ୱାକ୍ଷରରେ ତଥା ରାଜ୍ୟର ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଙ୍କ ଉପସ୍ଥିତିରେ ଏକ ଜନସଭାରେ ବିଜେଡିରେ ଯୋଗ ଦେଇଥିଲେ ।

ମୋ ବାପା ୨୬ ବର୍ଷ ଧରି ବିଜେପିରେ ରହି ଦଳର କାମ କରିଥିଲେ, ଦଳର ସର୍ବୋଚ୍ଚ ନେତା ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହଙ୍କର ନିର୍ଦ୍ଦେଶନାମାକୁ ଓଡିଶା ରାଜ୍ୟ ବିଜେପି ଶାଖାର ନେତାମାନେ ଗୁରୁତ୍ୱ ଦେଲେ ନାହିଁ । ସେ ଦଳରୁ ଇସ୍ତଫା ଦେଇ ଜନସାଧାରଣ ସହିତ ରହିବା ପାଇଁ ଏକ ରାଜନୈତିକ ଦଳ ବିଜେଡିରେ ଯୋଗ ଦେଇଥିଲେ, ଏହା ପରେ ମୋ ସାନଭାଇ ଶିକ୍ଷକ ମାନସ ନାୟକ - ମୋ ବାପାଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତି ଉପରେ ଗବେଷଣା (ପିଏଚ୍.ଡି.) କରିବାକୁ - ଡିସେମ୍ବର ୨୦୦୮ରେ ମାନସିକ ସ୍ତରରେ ଯୋଜନା ଆରମ୍ଭ କରି ଦେଇଥିଲା ଓ ଉତର ଓଡିଶା ବିଶ୍ୱବିଦ୍ୟାଳୟରେ ଦରଖାସ୍ତ କରିଥିଲା । ବହୁତ ବାଧାବିଘ୍ନ ସତ୍ୱେ ତା'ର ଗବେଷଣା ରେଜିଷ୍ଟ୍ରେସନ୍ ହେଲା - Ph.D/32/12/dt. 14.05.2012 ରିଖରେ ସେହି ଦିନଠାରୁ ସେ ଗବେଷକର ମାନ୍ୟତା ପାଇଲା ।

ମୋ ବାପାଙ୍କ ପରାମର୍ଶ କ୍ରମେ ମୁଁ ଏକ ପୁସ୍ତକ - ବିଜୁ ଜନତା ଦଳ - ଓଡିଶା ଜନମାନସର ସେବକ (ଏକ ରାଜନୈତିକ ସମୀକ୍ଷା ସାହିତ୍ୟ) ରଚନା କରିବାରେ ଲାଗିଲି । ବିଜୁ ପଟ୍ଟନାୟକ ଙ୍କ ଜୀବନୀ, ବିଜେଡି - ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱ ବିଷୟରେ ବିଷାଦ ଭାବରେ ପୁସ୍ତକଟି ସ୍ଥାନ ପାଇଲା ।

କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଓ ମୋ ବାପା ମିଳିତ ଭାବରେ କାର୍ଯ୍ୟକରି ଚାଲିଲେ (ନିର୍ବାଚନରେ ବୁଲିବା, ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ନିର୍ବାଚନ ପ୍ରଚାରରେ, ଦଳୀୟ ସଂଗଠନ) ।

ପରବର୍ତ୍ତୀ ସମୟରେ ବାପାଙ୍କର ଦୀର୍ଘ ଦିନର ରାଜନୈତିକ ଅଭିଜ୍ଞତା ତଥା ସାନଭାଇ ମାନସର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସାରସ୍ୱତ କୃତିରେ ଡକ୍ଟରେଟ୍ ଗବେଷଣା ସର୍ବୋପରି ମୋର ବିଜେଡି ପୁସ୍ତକ ଲେଖାକୁ ଆଧାରକରି ମୋ ବାପା ମୁଖ୍ୟମନ୍ତ୍ରୀଙ୍କୁ ଦରଖାସ୍ତ କରିଥିଲେ - Chairman - Dhenkanal Regional Improvement Trust (DRIT) ପଦବୀ ପାଇଁ ଓଡିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା - 32936/HUD/TPD/139/12/dated - 01.12.2012 ଅନୁଯାୟୀ ମୋ ବାପା ରାମଚନ୍ଦ୍ର ନାୟକ ଙ୍କ ନାମ ଏକମାତ୍ର ଏହି ପଦବୀ ପାଇଁ ସରକାରଙ୍କ ବିଚାରଧିନ ଥିଲା । ମୁଖ୍ୟମନ୍ତ୍ରୀ ଅନୁମୋଦନ ପାଇଁ Resubmit ପାଇଁ ଅନୁମତି ଦେଇଥିଲେ ମାତ୍ର କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଏହାକୁ ସରକାରୀ ସ୍ତରରେ ବିରୋଧି କରି (ନିଜର ପ୍ରତିଦ୍ୱନ୍ଦୀ ନ ବାହାର କରିବାପାଇଁ) ସଫଳ ହୋଇଥିଲେ, ସେଥିରେ ତାଙ୍କ ସେହି ସମୟର ବିଜେଡିର ପ୍ରଭାବଶାଳୀ ସାଂସଦ ପ୍ୟାରୀମୋହନ ମହାପାତ୍ରଙ୍କର ସମର୍ଥନ ଥିଲା । ପରିଶେଷରେ ସରକାରଙ୍କ ପତ୍ର ସଂଖ୍ୟା - 8781/HUD/28/02/2013 ରିଖନୁଯାୟୀ ମୋ ବାପାଙ୍କର Chairman DRIT କୁ Turndown କରି Collector, Dhenkanal ଙ୍କୁ DRIT Chairman ଦାୟିତ୍ୱ ଅର୍ପଣ କରାଯାଇଥିଲା ।

ସେହିଦିନ ଠାରୁ କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ମୋ ବାପାଙ୍କୁ ଦଳରେ ଆଦୌ ଗୁରୁତ୍ୱ ଦେଲେନାହିଁ । ପରବର୍ତ୍ତୀ ସମୟରେ ମୋ ବାପା ତାଙ୍କ ଦଳର ବିଜୁ ପଟ୍ଟନାୟକ ଙ୍କୁ ମରୋଣତୋର "ଭାରତରତ୍ନ" ପାଇଁ - ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ ପତ୍ର ଦେଲେ, ସେହି ଚିଠିରେ ମହାମହିମ ଓଡିଶା ରାଜ୍ୟପାଳ ତାଙ୍କ ପତ୍ର ସଂଖ୍ୟା - 8090/

SG/19.12.2013 ରିଖରେ ପ୍ରଧାନମନ୍ତ୍ରୀଙ୍କ OSD ଙ୍କୁ ପତ୍ର ସୁପାରିଶ କରିଥିଲେ ମାତ୍ର ତତ୍‌କାଳୀନ କେନ୍ଦ୍ର କଂଗ୍ରେସ ସରକାର ଏହାକୁ ଗ୍ରହଣ କରିନଥିଲେ ।

ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନର ବାଜିରାଉତ କଲେଜରେ ବିଭିନ୍ନ ବିଭାଗର ଅଧ୍ୟାପକ (ମ୍ୟାନେଜମେଂଟ ପୋଷ୍ଟିଙ୍ଗ୍) ପାଇଁ ପ୍ରିନିସ୍‌ପାଲ୍‌ଙ୍କ ପତ୍ର ସଂଖ୍ୟା - ୫୩୫/୧୩/୨୦.୧୨.୨୦୧୩ରେ ବିଜ୍ଞାପନ ପ୍ରକାଶ ପାଇଥିଲା । ମୁଁ ଓଡିଆ ସାହିତ୍ୟର ଅଧ୍ୟାପକ ପାଇଁ ସାକ୍ଷାତକାର ଦେଇଥିଲି ମାତ୍ର କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଯେକି କଲେଜ ଗଭର୍ନିଙ୍ଗ ବଡିର ସଭାପତି । ମୋ ବାପାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦୀ ଭାବରେ ମୋତେ ନିଯୁକ୍ତି ଦେଲେନାହିଁ । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋର ଅନୁରୋଧ ପତ୍ରକୁ ସୁପାରିଶ କରିଥିଲେ । ତାଙ୍କ ପତ୍ର ସଂଖ୍ୟା - 3684/CM(1)/20/06/2014ରେ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବଙ୍କୁ । ଉଚ୍ଚଶିକ୍ଷା ସଚିବ କାମାକ୍ଷାନଗର ବିଧାୟକଙ୍କୁ ସୁପାରିଶ କରିଥିଲେ ମାତ୍ର ବିଧାୟକ - ଏଥିରୁ ମୋତେ ବାଦ୍‌ଦେଇ ନିଯୁକ୍ତି ଦେଇଥିଲେ ।

ପରବର୍ତ୍ତୀ ସମୟରେ ମୋର ଦରଖାସ୍ତଟିକୁ ବିଚାରକରି ଓଡିଶାର ମହାମହିମ ରାଜ୍ୟପାଳଙ୍କ ପତ୍ର ସଂଖ୍ୟା - 5402/SG/(Ptn)/17/11/2014 ରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲେଖିଥିଲେ ମାତ୍ର ସେହି ସମୟରେ କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ୩ ଥର ବିଧାୟକ ନିର୍ବାଚିତ ହୋଇ (୨୦୧୪)ରେ ଓଡିଶାର ମନ୍ତ୍ରୀ ହୋଇଥିଲେ, ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଧରି ଚାପି ଦେଇଥିଲେ । ଶେଷରେ ମୁଁ ଏକ ଘରୋଇ କଲେଜରେ ସ୍ଥାୟୀ ଅଧ୍ୟାପକ ଚାକିରୀ ପାଇଲି ।

୨୦୧୪ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେଡିର ପ୍ରତିଷ୍ଠା ଦିବସରେ ମୋର ବିଜେଡି ପୁସ୍ତକଟିକୁ (ରାଜ୍ୟ କାର୍ଯ୍ୟାଳୟ - ଭୁବନେଶ୍ୱରରେ) - ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଲେ ଓ ସେଥିରେ ନିଜର ସ୍ୱାକ୍ଷର ପ୍ରଦାନ କରିଲେ ।

ମୋର ବାପା ରାମଚନ୍ଦ୍ର - ୨୦୧୪ ବିଧାନସଭା ନିର୍ବାଚନରେ କାମାକ୍ଷାନଗର ବିଧାୟକ ଆସନ ପାଇଁ ବିଜେଡିରେ ପ୍ରାର୍ଥୀ ପାଇଁ ଆବେଦନ କରିଲେ ଓ ସାନଭାଇ ମାନସ (ମୁଖ୍ୟମନ୍ତ୍ରୀ ଲେଖକୀୟ ଗବେଷକ) ଓ ମୋ ସହିତ ମୋ ବାପା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଲେ, ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରାର୍ଥୀ ପାଇଁ ଆଶ୍ୱାସନା ଦେଇଥିଲେ ମାତ୍ର ୨ ଥର ବିଜେଡି ବିଧାୟକ ପ୍ରଫୁଲ୍ଲ ମଲ୍ଲିକ୍ ଙ୍କ ସମର୍ଥନରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ୍ ଚେୟାରମ୍ୟାନ, ଏନ୍.ଏ.ସି. ଚେୟାରମ୍ୟାନ ଦଳୀୟ ଓ ସରକାରୀ ପଦବୀରୁ ଇସ୍ତଫା ଦେବାକୁ ବିଜେଡି ସଭାପତିଙ୍କୁ ସାକ୍ଷାତରେ କହିଲେ, ପରିଶେଷରେ ପ୍ରଫୁଲ୍ଲ ମଲ୍ଲିକ୍ ପ୍ରାର୍ଥୀ ହୋଇ ଲଗାତର ୩ ଥର ବିଧାୟକ ଭାବରେ ପ୍ରଥମ ଥର ମନ୍ତ୍ରୀ ହେଲେ ।

୨୦୧୪ରେ କେନ୍ଦ୍ରରେ କଂଗ୍ରେସ ସରକାରର ଗଠନ ପରେ ବିଜେପି ସରକାରରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲେ । ମୋ ବାପା ରାମଚନ୍ଦ୍ର ନାୟକ ପୁନଶ୍ଚ ବିଜୁ ପଟ୍ଟନାୟକ ଙ୍କୁ ଭାରତରତ୍ନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଲେ, ଏହା ପ୍ରଧାନମନ୍ତ୍ରୀଙ୍କ ପତ୍ର ସଂଖ୍ୟା - 7300/PMO/07/09/2016 ପତ୍ରରୁ ସ୍ପଷ୍ଟ ଭାବରେ ଉଲ୍ଲେଖିତ ଅଟେ ।

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଆ ପୁଅ - ଆଇ.ଏ.ଏସ୍. - ଡକ୍ଟର ପ୍ରମୋଦ କୁମାର ମିଶ୍ର ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ ନିଯୁକ୍ତି ପାଇଲେ, ସେ ଜଣେ ଲେଖକ । ମୋ ବାପାଙ୍କ ଶିଳ୍ପୀ ପେନ୍‌ସନ୍ ପାଇଁ ସେ ସଂସ୍କୃତି ମନ୍ତ୍ରଣାଳୟକୁ ସୁପାରିଶ ସହ ମୋତେ ତାଙ୍କ ପତ୍ର ସଂଖ୍ୟା - 07/07/2014ରେ ଅବଗତି କରାଇଲେ, ସେହି ଦିନଠାରୁ ଡକ୍ଟର ପି.କେ. ମିଶ୍ରଙ୍କ ସହିତ ମୋର ଏକ ଉତମ ସମ୍ପର୍କ ମାତ୍ର ରାଜନୈତିକ ଚାପରେ ଅଦ୍ୟାବଧି ମୋ ବାପା ଶିଳ୍ପୀ ପେନ୍‌ସନ୍ ପାଇ ପାରିଲେ ନାହିଁ ।

ପୁନର୍ବାର ବିଜେଡି ପୁସ୍ତକର ଲେଖକ ଡକ୍ଟର ସୁବାଷ ନାୟକ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପାଇଁ ମହାମହିମ ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲା, ରାଷ୍ଟ୍ରପତିଙ୍କ ସୁପାରିଶକୁ ଅଧାରକରି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ସରକାରୀ ପତ୍ର ସଂଖ୍ୟା - 21/2016/dt. 27/12/2016 ରିଖରେ ସୁପାରିଶ କରିଥିଲେ ବିଜୁ ପଟ୍ଟନାୟକ ଙ୍କୁ ଭାରତରତ୍ନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ । ଏହାଥିଲା ସର୍ବପ୍ରଥମ ସରକାରୀ ସ୍ତରୀୟ ସୁପାରିଶ ପତ୍ର ।

ପୁନର୍ବାର ସୁବାଷ ଭାରତର ଜନପ୍ରିୟ ନେତା - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ "ଭାରତରତ୍ନ" ପ୍ରଦାନପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ପତ୍ର ପ୍ରେରଣକଲା । ଏହାକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ

ପତ୍ର ସଂଖ୍ୟା - 1/14/17/ dt. 10.07.2017ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୁପାରିଶ କଲେ । ଏହାଥିଲା ସର୍ବପ୍ରଥମ ସରକାରୀ ସ୍ତରୀୟ ସୁପାରିଶ ପତ୍ର ।

ପରବର୍ତ୍ତୀ ପର୍ଯ୍ୟାୟରେ ଗୁଜୁରାଟୀ ସାହିତ୍ୟର ସାହିତ୍ୟିକ ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ - ଓଡିଶାରୁ ସମ୍ମାନସୂଚକ ଡି.ଲିଟ୍. (ଡକ୍ଟରେଟ୍) ଉପାଧି ପାଇଁ ମୋର ପତ୍ରକୁ ମହାମହିମ ରାଷ୍ଟ୍ରପତି ପତ୍ର ସଂଖ୍ୟା - 9/8/2017ରେ ପ୍ରଧାନମନ୍ତ୍ରୀଙ୍କ OSDଙ୍କୁ ସୁପାରିଶ ପତ୍ର ଦେଲେ ।

ସୁବାଷ - ବିଜୁ ପଟ୍ଟନାୟକ ଙ୍କୁ ଭାରତରତ୍ନ ସହ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ ଙ୍କୁ ଭାରତୀୟ ଗେଜେଟ୍‌ରେ ରାଷ୍ଟ୍ରପିତା ମାନ୍ୟତା, ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ୍ ଜୟୀ ରାଜଗୁରୁ (୧୮୦୬)ଙ୍କ ନେତୃତ୍ୱରେ ଓଡିଶାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମ ମାନ୍ୟତା ଗେଜେଟ୍ ପ୍ରକାଶ - ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ କିଶୋର ଶହୀଦ୍ ଓଡିଶାର ବାର ବରଷର ବାଳକ ବାଜିରାଉତ (ମୋ ଜନ୍ମମାଟି ଭୁବନର)ଙ୍କୁ ସର୍ବକନିଷ୍ଠ ଶହୀଦ୍‌ର ଗେଜେଟ୍ ନୋଟିଫିକେସନ୍ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ୟକ୍ତିଗତ ପତ୍ର ଲେଖିଅଛି, ତାହା ବର୍ତ୍ତମାନ ବିଚାରାଧିନ ରହିଅଛି ।

ମହାତ୍ମାଗାନ୍ଧୀ ଭାରତୀୟ ସ୍ୱାଧିନତାର ନାୟକ - ରାଷ୍ଟ୍ରପିତା - ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ମିଳିତ ଜାତିସଂଘର ସ୍ଥାୟୀ ସଦସ୍ୟ ମାନ୍ୟତା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ନୂତନ ଭାରତର ରାଷ୍ଟ୍ରପିତା ମାନ୍ୟତା ପାଆନ୍ତୁ - ଏହି ପତ୍ର ବୈଦେଶିକ ମନ୍ତ୍ରଣାଳୟ ଭାରତ ସରକାରଙ୍କ ସକ୍ରିୟ ବିଚାରାଧିନ ପତ୍ର ମାଧ୍ୟମରେ ମୁଁ ସୂଚୀତପ୍ରାପ୍ତ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ "ଏ ଜର୍ଣ୍ଣି"କୁ ମୁଁ ଓଡିଆ ଭାଷାରେ ଅନୁବାଦକ ସହ ୧୩ ଜଣ ଭାରତୀୟ କବି / କବୟତ୍ରୀ ତଥା ୭ ଜଣ ବିଦେଶୀ କବି / କବୟତ୍ରୀଙ୍କୁ ପୁସ୍ତକ ପ୍ରଦାନ ସହ ଅନୁବାଦ କାର୍ଯ୍ୟପାଇଁ ଅନୁରୋଧ, ଯାହାକି ଭାରତୀୟ ସାହିତ୍ୟ ଓ ବିଶ୍ୱସାହିତ୍ୟର ଅମୂଲ୍ୟଗ୍ରନ୍ଥ ହୋଇ ରହିବ । ବିଶ୍ୱକବି ରବିନ୍ଦ୍ରନାଥ ଠାରୁ (୧୯୧୩)ରେ ତାଙ୍କର 'ଗୀତାଞ୍ଜଳୀ' କାବ୍ୟପାଇଁ ବିଶ୍ୱର ସର୍ବୋଚ୍ଚ ସମ୍ମାନ - ନୋବେଲ ସାହିତ୍ୟ ସମ୍ମାନ ପାଇଥିବା ଅଦ୍ୟାବଧି ଏକମାତ୍ର ଭାରତୀୟ ଆଗାମୀ ଦିନରେ - ପ୍ରଧାନମନ୍ତ୍ରୀ କବି ନରେନ୍ଦ୍ର ମୋଦିଙ୍କ "ଏ ଜର୍ଣ୍ଣି" ପୁସ୍ତକଟି ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ ସାହିତ୍ୟ ସମ୍ମାନ ପାଇବ ଏଥିରେ ତିଳେମାତ୍ର ଅବକାଶ ନାହିଁ ।

ଏହି କ୍ଷେତ୍ରରେ ମୋର ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ - ଭାରତୀୟ ସାହିତ୍ୟର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ ଯାହକି ମୋର ଉଚ୍ଚତର ଗବେଷଣା - ପୋଷ୍ଟ ଡକ୍ଟରାଲ / ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରେସନ୍ ଅପେକ୍ଷାରତ, ତା'ର ଏକ ଅନନ୍ୟ ପ୍ରତିଛବି । ଏହା ନରେନ୍ଦ୍ର ମୋଦିଙ୍କୁ ନୋବେଲ ସାହିତ୍ୟ ଦିଗର ଏକ ମାଇଲି ଖୁଟିଂ ହେବ ।

ଓଡିଶାର ମହାମହିମ ରାଜ୍ୟପାଳ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ରାଜଭବନରେ ସାକ୍ଷାତକରି ଡି.ଲିଟ୍. ରେଜିଷ୍ଟ୍ରେସନ୍ ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଛି, ତାଙ୍କଠାରୁ କୌଣସି ସୁପାରିଶ ପତ୍ର ଅଦ୍ୟାବଧି ପାଇନାହିଁ ଶାସକ ଦଳର କେନ୍ଦ୍ରମନ୍ତ୍ରୀ ଏ ଦିଗରେ ପ୍ରତିବନ୍ଧକ ସାଜିଥିବାର ଆଶା, ମୋର ରେଜିଷ୍ଟ୍ରେସନ୍‌କୁ ବିଳମ୍ବିତ କରୁଅଛି । ନିକଟ ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତକରି ଅବଗତ କରାଇବି ।

ମୋ ପାଇଁ ନୁହେଁ ସମଗ୍ର ଓଡିଆଙ୍କ ପାଇଁ ଏକ ଗୌରବର କଥା - ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଥିବା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ହେଲେ ଡକ୍ଟର ପ୍ରମୋଦ କୁମାର ମିଶ୍ର, ତାଙ୍କୁ ଅଭିନନ୍ଦନ ପତ୍ରରେ ସେ ମୋତେ ତା. ୧୫/ ୦୯/୨୦୧୯ରେ ତାଙ୍କ ଇ-ମେଲରୁ ମୋତେ ଅଭିନନ୍ଦନ ପାଇଁ ଧନ୍ୟବାଦ ଦେବାସହ, ମୋର ଶୁଭ ମନାସୀଛନ୍ତି ।

ଯୋଗ୍ୟ ଓଡିଆମାନଙ୍କୁ ନରେନ୍ଦ୍ର ମୋଦି ସରକାରରେ ସମ୍ମାନ -

ପ୍ରଧାନମନ୍ତ୍ରୀଙ୍କ ପ୍ରଧାନସଚିବ ଡକ୍ଟର ପି.କେ. ମିଶ୍ରଙ୍କୁ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀଙ୍କ ମର୍ଯ୍ୟାଦା

ଧର୍ମେନ୍ଦ୍ର ପ୍ରଧାନ - କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ

ପ୍ରତାପ ଷଡଙ୍ଗୀ - କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ

ବିଶ୍ୱଭୂଷଣ ହରିଶ୍ଚନ୍ଦନ - ଆନ୍ଧ୍ରପ୍ରଦେଶ - ରାଜ୍ୟପାଳ

ଦୌପଦୀ ମୁର୍ମୁ - ଝାଡଖଣ୍ଡ - ରାଜ୍ୟପାଳ

ଗିରୀଶ ଚନ୍ଦ୍ର ମୁର୍ମୁ - ଜାମ୍ମୁ - ଉପରାଜ୍ୟପାଳ

ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର | ରାଷ୍ଟ୍ରପତିଙ୍କ ମନୋନୀତ
ନୃତ୍ୟଶିଳ୍ପୀ ସୋନାଲି ମାନସିଂହ | ସାଂସଦ (ରାଜ୍ୟସଭା)
ଶଶୀକାନ୍ତ ଦାସ - ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସହ ଅନେକ ଓଡିଆ ଉଚ୍ଚ ପଦବୀରେ ଆସୀନ ।

ଡକ୍ଟର ପି.କେ. ମିଶ୍ର - ଡିଜାଷ୍ଟର ମ୍ୟାନେଜମେଟଂ କ୍ଷେତ୍ରରେ ମିଳିତ ଜାତିସଂଘ ପୁରସ୍କାରପ୍ରାପ୍ତ । ତାଙ୍କର ଦକ୍ଷ ପ୍ରଶାସନକୁ ଆଧାରକରି ଭାରତର ନାଗରିକ ସମ୍ମାନ ପଦ୍ମବିଭୂଷଣ ପାଇଁ ମୁଁ ମନୋନୀତ କରିଥିଲି, ମନୋନୟନ ସଂଖ୍ୟା - 202009371/ dt. 30/07/2019 ମାତ୍ର ଡକ୍ଟର ମିଶ୍ର ପଦ୍ମ ସିଲେକ୍ସନ୍ କମିଟିରେ ଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ ମୋତେ ଦୁଃଖଦ ଆଣି ଦେଇଥିଲା ।

ସୁବାଷର ପ୍ରୟାସ ବିଜୁ ପଟ୍ଟନାୟକଙ୍କୁ 'ଭାରତରତ୍ନ' ଦାବି, ବିଜେଡି ପୁସ୍ତକ ଲେଖକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ - ଆଧୁନିକ ଓଡିଶା ନିର୍ମାଣର ସାରଥି - ଶ୍ରୀ ଭି. କାର୍ତିକେୟନ ପାଣ୍ଡିଆନଙ୍କୁ ଭାରତର ନାଗରିକ ସମ୍ମାନ 'ପଦ୍ମଭୂଷଣ' ପାଇଁ ମୋର ନୋମିନି ସନସଂଖ୍ୟା - 202005796/ dt. 17.07.2019 ମାତ୍ର ଭାରତ ସରକାର ଏହାକୁ କୌଣସି କାରଣବଶତଃ ଗ୍ରହଣ କରିନଥିଲେ ।

ଗତବର୍ଷ ଆନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ଲେଖିକା ଗୀତା ମେହେଟ୍ଟାଙ୍କୁ ଭାରତ ସରକାର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ ମାତ୍ର ସେ ଏହାକୁ ନିର୍ବାଚନୀ ବର୍ଷ ଥିବାରୁ ଭାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଉପରେ ପ୍ରଭାବ ପକାଇବ ବୋଲି ପଦ୍ମଶ୍ରୀ ଗ୍ରହଣ କରିନଥିଲେ ।

ମାତ୍ର ସେହିବର୍ଷ ମୋର ସାନଭାଇ ମାନସ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଶ୍ରେଷ୍ଠ ପ୍ରଶାସକ ତଥା ଲେଖକ ଭାବରେ 'ପଦ୍ମ ବିଭୂଷଣ' ଉପାଧି ପ୍ରଦାନ ପାଇଁ ନୋମିନେସନ୍ କରିଥିଲେ, ଭାରତ ସରକାର ତାହାକୁ ବିଚାରକୁ ନେଇ ପାରିନଥିଲେ ।

ମୋ ସାନଭାଇ ମାନସ ନାୟକ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ବିଜୁ ପଟ୍ଟନାୟକ ଙ୍କୁ "ଭାରତରତ୍ନ" ପ୍ରଦାନ ପାଇଁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା - 6031/PMO/ dt. 25/05/ 2018 ଜଣାଯାଇଥିଲା ।

ମାନସ ନାୟକ - "Gita Meheta - A Renowned International Writer" ପୁସ୍ତକର ଲେଖକ । ଏହି ବହିଟି ଜାତୀୟ ଲେଖକ ସମ୍ମିଳନୀ (କାଦମ୍ବିନୀ ମିଡିଆ)ରେ ଆସାମର ମହାମହିମ ରାଜ୍ୟପାଳ ଜାନକୀ ବଲ୍ଲବ ପଟ୍ଟନାୟକ ଙ୍କ ଦ୍ୱାରା ୦୫/୦୧/୨୦୧୪ରେ ଉଦ୍‌ଘାଟନ ହୋଇଥିଲା । ସେ ଗୀତା ମେହେଟ୍ଟା ଙ୍କୁ ଏ ବହିଟି ନୂଆଦିଲ୍ଲୀ ଠିକଣାରେ ପ୍ରେରଣ କରିଥିଲେ ଗୀତା ମେହେଟ୍ଟା ଖୁବ୍ ଆନନ୍ଦିତ ଥିଲେ ।

୨୦୧୯ - କାମାକ୍ଷାନଗର ବିଧାନସଭାରେ ବିଜେଡିର ବିଧାୟକ ପ୍ରାର୍ଥୀ ଆଶାୟୀ ଥିଲେ । ମାନସ ନାୟକ ବିଜେଡି ନେତା - ମୋ ବାପାଙ୍କ ଉତରାଧିକାରୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ ଜୀବନର ଗବେଷକ ଲେଖିକା ଗୀତା ମେହେଟ୍ଟା ପୁସ୍ତକର ଲେଖକ । ଏହାକୁ ଆଧାରକରି ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ । ୩ ଥରର କାମାକ୍ଷାନଗର ବିଧାୟକ / ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ଢେଙ୍କାନାଳ ଲୋକସଭା ସାଂସଦ ପ୍ରାର୍ଥୀ କରିବାକୁ ଦଳ ଇଚ୍ଛା ପ୍ରକାଶ କରିଥିଲା ମାତ୍ର ସେ ବିଧାୟକ ଲଢିବାକୁ ଇଚ୍ଛା କରିଥିଲେ । ରାଜ୍ୟରେ ବାତାବରଣ ଖେଳି ଯାଇଥିଲା - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ଗୋଟି ବିଧାନସଭା ଆସନରୁ ଲଢୁଛନ୍ତି । ଗୋଟିଏ ନିଜର ପୁତୁରା - ଅରୁଣ ପଟ୍ଟନାୟକ ଙ୍କୁ ଛାଡିବେ (ଅରୁଣ - ବଡଭାଇ ପ୍ରେମ ପଟ୍ଟନାୟକ ଙ୍କ ପୁଅ, ବିଜୁ ପଟ୍ଟନାୟକ ଙ୍କ ନାତି), ନବୀନଙ୍କ ଭଉଣୀ ଗୀତା ମେହେଟ୍ଟା - ୨୦୧୯ ନିର୍ବାଚନ ସମୟରେ ନବୀନ ନିବାସରେ ଥିଲେ ।

ମାନସର ବିଜେଡି ଟିକେଟ୍‌ରେ କିଛି ଅଫିସର ମୁଖ୍ୟମନ୍ତ୍ରୀଙ୍କୁ ମିସ୍ ଗାଇଡି କରିଥିଲେ, ସେ ଟିକେଟ୍‌ରୁ ବଚିଂତ ହୋଇଥିଲା ଗୀତା ମେହେଟ୍ଟାଙ୍କ ଉଦ୍ୟମ ସତ୍ତ୍ୱେ । ୪ ଥର ପ୍ରଫୁଲ୍ଲ ମଲ୍ଲିକ୍ - କାମାକ୍ଷାନଗର ବିଧାୟକ ହୋଇ ପୁନର୍ବାର ୨ୟ ଥର ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀ ହେଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତିରେ (ପିଏଚ୍.ଡି.) ଆୱାର୍ଡ (ଜାନୁୟାରୀ - ୨୦୨୦) ପାଇଲେ ଡକ୍ଟର ମାନସ ନାୟକ ।

ସୁବାଷର ସ୍ୱପ୍ନ ସାଂସଦ (ଏମ୍.ପି.), ମୋ ବାପା ରାମଚନ୍ଦ୍ର ନାୟକ ଙ୍କର ରାଜନୈତିକ ଉତରାଧିକାରୀତ୍ୱ - ଜଣେ ଅଧ୍ୟାପକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାରସ୍ୱତର ଗବେଷକ ଭାବରେ ମୁଁ ୨୦୧୯ - ଢେଙ୍କାନାଳ ଲୋକସଭା

ଆସନର ବିଜେପି ଏମ୍.ପି. ପ୍ରାର୍ଥୀ ପାଇଁ ବିଜେପିର ରାଷ୍ଟ୍ରୀୟ ସଭାପତି ଅମିତ ଶାହାଙ୍କୁ ପତ୍ର ପ୍ରେରଣ କରିଲି । ମୁଁ ପୂର୍ବରୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଜେପି ସୋସିଆଲ ମିଡିଆ ବୈଠକରେ ଅମିତ ଶାହାଙ୍କ ସହ ଯୋଗଦାନ ଓ ସାକ୍ଷାତ । ବିଜେପି ରାଜ୍ୟ ଇଣ୍ଟେଲେକ୍ଚୁଆଲ୍ ସେଲ୍ ବୈଠକରେ ଯୋଗଦାନ ସହ ରାଷ୍ଟ୍ରୀୟ ସଭାପତି ଅମିତ ଶାହାଙ୍କୁ ସାକ୍ଷାତ ଆଲୋଚନା କରିଥିଲି । ୦୨/୦୧/୨୦୧୯ ରିଖରେ ମୋର ପତ୍ରର ଏକକିତା ନକଲ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ ଦେଇଥିଲି ଓ ଏହାର ଏକକିତା ନକଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କର ଅତିରିକ୍ତ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ମାଧ୍ୟମରେ ଅବଗତ କରାଇଥିଲି ।

ନିର୍ବାଚନର କିଛିମାସ ପୂର୍ବରୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଓଡିଶାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ବିଜେପି ଉପସ୍ଥାପନା କରି ୨୦୧୯ ଲୋକସଭା ଓ ବିଧାନସଭା ନିର୍ବାଚନ ଲଢାଯାଉ ବୋଲି ଓଡିଶାରୁ ସର୍ବପ୍ରଥମେ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଅତିରିକ୍ତ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ମାଧ୍ୟମରେ ଅବଗତ କରାଇଥିଲି । କିଛିଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧର୍ମେନ୍ଦ୍ର ପ୍ରଧାନଙ୍କୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀରୁ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଭାବରେ ନିଯୁକ୍ତି ପ୍ରଦାନ, ମୋ ସହିତ ପ୍ରତ୍ୟେକ ଓଡିଆଙ୍କ ପାଇଁ ଖୁସିର ଦିନଥିଲା ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପୈତୃକ ଘର ତାଳଚେର, ବାପା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ । ତାହା ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ।

ଢେଙ୍କାନାଳ ଲୋକସଭା ସାଂସଦ ତଥାଗତ ଶତପଥି ୪ ଥର ସାଂସଦ - ଧରିତ୍ରୀ ଖବରକାଗଜ ସଂପାଦକ, ବାପା - ଦେବେନ୍ଦ୍ର ଶତପଥି - ଢେଙ୍କାନାଳର ପୂର୍ବତନ ସାଂସଦ ଓ ମା' ନନ୍ଦିନୀ ଶତପଥି - ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ।

ମୋର ବିଜେପିର ଏମ୍.ପି. ପ୍ରାର୍ଥୀ ଦରଖାସ୍ତ ପରେ ଢେଙ୍କାନାଳ ରାଜନୀତିରେ ହଠାତ୍ କି ପରିବର୍ତ୍ତନ ଘଟିଲା - ସାଂସଦ ତଥାଗତ ଶତପଥି - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ସାକ୍ଷାତକରି ସକ୍ରିୟ ରାଜନୀତିରୁ (ନିର୍ବାଚନ ରାଜନୀତିରୁ) ସନ୍ନ୍ୟାସ ଘୋଷଣା କରିଲେ, ଏହା ଓଡିଶା ରାଜନୀତିକୁ ସ୍ତବ୍ଧ କରି ଦେଇଥିଲା, କାହିଁକି ତଥାଗତ ବାବୁ ସନ୍ନ୍ୟାସ ନେଲେ ? ମୋର ବ୍ୟକ୍ତିଗତ ଭାବନା ହେଲା - ମୋ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ - ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗର ଏକ ମାଧ୍ୟମ ନୁହେଁ କି ? ବିଜେଡିରୁ ଜଣେ ଦୁର୍ବଳ ଲୋକସଭା ଏମ୍.ପି. ପ୍ରାର୍ଥୀ ଦେବାପାଇଁ ଏ ଅସମାହିତ ପ୍ରଶ୍ନର ଉତ୍ତର କେବଳ ମାନ୍ୟବର ନବୀନ ପଟ୍ଟନାୟକ ଙ୍କୁ ଜଣା ।

ପରବର୍ତ୍ତୀ ସମୟରେ ମୋତେ ବିରୋଧି କରି - କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା, କେନ୍ଦ୍ରୀୟ ପ୍ରଭାରୀ ଅରୁଣ ସିଂହ - ପୂର୍ବତନ ରାଜ୍ୟସଭା ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ (ପୂର୍ବରୁ ୫ ଥର ଢେଙ୍କାନାଳ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହୋଇ ହାରିଥିଲେ) ବିଜେପିର ପ୍ରାର୍ଥୀ ଘୋଷଣା କରିଲେ - କେନ୍ଦ୍ରୀୟ ସଭାପତି ଅମିତ ଶାହା - ଢେଙ୍କାନାଳ ଲୋକସଭା ବିଜେପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି । ଢେଙ୍କାନାଳରେ ବିଜେପି ସଭାପତି ଅମିତ ଶାହା, ଅନୁଗୁଳରେ - ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ୭ଗୋଟି ବିଧାନସଭା କ୍ଷେତ୍ରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନ ପ୍ରଚାର ସର୍ବୋପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି - ଓଡିଶାର ୮ ଲୋକସଭା ପ୍ରାର୍ଥୀଙ୍କ ପ୍ରଚାର କରିଥିଲେ ମଧ୍ୟ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକସଭା ନିର୍ବାଚନ ମଣ୍ଡଳୀ ଢେଙ୍କାନାଳକୁ ଆସିନଥିଲେ । ବିଜେଡିର ମହେଶ ସାହୁ (୪ ଥର ବିଧାୟକ) - ଢେଙ୍କାନାଳରେ ବିଜେପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କୁ ପରାଜିତ କରି ଏମ୍.ପି. ହେଲେ ପ୍ରଥମ ଥର ଭାରତୀୟ ସାଂସଦକୁ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୌଣସି ଲୋକସଭା କିମ୍ବା ବିଧାନସଭାରୁ ବିଜେପିର ପ୍ରାର୍ଥୀ ଭାବରେ ନିର୍ବାଚନ ନଲଢି ସମଗ୍ର ଓଡିଶା ପାଇଁ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ । ୨୩ ଜଣ ବିଜେପି ବିଧାୟକ ଓ ୮ ଜଣ ଲୋକସଭା ସାଂସଦ ବିଜୟୀ ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଯୋଗୁଁ ।

ଏହାଥିଲା ବିଜେପିର ଢେଙ୍କାନାଳ ଲୋକସଭା ସାଂସଦ (ଏମ୍.ପି.) ପ୍ରାର୍ଥୀ ଭାବରେ ମୋର ଲଢେଇ, ମୁଁ ହାରିଯାଇ ଥାଇପରେ ମାତ୍ର ମୋର ସ୍ୱପ୍ନ ମରିଯାଇ ନଥିଲା ।

ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟସଭା ନିର୍ବାଚନ ଭାରତୀୟ ନିର୍ବାଚନ କମିଶନ ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟର

ଖାଲି ପଡିଥିବା ଦ୍ୱିବାର୍ଷିକ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଲେ । ମୋର ରାଜ୍ୟ ଓଡିଶାର ୪ ଗୋଟି ରାଜ୍ୟସଭା ଆସନ ପାଇଁ ।

ମୋର ବ୍ୟକ୍ତିଗତ ପତ୍ରଥାଏ ତା. ୧୦/୦୨/୨୦୨୦ ରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ (ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କର ଜରିଆରେ) ଏବଂ ଏ ପତ୍ରର ଏକକିତା ନକଲ - ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ (ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି. କାର୍ତିକେୟନ ପାଣ୍ଡିଆନଙ୍କ ଜରିଆରେ) ବିଷୟ ଥିଲା - ଢେଙ୍କାନାଳ ଲୋକସଭା ବିଜେପି (ଏମ୍.ପି.) ପ୍ରାର୍ଥୀରୁ ବଚିଂତ ହେବା ପରେ ରାଜ୍ୟସଭା ସାଂସଦ ଭାବରେ ନିର୍ବାଚନ, ମାତ୍ର ଓଡିଶାରେ ୨୩ ଜଣ ବିଜେପି ବିଧାୟକ ଅଛନ୍ତି ଅନୂନ୍ୟ ୩୦ ଜଣ ବିଧାୟକ ଙ୍କ ଭୋଟ ଆବଶ୍ୟକ ।

ରାଷ୍ଟ୍ର ପ୍ରତି ମୋର ସମର୍ପଣ ଭାବ (ଇତିହାସ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାରସ୍ୱତ କୃତି ପ୍ରତି ଗଭୀର ଆସ୍ଥା ସର୍ବୋପରି ବିଜୁ ପଟ୍ଟନାୟକ ଙ୍କୁ 'ଭାରତରତ୍ନ' ସହ ବିଜେଡି ଏକ ରାଜନୈତିକ ସମୀକ୍ଷା ପୁସ୍ତକର ଲେଖକ ଭାବରେ ବିଜେପି+ବିଜେଡି ମଧ୍ୟରେ ସେତୁକାର ଭାବରେ ଚାରିଗୋଟି ରାଜ୍ୟସଭା ଆସନ ମଧ୍ୟରୁ ୧ ଗୋଟି ଆସନ ବିଜେପିକୁ ସମର୍ପଣ ।

ସୂଚନାଯୋଗ୍ୟ ବିଧାନସଭା ଓ ଲୋକସଭା ନିର୍ବାଚନ ପରେପରେ (୨୦୧୯)ରେ ତିନିଗୋଟି ରାଜ୍ୟସଭା ଆସନରୁ ୧ ଗୋଟି ଆସନ ବିଜେପି ପ୍ରାର୍ଥୀ - ଆଇ.ଏ.ଏସ୍. ପ୍ରଶାସକ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡିର ନିଃସ୍ୱାର୍ଥ ସମର୍ଥନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମରେ ପ୍ରକାଶ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶରେ ଗୋଟିଏ ଆସନ (ରାଜ୍ୟସଭା) ବିଜେପି ପ୍ରାର୍ଥୀଙ୍କୁ ଦିଆଗଲା । ଅଶ୍ୱିନୀ ବୈଷ୍ଣବ ଓଡିଶାର ଲୋକ ନହୋଇ ରାଜ୍ୟସଭା ସାଂସଦ ଭାବରେ ନିର୍ବାଚିତ ହେଲେ । ଓଡିଶାରୁ ବିଜେପିର ଜଣେ ରାଜ୍ୟସଭା ସାଂସଦ ହେଲେ ଖୁବ୍ ଆନନ୍ଦର କଥା ।

ଏହା ମଧ୍ୟରେ ମୋର ସାକ୍ଷାତ ହେଇଥିଲା - ରାଜ୍ୟ ଶାସନର ସାରଥି - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ବ୍ୟକ୍ତିଗତ ସଚିବ ଭି. କାର୍ତିକେୟନ ପାଣ୍ଡିଆନଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରେ ୩୯ତମ ବିଶ୍ୱକବି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଥିଲେ ଉଦ୍‌ଘାଟକ ତା. ୦୨/୧୦/୨୦୧୯ ବିଶ୍ୱର ୬୭ ରାଷ୍ଟ୍ରରୁ ୧୫୦୦ କବିଙ୍କ ମଧ୍ୟରେ ମୁଁ ମଧ୍ୟ ଥିଲି । ସେଠାରେ ପାଣ୍ଡିଆନଙ୍କ ପାଦ ସ୍ପର୍ଶକରି ମୁଁ ତାଙ୍କ ଆଶୀର୍ବାଦ ନେଇଥିଲି, ତାଙ୍କ ସହିତ ମୋର ୨ ବର୍ଷର ସମ୍ପର୍କ । ସେ ମୋଠାରୁ ମୋର ଭିଜିଟିଙ୍ଗ୍ କାର୍ଡ ନେଇଥିଲେ ।

ଦଳୀୟ ଅନୁଶାସନ ଅନୁଯାୟୀ ମୁଁ ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ ନଡାଙ୍କୁ ବିଜେପିରୁ ଓଡିଶାର ରାଜ୍ୟସଭା ସାଂସଦ ପାଇଁ ପ୍ରାର୍ଥିନୀ ଭାବରେ (ବିଜେଡି ସମର୍ଥନ)ରେ ଅନୁରୋଧ ପତ୍ର ଦେଇଥିଲି ତା. ୦୫/୦୩/୨୦୨୦ ଏହାର ଏକକିତା ନକଲ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ଜରିଆରେ)

ଓଡିଶାର ଅନେକ ଦାବି କେନ୍ଦ୍ରରେ ଥିଲା - ବିଜୁ ପଟ୍ଟନାୟକ ଙ୍କୁ ଭାରତରତ୍ନ ପ୍ରଦାନ, ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ତଥା ଓଡିଶା ବିଧାନସଭାରେ ପାରିତ - 'ବିଧାନ ପରିଷଦ'କୁ ନରେନ୍ଦ୍ର ମୋଦିଙ୍କ ସରକାର ଗୁରୁତ୍ୱର ସହ ବିଚାର କରନ୍ତୁ । ଏସବୁ ଦାବିକୁ ସରକାର ବିଚାର କରୁଥିଲେ ବନ୍ଧୁତାର ସହଯୋଗରେ ।

ଠିକ୍ ଏତିକିବେଳେ ମାନ୍ୟବାର ମୁଖ୍ୟମନ୍ତ୍ରୀ ବିଜେଡି ସଭାପତି ନବୀନ ପଟ୍ଟନାୟକ ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ କଥା କରାଇଥିବା ବା ନଥିବା (ରାଜ୍ୟସଭା ସାଂସଦ ପ୍ରସଙ୍ଗରେ) ଏହା ଏକ ବଡପ୍ରଶ୍ନ - କ'ଣ - ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ ଏହା ହିଁ କରାଇଥାନ୍ତି । ଏହା ହିଁ ମାନ୍ୟବର ନବୀନ ପଟ୍ଟନାୟକ ଙ୍କୁ ଜଣା - ସେ କେତେ ଜ୍ଞାତ ବା ଅଜ୍ଞାତରେ ଥିଲେ - ଅତି ତରତର ଭାବରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ୪ ଜଣ ରାଜ୍ୟସଭା ସାଂସଦଙ୍କ ନାମ - ସୁବାଷ ସିଂହ, ମୁନ୍ନା ଖାଁ, ସୁଜିତ୍ କୁମାର, ମମତା ମହାନ୍ତ ତା. ୦୭/୦୩/୨୦୨୦ ରିଖରେ ଘୋଷଣା କରିଲେ । ଯାହାକି ଓଡିଶା ରାଜନୀତି ସ୍ତମ୍ଭୀଭୂତ ହୋଇଗଲା - ବିଜେପି ଦଳ ତଥା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ନୀରବ ଥିଲେ । ମୁଁ ମାନିନେବି ଯେ ବିଜେଡି ପାଇଁ ମୋର ସେବାର ଫଳ - ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ କଥା କରାଇ ନ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ କାର୍ଯ୍ୟ କିପରି ଥିଲା ? ଏହା ଏକ ଅସମାପିକା ପ୍ରଶ୍ନ ? ଏହାର ଉତର - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡିର ମାର୍ଗଦର୍ଶିକା - ବିଜୁ ପଟ୍ଟନାୟକ ଙ୍କ କନ୍ୟା - ନବୀନ ପଟ୍ଟନାୟକ ଙ୍କ ଭଉଣୀ ଲେଖିକା ଗୀତା ମେହେଟ୍ଟାଙ୍କୁ ହୁଏତ ଜଣାଥାଇପାରେ ?

ବିଜେପି ରାଜ୍ୟ ସଭାରେ କୌଣସି ପ୍ରାର୍ଥୀ ନଦେବାରୁ ବିଜେଡିର ୪ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦୀ ଭାବରେ ବିଜୟୀ ହେଲେ ।

ସୁବାଷ ର ସ୍ୱପ୍ନ ସାଂସଦ - ଲୋକସଭା (ଢେଙ୍କାନାଳ) ବିଜେପି ପ୍ରାର୍ଥୀରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଶୀର୍ବାଦ ବିନା ପ୍ରାର୍ଥୀତ୍ୱରୁ ବଚିଂତ (ଦୀର୍ଘ ୨୦ ବର୍ଷର ବ୍ୟକ୍ତିଗତ ସମ୍ପର୍କ ମୋର ଧର୍ମେନ୍ଦ୍ର ପ୍ରଧାନଙ୍କ ଓ ତାଙ୍କ ପରିବାର ସହିତ) ।

ରାଜ୍ୟସଭା (ଓଡିଶା)ରୁ ବିଜେପି ପ୍ରାର୍ଥୀ ଭାବେ ବିଜେଡି ସମର୍ଥନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସାରଥି - ଓଡିଶାର ବିଶ୍ୱକର୍ମୀ - ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ ଆଶୀର୍ବାଦ ବିନା ପ୍ରାର୍ଥୀତ୍ୱରୁ ବଚିଂତ ।

ପ୍ରଭୁ ଜଗନ୍ନାଥଙ୍କର ପାଖରେ ମୋର ଏତିକି ପ୍ରାର୍ଥନା - ଭାରତ ତଥା ଓଡିଶା ମାଟିର ସେବା କରିବାପାଇଁ ଜନ ସମୁଦ୍ରରେ ମୁଁ ମାତ୍ର ଗୁଣ୍ଡୁଚିମୂଷାଟିଏ ଥିଲି - ଓଡିଶାର ବର୍ତମାନର ଦୁଇ ବିକାଶ ପୁରୁଷ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ ସେ ଶକ୍ତି ପ୍ରଦାନ କରିଲୁ, ଭାରତବର୍ଷରେ ଓଡିଶାକୁ ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାପାଇଁ ।

ସୁବାଷର ସ୍ୱପ୍ନ - ସାଂସଦ (ଏମ୍.ପି.) ଢେଙ୍କାନାଳ ଲୋକସଭା, ଓଡିଶାରୁ ରାଜ୍ୟସଭା ସାଂସଦ ପ୍ରାର୍ଥୀରୁ ବଚିଂତ ହେବା ପରେ ସ୍ୱପ୍ନଥାଏ - ଭାରତର ମହାମହିମ ରାଷ୍ଟ୍ରପତିଙ୍କର ମନୋନୀତ ସାଂସଦ ରାଜ୍ୟସଭାକୁ ଠିକ୍ ଏହି ସମୟରେ ବରିଷ୍ଠ ଓକିଲ କେଟିଏସ୍ ତୁଳସୀ ଅବସର ନେଇଥାନ୍ତି ୨୨/୦୨/୨୦୨୦ (୬ ବର୍ଷ ସାଂସଦ ପୂର୍ଣ୍ଣକରି) ।

ମୁଁ ବ୍ୟକ୍ତିଗତ ଭାବରେ ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭାରତର ନାଗରିକ ଭାବରେ ପତ୍ରଦେଲି - ମୋର ଓଡିଆ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଆପଣଙ୍କ ମନୋନୀତ ସାଂସଦ (ରାଜ୍ୟସଭା) ବିଚାରକୁ ନିଅନ୍ତି ତା. ୧୨/୦୩/୨୦୨୦ ରିଖରେ, ଏହାର ଏକକିତା ନକଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ (ପ୍ରଧାନମନ୍ତ୍ରୀଙ୍କ ପ୍ରଧାନସଚିବ ଡକ୍ଟର ପି.କେ. ମିଶ୍ରଙ୍କ ଜରିଆରେ) ମାତ୍ର ପତ୍ର ପହଚିଂବା ପୂର୍ବରୁ (ଡାକଯୋଗେ) - ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କୁ ମହାମହିମ ରାଷ୍ଟ୍ରପତି ମନୋନୀତ କରିଲେ ରାଜ୍ୟସଭାକୁ - ଗୃହ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଗେଜେଟ୍ ନୋଟିଫିକେସନ୍ ସଂଖ୍ୟା - 984/ 16/03/2020 ରିଖରେ । ଏ ଘଟଣାଟି ମୋର ହୃଦୟକୁ ଖୁବ୍ ବାଧିଥିଲେ ମଧ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ (ମୁଁ ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନ ସମୟରେ ଓଡିଶା ଗେଷ୍ଟ୍ ହାଉସ୍‌ରେ ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ସାକ୍ଷାତକରି ତାଙ୍କ ପାଦ ସ୍ପର୍ଶକରି ଆଶୀର୍ବାଦ ନେଇଥିଲି) । ମୁଁ ସମ୍ମାନ ଜଣାଇ ରଞ୍ଜନ ଯୋଗେଇଙ୍କୁ ଟ୍ୟୁଟରରେ ଅଭିନନ୍ଦନ ଜଣାଇଲି ।

ସୁବାଷର ସ୍ୱପ୍ନ ସାଂସଦ (ଏମ୍.ପି.) ଧୂଳିସାତ୍ ହୋଇଗଲା ସତ ମାତ୍ର ମୋର ହୃଦୟର ସ୍ପନ୍ଦନ କହୁଛି - ମୁଁ ହାରିନାହିଁ ଜିତିବି ନିଶ୍ଚିତ । ମୋର କର୍ମ ବୃଥା ଯିବନାହିଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ପ୍ରଧାନମନ୍ତ୍ରୀଙ୍କ ପ୍ରଧାନସଚିବ ଓଡିଆ ପୁଅ ଡକ୍ଟର ପି.କେ. ମିଶ୍ର - ଶାସ୍ତ୍ରୀୟ ଓଡିଆ ସାହିତ୍ୟକୁ ମର୍ଯ୍ୟାଦା ପ୍ରଦାନ କରିବେ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଅଧ୍ୟାପକ, ଗବେଷକ, ସାହିତ୍ୟିକର ସମ୍ମିଶ୍ରଣରେ ପ୍ରଫେସର ପଦବୀ, ଯାହାକି ବିଶ୍ୱର ସର୍ବଶ୍ରେଷ୍ଠ ପଦବୀ - ପ୍ରଫେସର ମାନେ ମାନବ ସମାଜରେ ସମସ୍ତଙ୍କୁ ପ୍ରତିଷ୍ଠା କରାଇଥାନ୍ତି । ମୁଁ ଜଣେ ପ୍ରଫେସର ଭାବରେ ନିଜକୁ ଧନ୍ୟମନେ କରୁଛି । ମୋ ମାତୃଭାଷା - ଶାସ୍ତ୍ରୀୟ ଓଡିଆ ସାହିତ୍ୟର ବିକାଶରେ ମୁଁ ଜଣେ ସାହିତ୍ୟ ସେବକ । ମୋର ଆଶା ଓ ବିଶ୍ୱାସ ଜଗତର ନାଥ ଜଗନ୍ନାଥଙ୍କ ଆଶୀର୍ବାଦ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଶୀର୍ବାଦରେ ପ୍ରଫେସର ସୁବାଷ ନାୟକ - ତା'ର ଜୀବନ ସ୍ୱପ୍ନ ସାଂସଦ (ଏମ୍.ପି.) ହେବ ଏ ଆଶା ଓ ବିଶ୍ୱାସ ରହିଛି ।

ମୋର ଏହି ଗଳ୍ପ ସଂକଳନ - "ମାଟିର ମଣିଷ" - ପ୍ରଫେସର ସୁବାଷ ନାୟକ - (ଏକ ଆତ୍ମଜୀବନୀ)ରେ ମୋ ଜୀବନର ନିଛକ ପ୍ରତିଛବି ୧୨ ଗୋଟି ଗଳ୍ପ ସ୍ଥାନୀତ ହୋଇଛି । ଓଡିଆ ଗଳ୍ପ ସାହିତ୍ୟର ବିକାଶଧାରାରେ ଏହା ସହାୟକ ହେଇପାରିବ । ପାଠକ ଓ ପାଠିକା ଙ୍କ ଦ୍ୱାରା ସୁଖପାଠ୍ୟ ହୋଇପାରିଲେ ମୋ ଶ୍ରମ ସାର୍ଥକ ହେବ । ଏଥିରେ ସୁବାଷର ସ୍ୱପ୍ନ ସାଂସଦ (ଏମ୍.ପି.) ଏକ ଗଳ୍ପ ।

## ସୁବାଷ ଙ୍କ ଇଚ୍ଛା - ବିଶ୍ୱବିଦ୍ୟାଳୟ - ପ୍ରଫେସର

ଦୀର୍ଘ ଦୁଇ ଦଶନ୍ଧି ଧରି ଓଡିଆ ସାହିତ୍ୟ ର ଜଣେ ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ସୁବାଷ କାର୍ଯ୍ୟରତ । ଉଚ୍ଚ ମାଧ୍ୟମିକ ଶିକ୍ଷା (ଜୁନିୟର କଲେଜ) ସ୍ନାତକ (ଗ୍ରାଜୁଏଟ୍) ଶିକ୍ଷା ଡିଗ୍ରୀ କଲେଜରେ ଓଡିଆ ଭାଷା ଓ ସାହିତ୍ୟ ର ଅଧ୍ୟାପକ ସହିତ କଲେଜର ପ୍ରିନିସ୍‌ପାଲ ପଦବୀରେ ଜଣେ ଶିକ୍ଷା ପ୍ରଶାସକ ଭାବରେ କାର୍ଯ୍ୟରତ । ପ୍ରଫେସର ଭାବରେ ପୋଷ୍ଟ ଗ୍ରାଜୁଏଟ୍ (ପିଜି) - ଓଡିଆ ସାହିତ୍ୟ ଶିକ୍ଷାର୍ଥୀଙ୍କୁ ପାଠପଢା ସହିତ ଅଧିନ ଗବେଷକ (ପିଏଚ୍.ଡି.) ନିଜ ଅଧିନରେ ଶିକ୍ଷାଦାନ ସହ ଏକ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀରେ କାର୍ଯ୍ୟପାଇଁ ପ୍ରଚେଷ୍ଟାରତ । ୧୫ଟି ସାହିତ୍ୟ ପୁସ୍ତକ, ୬୦ଟି ଗବେଷଣା ପତ୍ର ଓ ୪୦ଟି ସେମିନାର କାର୍ଯ୍ୟ ସୁବାଷ ଙ୍କ ପରିଚୟ ।

**କ୍ରମଶଃ ...**

## ଫଟୋ ସ୍ମୃତିରେ ପ୍ରଫେସର ସୁବାଷ ନାୟକ




୩୯ତମ ବିଶ୍ୱକବି ସମ୍ମିଳନୀ, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ
ଭାରତର ମହାମହିମ ଉପରାଷ୍ଟ୍ରପତି ଶ୍ରୀ ଭେଙ୍କୟା ନାଇଡୁ ଙ୍କ ସହିତ
ପ୍ରଫେସର ସୁବାଷ ନାୟକ ଙ୍କ ଆଲୋଚନା ।



କର୍ମଗୁରୁ ଅଧ୍ୟାପକ ତ୍ରିଦେବ ବେହେରା
(ଚେୟାରମ୍ୟାନ୍ - ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟ୍ୟୁଟସନ୍, ଟାଙ୍ଗୀ, କଟକ)
ଙ୍କ ସହିତ ପ୍ରଫେସର ସୁବାଷ ନାୟକ ।



ଭାରତର ପୂର୍ବତନ ଅର୍ଥମନ୍ତ୍ରୀ ପଦ୍ମବିଭୂଷଣ ଶ୍ରୀ ଅରୁଣ ଜେଟ୍‌ଲୀ ଙ୍କ
ସହିତ ପ୍ରଫେସର ସୁବାଷ ନାୟକ ।



ଓଡିଶାର ମହାମହିମ ରାଜ୍ୟପାଳ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି
ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ପ୍ରଫେସର ସୁବାଷ ନାୟକ
ତାଙ୍କ ଡି.ଲିଟ୍. ରିସର୍ଚ୍ଚ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ
ପ୍ରସଙ୍ଗରେ ପ୍ରକାଶିତ ପତ୍ରିକାକୁ ରାଜଭବନରେ ପ୍ରଦାନକରି ଆଲୋଚନା କରୁଛନ୍ତି ।



ପ୍ରଫେସର ସୁବାଷ ନାୟକ ଙ୍କ ବିଜେଡି ପୁସ୍ତକ
ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରୁଛନ୍ତି ।



ପଦ୍ମଭୂଷଣ ପ୍ରଫେସର ମନୋଜ ଦାସଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



ପଦ୍ମଶ୍ରୀ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



ପଦ୍ମଭୂଷଣ କବି ରମାକାନ୍ତ ରଥଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



ପଦ୍ମଭୂଷଣ ରସ୍କିନ୍ ବଣ୍ଡଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



ପଦ୍ମବିଭୂଷଣ କବି ସୀତାକାନ୍ତ ମହାପାତ୍ର ଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।






ପଦ୍ମବିଭୂଷଣ ଶିଳ୍ପୀ ରଘୁନାଥ ମହାପାତ୍ର ଓ
ପଦ୍ମଶ୍ରୀ କବି ଜୟନ୍ତ ମହାପାତ୍ର ଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।




ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳାଧିପତି/
ଓଡିଶାର ମହାମହିମ ରାଜ୍ୟପାଳଙ୍କ ଠାରୁ
ସୁବାଷ ନାୟକ ପିଏଚ୍.ଡି. ଉପାଧି ଗ୍ରହଣ କରୁଛନ୍ତି ।




ନୋବେଲ୍ ପୁରସ୍କାରପ୍ରାପ୍ତ ଭାରତୀୟ କୈଳାସ ସତ୍ୟାର୍ଥୀ ଓ
ନୋବେଲ୍ ପୁରସ୍କାରପ୍ରାପ୍ତ ଆମେରିକାନ୍ ପ୍ରଫେସର ଏଷ୍ଟନ କହନ ଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



ବିଜେପି ରାଷ୍ଟ୍ରୀୟ ସଭାପତି ଅମିତ୍ ଶାହାଙ୍କ ସହିତ
ଏକ ଇଣ୍ଟେଲଚ୍ୟୁଆଲ୍ ମିଟିଙ୍ଗ୍‌ରେ ପ୍ରଫେସର ସୁବାଷ ନାୟକ ।



ପ୍ରଫେସର ସୁବାଷ ନାୟକ ଙ୍କ
ବିବାହ ଉତ୍ସବରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ୍ ।



ପ୍ରଫେସର ସୁବାଷ ନାୟକ ଓ ପତ୍ନୀ - ତୁଳସୀ ସାହୁ,
କନ୍ୟା - ଲକି ।



ଚୈତନ୍ୟ ଡିମଣ୍ଡ ବିଶ୍ୱବିଦ୍ୟାଳୟ, ଓ୍ୱାରଙ୍ଗଲ, ତେଲେଙ୍ଗାନା ର
କୁଳପତି ପ୍ରଫେସର ଜି. ଦାମୋଦର ଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



ଧର୍ମପତ୍ନୀ ତୁଳସୀ ସାହୁଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



ସମଗ୍ର ନାୟକ ପରିବାର ସହିତ
ପ୍ରଫେସର ସୁବାଷ ନାୟକ ।



ଶ୍ରୀରାମ ପରିବାରରେ
ପ୍ରଫେସର ସୁବାଷ ନାୟକ ।



ପ୍ରଫେସର ସୁବାଷ ନାୟକ ଙ୍କ
ବିବାହ ଉସ୍ବରେ ଶ୍ରୀରାମ ପରିବାର ।



ସମଗ୍ର ଶ୍ରୀରାମ ପରିବାରରେ
ପ୍ରଫେସର ସୁବାଷ ନାୟକ ।



ପ୍ରଫେସର ସୁବାଷ ନାୟକ ଙ୍କ ଜୀବନ
କନ୍ୟାରତ୍ନା ତେଜସ୍ୱିନୀ ନାୟକ (ଲକି) ।



ପ୍ରଫେସର ସୁବାଷ ନାୟକ
ତାଙ୍କ ଗୁରୁଦେବ ପ୍ରଫେସର ଆଦିକନ୍ଦ ସାହୁ ।




ପ୍ରଫେସର ସୁବାଷ ନାୟକ - ପ୍ରତିଷ୍ଠାତା ସଭାପତି
ତେୟାନବେ ମାଟ୍ରିକ୍ ଭୁବନ ଛାତ୍ର ସଂସଦ ।



ପ୍ରଫେସର ସୁବାଷ ନାୟକ ଙ୍କ ସହିତ
ବାପା - ରାମଚନ୍ଦ୍ର ନାୟକ ଓ ମା' - ଭାରତୀ ନାୟକ ।



କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା
ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ଙ୍କ ସହିତ
କାଦମ୍ବିନୀ ପତ୍ରିକାର ଜାତୀୟ ଲେଖକ ସମ୍ମିଳନୀରେ
ପ୍ରଫେସର ସୁବାଷ ନାୟକ ଓ ଧର୍ମପତ୍ନୀ - ତୁଳସୀ ସାହୁ ।



ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ
ଓ ବିଶିଷ୍ଟ ସାହିତ୍ୟିକ ଜାନକୀ ବଲ୍ଲଭ ପଟ୍ଟନାୟକ ଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



ଡକ୍ଟର ମାୟୁସ୍ ୟୌଙ୍ଗ - ସଭାପତି - ବିଶ୍ୱକବି ସମ୍ମିଳନୀ
(ୱାର୍ଲଡ୍ ଏକାଡେମୀ ଅଫ୍ ଆର୍ଟ ଆଣ୍ଡ କଲଚର) ଙ୍କ ସହିତ
ପ୍ରଫେସର ସୁବାଷ ନାୟକ ।



**କଲମରୁ .....**

ପ୍ରଫେସର ସୁବାଷ ନାୟକ, ଭାରତ ର ମୁକ୍ତି ସଂଗ୍ରାମରେ କିଶୋର ଶହୀଦ୍ ବାଜି ରାଉତ ଙ୍କ ଜନ୍ମମାଟି ତଥା ଏସିଆ ମହାଦେଶର ସର୍ବବୃହତ୍ତ ଗ୍ରାମ ଭୁବନ ବର୍ତ୍ତମାନର ଭୁବନ ସହର ର ବିଶିଷ୍ଟ କାଠଶିଳ୍ପୀ ବାପା ଶ୍ରୀ ରାମଚନ୍ଦ୍ର ନାୟକ ଓ ମା’ ଭାରତୀ ଦେବୀ ଙ୍କ ସୁଯୋଗ୍ୟ ସନ୍ତାନ । ଜଣେ ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜ୍ଜନ କରିଥିବା ଅନେକ ଓଡିଆଙ୍କ ମଧ୍ୟରୁ ଅନ୍ୟତମ ।

ଜଣେ ଶିକ୍ଷାନୁରାଗୀ ପ୍ରଫେସର ଭାବରେ ଓଡିଶା ଶିକ୍ଷାଜଗତ ର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍ସ, ଟାଙ୍ଗୀ, କଟକସ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁମୋଦିତ ତ୍ରିଦେବ ଡିଗ୍ରୀ କଲେଜ ର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ର ଆସିଷ୍ଟାଣ୍ଟ ପ୍ରଫେସର ସହ ଭାଇସ୍ ପ୍ରିନ୍ସିପାଲ୍ ଓ ପ୍ରିନ୍ସିପାଲ୍ ପଦବୀରେ କାର୍ଯ୍ୟରତ ସହିତ ଅନେକ ଶିକ୍ଷାର୍ଥୀ ସମାଜରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ଜଣେ ପ୍ରଫେସର ଭାବରେ ୪୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ଆନ୍ତର୍ଜାତୀୟ ସେମିନାର, ୱେବିନାର, କନ୍‌ଫରେନ୍ସ, ୱାର୍କସପ୍ ରେ ଯୋଗଦାନ ସହିତ ମାନପତ୍ର ପ୍ରାପ୍ତ ।

ଜଣେ କୃତି ସାହିତ୍ୟିକ ଭାବରେ ୧୫ଗୋଟି ପୁସ୍ତକର ସ୍ରଷ୍ଟା, ଯଥା - “ପ୍ରିୟା” - (ଏକ କାବ୍ୟ ସାହିତ୍ୟ), “ବିଜେଡି” - (ଏକ ରାଜନୈତିକ ସମୀକ୍ଷା ସାହିତ୍ୟ), “ସୃଜନପ୍ରଭା - ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା” - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ), “ସାରସ୍ୱତସାଧିକା ନନ୍ଦିନୀ ଶତପଥୀ” - (ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ), ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାବ୍ୟ ମାନସ “ଏକ ଯାତ୍ରା” - (ଏକ ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦ ସାହିତ୍ୟ), “ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ - ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ” - (ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ), “ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା” - (ଏକ ଜୀବନୀ ସାହିତ୍ୟ), “ଅସ୍ତମିତ ସୂର୍ଯ୍ୟ - ବାବାଜୀ” - (ଏକ ସାମାଜିକ ନାଟ୍ୟ ସାହିତ୍ୟ), “ଭାରତୀ ଦେବୀ” - (ଏକ ନାରୀ କେନ୍ଦ୍ରିକ ଉପନ୍ୟାସ ସାହିତ୍ୟ), “ପଥହରା ପଥିକ” - (ଏକ ଗଳ୍ପ ସାହିତ୍ୟ), ନରେନ୍ଦ୍ର ମୋଦିଙ୍କ କାବ୍ୟ ମାନସ “ଏକ ଯାତ୍ରା” - ଭାରତୀୟ ସାହିତ୍ୟରେ ପ୍ରତିଫଳନ - (ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ), ନରେନ୍ଦ୍ର ମୋଦିଙ୍କ କାବ୍ୟ ମାନସ “ଏକ ଯାତ୍ରା” - ବିଶ୍ୱ ସାହିତ୍ୟରେ ପ୍ରତିଫଳନ - (ଏକ ଉଚ୍ଚତର ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ), “ଦେବୀ ମା’ଙ୍କୁ ଚିଠି - ନରେନ୍ଦ୍ର ମୋଦିଙ୍କ କାବ୍ୟାଞ୍ଜଳି”- (ଏକ ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦ ସାହିତ୍ୟ), “ସୃଜନଧାରା - ଓଡିଆ ସାହିତ୍ୟ ର ସାଧକ ଓ ସାଧନା” - (ଏକ ସୃଜନଶୀଳ ପ୍ରବନ୍ଧ ସାହିତ୍ୟ), “ମାଟିର ମଣିଷ - ପ୍ରଫେସର ସୁବାଷ ନାୟକ” - (ଏକ ଆତ୍ମଜୀବନୀ), ଯାହାକି ଶାସ୍ତ୍ରୀୟ ଓଡିଆ ସାହିତ୍ୟ, ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟ ପାଇଁ ଏକ ଉଲ୍ଲେଖନୀୟ ସାହିତ୍ୟ ରଚନାରେ ସାଧନାରତ ।

ଜଣେ ସଫଳ ଗବେଷକ ଭାବରେ “ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥୀ ଙ୍କ ଅବଦାନ” ପ୍ରସଙ୍ଗରେ ଗବେଷଣାତ୍ମକ ସନ୍ଦର୍ଭ ଲେଖି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିପ୍ରାପ୍ତ । ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା - ପୋଷ୍ଟ-ଡକ୍ଟରାଲ୍/ ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ପ୍ରସଙ୍ଗ - “ଓଡିଆ ସାହିତ୍ୟ ର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟ ର କବି ନରେନ୍ଦ୍ର ମୋଦି ଙ୍କ କାବ୍ୟ ଜଗତ - ଏକ ଅଧ୍ୟୟନ” ଉପରେ ସ୍ୱତନ୍ତ୍ରାବଧାରକ (ସେଲଫ୍ ଗାଇଡ଼ି) ଭାବରେ ଗବେଷଣା ପାଇଁ ପ୍ରସ୍ତୁତିରତ । ୬୦ରୁ ଊର୍ଦ୍ଧ୍ୱ ଗବେଷଣାତ୍ମକ ସନ୍ଦର୍ଭ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିବା ସହିତ ଅନେକ ପ୍ରକାଶନ ଅପେକ୍ଷାରେ । ନିଜ ଅଧିନରେ ଗବେଷଣା (ପିଏଚ୍.ଡି.) ଶିକ୍ଷାର୍ଥୀଙ୍କ ଗାଇଡ୍ ଭାବରେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟାରମ୍ଭ ପାଇଁ ପ୍ରୟାସରତ ।

ସମାଜର ବିଭିନ୍ନ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡିତ ତଥା ସମ୍ମାନପ୍ରାପ୍ତ । ତନ୍ମଧ୍ୟରୁ ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମିଳନୀ, ଓଡିଶା ଓ ଉତ୍କଳ ସାହିତ୍ୟ ସମାଜ ତଥା ଓଡିଆ ଗବେଷଣା ପରିଷଦର ଆଜୀବନ ସଦସ୍ୟ ଭାବରେ କାର୍ଯ୍ୟରତ ଏବଂ ୟୁଜିସି ସାରସ୍ୱତ ପତ୍ରିକା - “ରକ୍ ପେବୁଲ୍” ଓ ଓଡିଆ ସାରସ୍ୱତ ପତ୍ରିକା - “ଜନସୁଧା” ର ଆଜୀବନ ସଦସ୍ୟ ରୂପେ ସାହିତ୍ୟାନୁରାଗୀ । ଆନ୍ତର୍ଜାତୀୟ କଳା ଓ ସଂସ୍କୃତି ପରିଷଦର ୩୯ତମ ବିଶ୍ୱକବି ସମ୍ମିଳନୀ ୨୦୧୯ (କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର) ଅଖିଳ ଭାରତୀୟ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ ଶିକ୍ଷକ ସଂଗଠନର ଜାତୀୟ ସମ୍ମିଳନୀ - ୨୦୧୯ (ଏକାମ୍ର କଲେଜ, ଭୁବନେଶ୍ୱର) ଏବଂ ୟୁଜିସି ସାରସ୍ୱତ ପତ୍ରିକାର “ରକ୍ ପେବୁଲ୍” ର ଜାତୀୟ ସେମିନାର - ୨୦୧୯ (ବ୍ୟାସନଗର କଲେଜ, ଯାଜପୁର ରୋଡ)ରୁ ସାରସ୍ୱତ ମାନପତ୍ର ପ୍ରାପ୍ତ । ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ (ଜିଲ୍ଲା ମହୋତ୍ସବ)ରୁ କବି ସମ୍ମାନପ୍ରାପ୍ତ ତଥା ଜଗତସିଂହପୁର ର ପ୍ରତିଭା ଅନ୍ୱେଷଣ, ବିରିଡି ଅନୁଷ୍ଠାନରୁ ପ୍ରତିଭା ସମ୍ମାନପ୍ରାପ୍ତ । ଓଡିଶା ସାହିତ୍ୟ ଏକାଡେମୀ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଶାସ୍ତ୍ରୀୟ ଓଡିଆ ଭାଷା ଜାତୀୟ ଆଲୋଚନା ଚକ୍ର ଓ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଜାନୁୟାରୀ - ୨୦୨୦ ଏବଂ ୟୁଜିସି - କେୟାର ସାରସ୍ୱତ ପତ୍ରିକା “ରକ୍ ପେବୁଲ୍” - ସାରସ୍ୱତ ସନ୍ଦର୍ଭ (ଜାନୁୟାରୀ - ୨୦୨୦) ଉପସ୍ଥାପନା ଯୁକ୍ତ ମାନପତ୍ର ପ୍ରାପ୍ତ । ବିଦ୍ୟାଳୟର ପ୍ରଥମ ପାହାଚ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ସଫଳ ଶିକ୍ଷାର୍ଥୀ ଭାବରେ (ଜାନୁୟାରୀ - ୨୦୨୦) ମାନପତ୍ର ପ୍ରାପ୍ତ । ବାଣୀ ସାହିତ୍ୟ ସଂସଦ, ଭୁବନରୁ ବାଣୀ ସମ୍ମାନପ୍ରାପ୍ତ ତଥା ଓଡିଶା ସାମ୍ବାଦିକ ସଂଘ (କଟକ ଜିଲ୍ଲା ସମ୍ମିଳନୀ - ଟାଙ୍ଗୀ - ଚୌଦ୍ୱାର - ୨୦୨୦)ରୁ ଶିକ୍ଷା ପ୍ରଶାସକ ମାନପତ୍ର ପ୍ରାପ୍ତ ।

ଭାରତୀୟ ଶିକ୍ଷା ନୀତି (ଜାତୀୟ ଶିକ୍ଷା ନୀତି - ୨୦୨୦) ପ୍ରସଙ୍ଗରେ ଆନ୍ତର୍ଜାତୀୟ ୱେବିନାର - କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର - ଅଗଷ୍ଟ - ୨୦୨୦ ତଥା ଭର୍ଚ୍ୟୁଆଲ୍ କନ୍‌ଫରେନ୍ସ - ୱାର୍ଲଡ ଏକାଡେମୀ ଅଫ୍ ଆକାଡେମିକ୍ ଡକ୍ଟର (ଆମେରିକା) - ଅକ୍ଟୋବର - ୨୦୨୦ ଓ ଇ-ୱାର୍କସପ୍ - ରିସର୍ଚ୍ଚ ମୋଥୋଡଲୋଜି ଓ ପବ୍ଲିକେଶନ୍ ଏଥିକ୍ - ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ), ନୂଆଦିଲ୍ଲୀ - ଅକ୍ଟୋବର - ୨୦୨୦ରେ ସକ୍ରିୟ ଅଂଶଗ୍ରହଣ ଓ ମାନପତ୍ରପ୍ରାପ୍ତ ।

ଧର୍ମପତ୍ନୀ ତୁଳସୀ ସାହୁ (ଟିକି) ଓ କନ୍ୟାରତ୍ନ ତେଜସ୍ୱିନୀ ନାୟକ (ଲକି) ଙ୍କୁ ନେଇ ପ୍ରଫେସର ସୁବାଷ ନାୟକ ଙ୍କ ସଂସାର ।

**ଗୁଣମୁଗ୍ଧ ସାହିତ୍ୟସେବକ**



**(ପ୍ରଫେସର ଡକ୍ଟର ସୁବାଷ ନାୟକ)**

**www.professorsubashnayak.com**

This document was created with the Win2PDF “print to PDF” printer available at
http://www.win2pdf.com

This version of Win2PDF 10 is for evaluation and non-commercial use only.

This page will not be added after purchasing Win2PDF.

http://www.win2pdf.com/purchase/